

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୦୩ ଭୁବନେଶ୍ୱର ଶନିବାର, ଡ଼ିସେମ୍ବର ୨୧.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.103 Bhubaneswar, Saturday, December 21, 2024


## ବର୍ଷା -ଶୀତରେ ଜନଜୀବନ ଅସ୍ତବ୍ୟସ୍ତ



ଭୁବନେଶ୍ୱର,୨୦/୧୨ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଅବପାତରେ ପରିଣତ ହେବା ପରେ ଏହା ଉତ୍ତର-ଉତ୍ତରପୂର୍ବ ଦିଗକୁ ଗତି କରିବ ଏବଂ ତା'ପରବର୍ତ୍ତୀ ୨୪ ଘଣ୍ଟା ଯାଏ ସେହି ଅବପାତ ହୋଇ ରହିବ । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବର୍ଷା ଲାଗି ରହିଥିବା ବେଳେ ଆସନ୍ତାକାଲି ମଧ୍ୟ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଅନେକ ସ୍ଥାନରେ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତାକାଲି ବା ୨୧ ତାରିଖ ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସହିତ ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟ ସବୁ ସ୍ଥାନରେ ପାଗ ଶୁଖିଲା ରହିବାର ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି । ୨୨ ତାରିଖ ସକାଳ ସାଢ଼େ ୮ଟାରୁ ରାଜ୍ୟର ସବୁ ଜିଲ୍ଲାରେ ପାଗ ଶୁଖିଲା ରହିପାରେ ବୋଲି ପୂର୍ବାନୁମାନ କରିଛି ବିଭାଗ । ସେହିପରି ଆଗାମୀ ୩ ଦିନରେ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ତା'ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ୨-୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି । ଆଜି ସୁନ୍ଦରଗଡ଼ ଓ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ଝାରସୁଗୁଡ଼ା, ବୌଦ୍ଧ ଓ ଜଗତସିଂହପୁରରେ ୧୪, ବାରିପଦା, ନୂଆପଡ଼ା, ଫୁଲବାଣୀ ଓ କୋରାପୁଟରେ ୧୫, କେନ୍ଦୁଝର ଓ ଅନୁଗୋଳରେ ୧୬, ଭଦ୍ରକ, କେନ୍ଦ୍ରାପଡ଼ା, ଦେବଗଡ଼, ବରଗଡ଼ ଓ ବାଲେଶ୍ୱର ୧୭, କଟକ, ଢେଙ୍କାନାଳ, ଯାଜପୁର, କଟକ, ନୟାଗଡ଼, ଟିଟିଲାଗଡ଼, ଭବାନୀପାଟଣା, ଖୋର୍ଦ୍ଧା ଓ ବଲାଙ୍ଗିରରେ ୧୮ ଡିଗ୍ରୀ ସେଲ୍‌ସିୟସ ରହିପାରେ । ସେହିଭଳି ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିପାରେ । ୨୧ ତାରିଖରେ ସୁନ୍ଦରଗଡ଼ ଓ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରହିପାରେ । ସେହିପରି ବୌଦ୍ଧ, ଝାରସୁଗୁଡ଼ା ଓ ଜଗତସିଂହପୁରରେ ୧୪ ଡିଗ୍ରୀ, ବାରିପଦା, ଫୁଲବାଣୀ, କୋରାପୁଟ ଓ ନୂଆପଡ଼ାରେ ୧୫ ଡିଗ୍ରୀ, କେନ୍ଦୁଝରଗଡ଼ ଓ ଅନୁଗୋଳରେ ୧୬, ବରଗଡ଼, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ନୟାଗଡ଼ ଓ ବାଲେଶ୍ୱରରେ ୧୭ ଏବଂ ଯାଜପୁର, ଢେଙ୍କାନାଳ, କଟକ, ବଲାଙ୍ଗିର, ଟିଟିଲାଗଡ଼ ଓ ଖୋର୍ଦ୍ଧାରେ ୧୮ ଡିଗ୍ରୀ ସେଲ୍‌ସିୟସ ରହିପାରେ । ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିପାରେ । ୨୪ ତାରିଖରେ ରାଉରକେଲାର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀକୁ ଖସିପାରେ । ସେହିଭଳି ସୁନ୍ଦରଗଡ଼ରେ ୧୧ ଡିଗ୍ରୀ ଏବଂ ଝାରସୁଗୁଡ଼ା, ବାରିପଦା, ବୌଦ୍ଧ, ଫୁଲବାଣୀ ଓ ଜଗତସିଂହପୁରରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀକୁ ଖସିବାର ସମ୍ଭାବନା ରହିଛି । ଅନୁଗୋଳ, ନୂଆପଡ଼ା ଓ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀକୁ, ବାଲେଶ୍ୱରରେ ୧୫ ଡିଗ୍ରୀକୁ, କଟକରେ ୧୭ ଓ ଭୁବନେଶ୍ୱରରେ ୧୮ ଡିଗ୍ରୀକୁ ହ୍ରାସ ପାଇପାରେ । ଗତ ୨୪ ଘଣ୍ଟାରେ ସବୁଠୁ ଅଧିକ ଶୀତ ଅନୁଭୂତ ହୋଇଥିଲା ସୁନ୍ଦରଗଡ଼ରେ । ଏଠାରେ ସର୍ବନିମ୍ନ ତାପମାତ୍ରା ୧୦.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।

# ଆଳୁ ସଙ୍କଟ ସରକାର ନିରବଦ୍ରଷ୍ଟା

ଭୁବନଶ୍ୱର,୨୦/୧୨ (ନି.ପ୍ର): ରାଜ୍ୟରେ ପୁଣିଥରେ ଉତ୍କଟ ହେଲା ଆଳୁ ସଙ୍କଟ । ପଶ୍ଚିମବଙ୍ଗରୁ ଓଡିଶାକୁ ଚୋରା ବାଟରେ ଆସୁଥିବା ଆଳୁ ବି ଏବେ ବନ୍ଦ ହୋଇଯାଇଛି । ପଶ୍ଚିମବଙ୍ଗ ବ୍ୟବସାୟୀ ଆଳୁ ଟ୍ରକ ପିଛା ମନଇଚ୍ଛା ଦର ନେବାରୁ ଓଡ଼ିଶାର ବ୍ୟବସାୟୀ ପଶ୍ଚିମବଙ୍ଗରୁ ଆଳୁ ନ ଆଣିବାକୁ ନେଇଛନ୍ତି କଠୋର ନିଷ୍ପତ୍ତି । ପଶ୍ଚିମବଙ୍ଗ ପାଇଁ ଆଳୁ ଦର କୁଇଣ୍ଟାଲ ପିଛା ୨୮୦୦ ଟଙ୍କା ଫିକ୍ସ କରାଯାଇଛି । କିନ୍ତୁ ପଶ୍ଚିମବଙ୍ଗ ବ୍ୟବସାୟୀ ତିନି ହଜାର ଟଙ୍କା ରେଟ ରଖିଛନ୍ତି । ଯାହାକି ଓଡିଶା ବ୍ୟବସାୟୀ ମହାସଂଘ ଗ୍ରହଣ କରିନାହିଁ । ୨୮୦୦ ଭିତରେ ଦେବ ଦିଅ ନ ହେଲେ ଆଦୌ ଆଳୁ ଦିଅ ନାହିଁ ବୋଲି ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ଜଣାଇଦେଇଛି ବ୍ୟବସାୟୀ ମହାସଂଘ ।ପଶ୍ଚିମବଙ୍ଗରୁ ଚୋରା ବାଟରେ ଆଳୁ ଯେଉଁମାନେ ଆଣୁଛନ୍ତି ଅନେକ ମିଛ କହୁଛନ୍ତି । ଯାହାଦ୍ୱାରା ଖାଉଟିଙ୍କ ଉପରେ ଆର୍ଥିକ ବୋଝ ପଡୁଛି । ଏହାକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଲେ ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା । ବର୍ତ୍ତମାନ ସରକାରଙ୍କ ପକ୍ଷରୁ କୌଣସି ସହଯୋଗ ଆଶା କରାଯାଉ ନାହିଁ ବୋଲି କହି ସରକାରଙ୍କ ଉପରେ ବର୍ଷିଛି ବ୍ୟବସାୟୀ ମହାସଂଘ । ସରକାର କୌଣସି କଥାକୁ ଗୁରୁତ୍ୱର ସହ ବିଚାର କରୁ ନାହାନ୍ତି । ଆଲୋଚନା ବି କରୁ ନାହାଁନ୍ତି । ଗ୍ରାହକଙ୍କ ଠାରୁ ଅତ୍ୟଧିକ ଅର୍ଥ ଆଦାୟ କରାଯାଉଛି । କିନ୍ତୁ ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ଭୋଟ ସମୟ ଆସିଲେ ଗ୍ରାହକ ମାନେ ଏହାର ଉତ୍ତର ଦେବେ । ଆଳୁର ପାଇକାରୀ ଦର ୨୨୦୦ ରୁ ୨୮୦୦ ରହୁଛି । ତେଣୁ ଆଳୁ ଦର ବଜାରରେ ୪୦ କିମ୍ବା ୫୦ ଟଙ୍କା ହେବା କଥା ନୁହେଁ । ବ୍ୟବସାୟୀଙ୍କ ମଧ୍ୟରେ ଗୋଟିଏ ଅସୁସ୍ଥ ପ୍ରତିଯୋଗିତା ଚାଲିଛି । ସରକାରଙ୍କ ପାଖରେ ଏହାକୁ ନିୟନ୍ତ୍ରଣ କରିବାକୁ ପଲିସି ନାହିଁ । ସରକାର ଆଳୁର ଗୋଟିଏ ଦର ଧାର୍ଯ୍ୟ କରନ୍ତୁ ବୋଲି ଦାବି କଲା ମହାସଂଘ । ସରକାରଙ୍କୁ ଏକଥା କିଏ ଶିଖାଇବ କି ବୋଲି



ପ୍ରଶ୍ନ କଲା ବ୍ୟବସାୟୀ ମହାସଂଘ । ସେଥିପାଇଁ ହିଁ ପଶ୍ଚିମବଙ୍ଗରୁ ଆଳୁ ଆଣିବା ଉପରେ ସର୍ତ୍ତ ରଖାଗଲା ବୋଲି କୁହାଯାଇଛି । ଏହି ସମୟରେ ରାଜ୍ୟର ବ୍ୟବସାୟୀ ମାନେ ୟୁପି ସହ ଆଳୁକୁ ନେଇ କଲେ ଚୁକ୍ତି । ଆଳୁ ସପ୍ଲାଏ ଚେନକୁ ବ୍ୟାହତ କରାଯିବ ନାହିଁ ବୋଲି ୟୁପି ପ୍ରତିଶ୍ରୁତି ଦେଇଛି । ୟୁପିରୁ ଆଳୁ ଆସିଲେ ରାସ୍ତା ଖର୍ଚ୍ଚ ଅଧିକ ପଡୁଛି । ୧୦ ରୁ ୨୦ ଜଣ ବ୍ୟବସାୟୀ ମିଶି ଟ୍ରେନରେ ଆଳୁ ଆଣିବାକୁ ଯୋଜନା । ୮୪ ପ୍ରକାର ଆଳୁ ୟୁପିରେ ଉପଲବ୍ଧ । ଆସାମକୁ ଆଳୁ ଟ୍ରେନରେ ଯାଉଛି । କେନ୍ଦ୍ର ସରକାର ଓ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ଏଭଳି ନିଷ୍ପତ୍ତି ନିଆଯାଇପାରେ । ୟୁପିର ବ୍ୟବସାୟୀ, ଚାଷୀ, ଶୀତଳ ଭଣ୍ଡାର ମାଲିକଙ୍କ ସମେତ ଉଦ୍ୟାନକୃଷି ବିଭାଗର ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଗୋଟିଏ ବୁଝାମଣା ହୋଇଛି ୟୁପି ସହିତ । ଏଭଳି ନିଷ୍ପତ୍ତି ନେଇଥିବାରୁ ଖାଉଟିଙ୍କ ସହଯୋଗ ଲୋଡିଲା ବ୍ୟବସାୟୀ ମହାସଂଘ । ୟୁପି ଆଳୁ ଖରାପ ବୋଲି ଓଡ଼ିଶାରେ ମାନସିକତା ରହିଛି । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ କେହି ବି ଏହାକୁ ପସନ୍ଦ କରୁ ନ ଥିବା ସ୍ୱୀକାର କରିଛି ମହାସଂଘ । ଆଉ ଟିକେ ଅଧିକ ଦର ଦେଲେ ୟୁପିରୁ ଆହୁରି ଭଲ ମାନର ଆଳୁ ଆସିପାରିବ । ଏ ଦିଗରେ ବି ଧ୍ୟାନ ଦିଆଯାଉଛି । ଲୋକଙ୍କ ଗ୍ରହଣୀୟତା ବଢିଲେ ଯାଇ ୟୁପି ଆଳୁ ଅଧିକ ମଗାଯାଇ ପାରିବ । କଟକ ଭୁବନେଶ୍ୱର ମିସିକି ଟ୍ରେନ ରାକରେ ଆଳୁ ମଗାଯିବାକୁ ଯୋଜନା ହେଉଛି । ଆଳୁକୁ ନେଇ ରିସ୍କ ନେବାକୁ ପଡିବ ବୋଲିବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି ।

## ଲାଗୁ ହେବ ପଞ୍ଚସଖା ଶିକ୍ଷା ସେତୁ ଯୋଜନା

ଭୁବନେଶ୍ୱର,୨୦/୧୨: ରାଜ୍ୟରେ 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନା ଲାଗୁ ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି । ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ବଦଳାଇ 'ପଞ୍ଚସଖା ଶିକ୍ଷା ସେତୁ ସଂଗଠନ' ନାମରେ ନାମିତ କରାଯାଇଛି । 'ମୋ ସ୍କୁଲ ଅଭିଯାନ' ପରିଚାଳନା ସଂଗଠନର ସମସ୍ତ ଅଧିକାର ଏବଂ ପାଣ୍ଠି ଓ କର୍ମଚାରୀଙ୍କୁ ପଞ୍ଚସଖା ଶିକ୍ଷା ସେତୁ ସଂଗଠନକୁ ଆଇନ ଗତ ଭାବେ ହସ୍ତାନ୍ତର କରାଯିବ । ଏହି ସଂଗଠନର ମୁଖ୍ୟ ରହିବେ ମୁଖ୍ୟ ଶାସନ ସଚିବ । କମିଟିର ପରିଚାଳନା ପାଇଁ ଏକ କମିଟି ଗଠନ ହେବ । ଶିକ୍ଷାବିତ୍, ଜନ ପ୍ରତିନିଧି, ବୈଜ୍ଞାନିକ, ପ୍ରତିଷ୍ଠିତ ବ୍ୟକ୍ତି, କ୍ରୀଡ଼ା, ସାହିତ୍ୟ ଓ ସଂସ୍କୃତି ଏବେ ଚଳଚିତ୍ର କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ରାଜ୍ୟସ୍ତରୀୟ କମିଟି ହେବ । ରାଜ୍ୟସ୍ତରୀୟ କମିଟିରେ ଗଣ ଶିକ୍ଷା ବିଭାଗର ସଚିବ ନିଯୁକ୍ତି ହେବେ । ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ କମିଟି ଗଠନ ହେବ । ଦୁଇଟି ଉତ୍ସରୁ ପାଣ୍ଠି ଆସିବ । ଦାତା ଏବଂ ସରକାର ଅର୍ଥ ଦେବେ । ଦାତାଙ୍କ ଦୁଇ ଗୁଣା ଦେବେ ସରକାର । ଦାତାଙ୍କ ଠାରୁ ସର୍ବାଧିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଗ୍ରହଣ କରାଯାଇପାରିବ । ପରିଷ୍କାର, ପରିଚ୍ଛନ୍ନତା ଏବଂ ରକ୍ଷଣାବେକ୍ଷଣ ପାଇଁ ନୂଯୁକ୍ତି ବ୍ୟବସ୍ଥା ରହିବ । ରାଜ୍ୟରେ ସରକାର ବଦଳିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ମୋ ସ୍କୁଲ ଅଭିଯାନ' ନାଁ ବଦଳାଇଛି । ୨୦୧୭ରୁ ଆରମ୍ଭ ହୋଇଥିବା 'ମୋ ସ୍କୁଲ ଅଭିଯାନ' ନାଁ ବଦଳି ଏବେ 'ପଞ୍ଚଶଖା ଶିକ୍ଷା ସେତୁ' ହୋଇଛି ।



ଏନେଇ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ଗଣଶିକ୍ଷା ବିଭାଗ ଚିଠି ଲେଖିଛି । ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୋ ସ୍କୁଲ ନାଁ'କୁ ବଦଳରେ ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ହେବ ବୋଲି ଘୋଷଣା କରିଥିଲେ । ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ପାଇଁ ବଜେଟରେ ୩୩୨ କୋଟି ବ୍ୟୟବରାଦ ହୋଇଥିଲା । ସେହିପରି ଅର୍ଥ ବଦଳରେ ଦାତା ସ୍କୁଲ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକୀୟ ସାମଗ୍ରୀ ଦେଇପାରିବେ । ପଞ୍ଚସଖା ଶିକ୍ଷା ସେତୁ ପାଇଁ ଆର୍ଥିକ ଅବଦାନ ଚେକ, ୱେବ ସାଇଟ ଏବଂ ଅନଲାଇନ ମାଧ୍ୟମରେ ସଂଗ୍ରହ କରାଯିବ । ଦାନ ପାଇଁ ଆଧାର ଏବଂ ପାନ ନଂ ପ୍ରଦାନ କରିବାକୁ ପଡ଼ିବ । ପ୍ରବାସୀ ଭାରତୀୟମାନେ ପାସପୋର୍ଟର ବିବରଣୀ ଦେଇ ଅର୍ଥ ପ୍ରଦାନ କରିବେ । ଏକକାଳୀନ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ପ୍ରଦାନ ପାଇଁ ଜିଲ୍ଲା ସ୍ତରୀୟ କମିଟି ସହ ପରାମର୍ଶ କରିବାକୁ ପଡ଼ିବ । ଏକ ବର୍ଷ ସରିବାର ଛଅ ମାସ ମଧ୍ୟରେ ଗଣଶିକ୍ଷା ବିଭାଗକୁ କମିଟି ରିପୋର୍ଟ ଦେବ ।

## ପରିବର୍ତ୍ତନ ହେବ ପରିକ୍ରମା ପ୍ରକଳ୍ପ ଡିଜାଇନ - ମନ୍ତ୍ରୀ



ଭୁବନେଶ୍ୱର,୨୦/୧୨: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବଡ଼ ସୂଚନା ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଡିଜାଇନ୍ ପରିବର୍ତ୍ତନ ହେବ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ । ସେ କହିଛନ୍ତି, ପୁରୁଣା ଡିଜାଇନ ସହ ଆଉ କିଛି ଆଡ୍ କରି ନୂଆ ଡିଜାଇନ ହେବ । ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ ଦେଖି ବ୍ୟବସ୍ଥା ହେବ । ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ ମଣ୍ଡପ ପାଇଁ ମଧ୍ୟ ବ୍ୟବସ୍ଥା ହେବ । ଆଲୋଚନା ଚାଲିଛି, ଖୁବ୍ ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ । ୨ରୁ ୩ ମାସ ମଧ୍ୟରେ ନିଷ୍ପତ୍ତି ପରେ କାମ ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେହିପରି ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, ନୂଆବର୍ଷରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । ପ୍ଲାଟଫର୍ମ ଅନୁଯାୟୀ ବ୍ୟବସ୍ଥା କରାଯାଇଛି । ନାଟ ମଣ୍ଡପ, ଗରୁଡ ସ୍ତମ୍ଭଠୁ ଆରମ୍ଭ କରି ବାହାର କାଠ ପର୍ଯ୍ୟନ୍ତ ଯେ କୌଣସି ସ୍ଥାନରେ ଠିଆ ହେଲେ ବି ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ କିପରି କରାଯିବ ସେନେଇ ବ୍ୟବସ୍ଥା କରାଯାଇଛି । ନୂଆ ବର୍ଷରୁ ଏହି ବ୍ୟବସ୍ଥା ଆରମ୍ଭ ହେବ ଏବଂ ଆଗାମୀ ଦିନରେ କିପରି ସବୁ ଦିନ ଶୃଙ୍ଖଳିତ ଦର୍ଶନ ହେବ ସେନେଇ ବ୍ୟବସ୍ଥା କରାଯିବ । ସେହିପରି ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଆଇନମନ୍ତ୍ରୀ କହିଛନ୍ତି ।

## ରାଉରକେଲାରେ ଲଜ୍ଜା; ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ



ରାଉରକେଲା, ୨୦/୧୨: ରାଉରକେଲାରେ ଘଟିଛି ଲଜ୍ଜାଜନକ ଘଟଣା । ଯୌନ ପିପାସୁମାନେ ନାବାଳିକାଙ୍କୁ ଛାଡ଼ି ନାହାନ୍ତି । ଜଣେ ନାବାଳିକାଙ୍କୁ ରାସ୍ତାରୁ ଉଠାଇ ନେଇ ୩ ଧରି ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଯୌନ ପିପାସୁଙ୍କ କବଳରୁ ଖସି ଆସି ଉଦିତ ନଗର ଥାନାରେ ଅଭିଯୋଗ କରିଛନ୍ତି ନାବାଳିକା । ଗତ ୧୭ ତାରିଖରେ ନାବାଳିକା ଜଣଙ୍କ ବିଶ୍ରା ଛକ ନିକଟରେ ବୁଲୁଥିଲେ । ଏହି ସମୟରେ ନାବାଳିକାଙ୍କ ପୁରୁଷ ବନ୍ଧୁଙ୍କ ସମେତ ୩ ଜଣ ଯୁବକ ନାବାଳିକାଙ୍କୁ ଉଠାଇ ନେଇଥିଲେ । ପରେ ବିଶ୍ରା ଅଞ୍ଚଳରେ ଏକ ଘରେ ବନ୍ଦ ରଖି ୩ ଧରି ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ୧୯ ତାରିଖ ଦିନ ଅର୍ଥାତ ଗତକାଲି ନାବାଳିକା ଜଣଙ୍କ ଯୌନ ପିପାସୁଙ୍କ କବଳରୁ ଖସି ଆସି ଉଦିତ ନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏହି ଘଟଣାର ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ସୂଚନାଯୋଗ୍ୟ, ଗତ ୨ ମାସ ଭିତରେ ରାଉରକେଲାରେ ବିର୍ସା ମୁଣ୍ଡା ଥାନା ଓ ରଘୁନାଥ ପାଲି ଥାନା ଅଞ୍ଚଳରେ ସମାନ ଘଟଣା ଘଟିଥିଲା । ନାବାଳିକାଙ୍କୁ ଉଠାଇ ଆଣି ଗଣ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା । ପୁଣି ଜଣେ ନାବାଳିକାଙ୍କୁ ଗଣ ଦୁଷ୍କର୍ମ ଘଟଣା ସାମ୍ନାକୁ ଆସିବା ପରେ ରାଉରକେଲା ପୁଲିସ ପାଇଁ ଚ୍ୟାଲେଞ୍ଜିଂ ହୋଇଛି ।

# ବିଜେଡି ନେତାଙ୍କୁ ଭବିଷ୍ୟତ ଚିନ୍ତା: ନଭେମ୍ବରରୁ ନବୀନ ବାହାରିଲେନି

ଭୁବନେଶ୍ୱର,୨୦/୧୨ (ନି.ପ୍ର): ନଭେମ୍ବରରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓଡ଼ିଶା ବୁଲିବେ । ଅଗଷ୍ଟ ମାସରୁ ବିଜେଡି ଏମିତି ପ୍ରଚାର କରୁଛି । ନିଜେ ନବୀନ ବି ଦଳୀୟ କାର୍ଯ୍ୟାଳୟ ସଭାରେ ଏହି ସୂଚନା ଦେଇଥିଲେ । ଡିସେମ୍ବର ସରିବାକୁ ଯାଉଛି, ସେ ପଦାକୁ ବାହାରିଲେନି । ନିଜ ନିର୍ବାଚନମଣ୍ଡଳୀରେ ୬ ମାସ ଭିତରେ ପାଦ ପକାଇପାରିଲେନି । ନବୀନ ନ ବୁଲିବା ଦ୍ୱାରା ବିଜେଡି ନେତାମାନେ ନିଜ ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡୁଛନ୍ତି । ଯେହେତୁ ନବୀନ ହିଁ ବିଜେଡିର ଏକମାତ୍ର ଭରସା, ତେଣୁ ତାଙ୍କର ଅନାଗ୍ରହ ଓ ନିରବତା ସମସ୍ତଙ୍କୁ ଚିନ୍ତିତ କରିଛି । କାହା ଭରସାରେ ଶାସକ ଦଳ ବିରୋଧରେ ସେମାନେ ରଣହୁଙ୍କାର ଦେବେ, ତାହା ଜାଣିପାରୁ ନାହାନ୍ତି । ଏମିତିରେ ବି ଶୀର୍ଷ ସ୍ତରରେ ସରକାରଙ୍କୁ ଅଡୁଆରେ ପକାଇଲା ପରି କୌଣସି କାମ ଏ ଯାଏ ବିଜେଡି କରି ନାହିଁ । ବିଜେଡି ୨୪ ବର୍ଷ ହେଲା ଶାସନରେ ରହିଥିଲା । ନବୀନ ଯେ କୌଣସି ସ୍ଥାନରେ, ଯେଉଁ ଦଳୀୟ କାର୍ଯ୍ୟକ୍ରମକୁ ଯାଇଛନ୍ତି, ସେଠାରେ ବହୁ ଲୋକଙ୍କର ସମାଗମ ହୁଏ । କ୍ଷମତା ଚାଲିଗଲା ପରେ ସ୍ଥିତି ବଦଳିଯାଇଛି । ଯେଉଁ ନିର୍ବାଚନମଣ୍ଡଳୀ ନବୀନ ଯିବେ, ସେଠାରେ ବଡ଼ ସମାବେଶ କରିବାକୁ ପଡ଼ିବ । ପରାଜୟର ଗ୍ଲାନିରୁ ମୁକୁଳି ନଥିବା ବିଜେଡି ନେତାମାନେ ଏଭଳି ସମାବେଶ ଆୟୋଜନ କରିବା ମାନସିକତାରେ ନାହାନ୍ତି । ବିଧାୟକ, ପରାଜିତ ପ୍ରାର୍ଥୀ କେହି ଆଗ୍ରହ ଦେଖାଉ ନାହାନ୍ତି । ଛାମୁଆ ନେତାଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହେବାର ଆଉ ଏକ କାରଣ ହେଲା ରାଜ୍ୟ କମିଟି ଗଠନ ନହେବା । ନିର୍ବାଚନ ଫଳ ଆସିବାର ମାସକ ପରେ ନବୀନ ସବୁ ରାଜ୍ୟ କମିଟି ଭାଙ୍ଗି ଦେଇଥିଲେ । ହେଲେ ୫ ମାସ ପରେ ମଧ୍ୟ ନୂଆ କମିଟି ଗଠନ ନୋହିଲା । କାହା କଥାରେ ସେମାନେ ସାଂଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କର୍ମୀ ପ୍ରଶ୍ନ କଲେଣି ।



ମାମଲତ୍‌କାର ନେତାମାନେ କହିଲେ ବି କେହି ଶୁଣୁ ନାହାନ୍ତି । କାରଣ ଏମାନଙ୍କ ଉପରେ ଆଉ କାହାର ଭରସା ନାହିଁ । ଏଇଥିପାଇଁ ଯେ ଶଙ୍ଖ ଭବନରେ ହାକିମାତି କରୁଥିବା ବରିଷ୍ଠ ନେତାଙ୍କର ନିଜ ଗଡ଼ ବିଜେପି ହାତକୁ ଗଲାଣି । ଦଳର ନେତାମାନେ ଏମିତି ଦୋଛକିରେ ଥିଲା ବେଳେ ୭ ରାଜ୍ୟସଭା ସାଂସଦଙ୍କର ମିଳିତ ସାମ୍ବାଦିକ ସମ୍ମିଳନୀ ସମସ୍ତଙ୍କୁ ଚକିତ କରିଛି । ବିଜେଡି ଗଠନ ପରେ ଏମିତି କେବେ ହୋଇ ନଥିଲା । କାରଣ, ଦଳରେ ନବୀନ ଏତେ କ୍ଷମତାଶାଳୀ ଯେ ତାଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ ସ୍ଥିତିରେ କେହି ନଥିଲେ । ଯିଏ ମୁଣ୍ଡ ଟେକୁଥିଲେ, ତାକୁ ଦଳି ଦିଆଯାଉଥିଲା । ଏହାର ଉଦାହରଣ କିଛି କମ୍ ନାହିଁ । କିନ୍ତୁ ଏମିତି କି ପରିସ୍ଥିତି ସୃଷ୍ଟି ହେଲା ଯେ ସାଂସଦମାନଙ୍କୁ ଏକାଠି ହୋଇ ନବୀନଙ୍କ ସହ ଅଛନ୍ତି ବୋଲି ସଫେଇ ଦେବାକୁ ପଡ଼ିଲା ନୂଆଦିଲ୍ଲୀରେ ଏହି ସାମ୍ବାଦିକ ସମ୍ମିଳନୀ ହିଁ ବିଜେଡିରେ ଗଡ଼ବଡ଼ ଚାଲିଥିବାର ବାର୍ତ୍ତା ଦେଉଛି ବୋଲି ରାଜନେ ?ତିକ ସମୀକ୍ଷକମାନେ ମତ ଦେଇଛନ୍ତି । ସାଂସଦମାନେ ଏହି ଅବସରରେ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟ ଠାରୁ ସମାନ ଦୂରରେ ଥିବା ଦାବି କରିଛନ୍ତି । କିନ୍ତୁ ବିଜେଡି କାହାଠୁ କେତେ ଦୂରରେ ଥିଲା, ଏହା କାହାକୁ ଅଛପା ନାହିଁ । ବିଜେଡି ଏନ୍‌ଡିଏରେ ସିଧାସଳଖ ସାମିଲ ନ ହୋଇ ବି ଅଧିକାଂଶ ପ୍ରସଙ୍ଗରେ ଏନ୍‌ଡିଏକୁ ଅଯାଚିତ ସହଯୋଗର ହାତ ବଢ଼ାଇ ଦେଉଥିଲା । ଏପରିକି ଏନ୍‌ଡିଏ ପ୍ରେମରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଅନେକ ପ୍ରସଙ୍ଗକୁ ବି ଦଳ ନଜର ଅନ୍ଦାଜ କରିଦେଇଥିଲା । ଆଉ ଏକ ପ୍ରସଙ୍ଗ ହେଲା, ବିଜେଡି ଏବେ ସୁଦ୍ଧା ଭିକେ ପାଣ୍ଡିଆନଙ୍କ କବଳରୁ ମୁକ୍ତି ପାଇପାରି ନାହିଁ । ଗୌତମ ଆଦାନୀଙ୍କ ପାରିବାରିକ କାର୍ଯ୍ୟକ୍ରମକୁ ନବୀନଙ୍କ ପ୍ରତିନିଧି ହୋଇ ପାଣ୍ଡିଆନ ଯୋଗ ଦେଲା ପରେ ଏହା ଆହୁରି ସ୍ପଷ୍ଟ ହୋଇଛି । ବିଜେଡି ପାଇଁ ଏହା କ୍ଷତିକାରକ ହେଲା, ତାହା ନେତାମାନେ ନିଜ ଭିତରେ କଥା ହେଉଥିଲେ ବି ନବୀନଙ୍କୁ କହିବା ପାଇଁ ସାହସ ଜୁଟାଇପାରୁ ନାହାନ୍ତି । ଅନ୍ୟ ପକ୍ଷରେ ଆଇପିଏସ୍ ଅଧିକାରୀ ଡି ଏସ୍ କୁଟ୍ଟେ ଓ ଆଶିଷ ସିଂହ କେନ୍ଦ୍ରୀୟ ଡେପୁଟେସନ୍ ଅନୁମତି ମିଳିବା ପରେ ପାଣ୍ଡିଆନଙ୍କ ଉପରେ ଦଳୀୟ ନେତାଙ୍କ ସନ୍ଦେହ ବଢ଼ିଯାଇଛି । ବିଜେପି ସହ ତାଙ୍କର ଭିତିରିଆ ଡିଲ୍ ଅଛି କି ବୋଲି ଚର୍ଚ୍ଚା ହେଉଛିୟ । କିନ୍ତୁ ବିଜେଡିର କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ ।

# ଫୁଲବାଣୀରେ ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ପ୍ରାକ-ଖ୍ରୀଷ୍ଟଜନ୍ମ ମହୋତ୍ସବ ପାଳିତ





ଫୁଲବାଣୀତା,୨୦/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ କୋର୍ଟ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ପ୍ରି-ଖ୍ରୀଷ୍ଟମାସ ମହୋତ୍ସବ ଅନୁଷ୍ଠିତ ହେଇଥିଲା । ଏହି ମହୋତ୍ସବ ମାଦିକୁଂଦା ଛକ ପ୍ରାରମ୍ଭରୁ ଆଚାର୍ଯ୍ୟ ଅମିତ ନାୟକ ପ୍ରାର୍ଥନା କରି ମାଦିକୁଂଦା ଠାରୁ କୋର୍ଟ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ ଶଭାଯାତ୍ରାରେ ଶତାଧିକ ଖ୍ରୀଷ୍ଟିୟ ପ୍ରେମୀ, ଶ୍ରଦ୍ଧାଳୁ ମାନେ ଆନନ୍ଦର ସହିତ ସାମିଲ ହୋଇଥିଲେ ।ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଲୋକମାନେ ପ୍ରଭୁ ଯୀଶୁଙ୍କ ସଂଗୀତ ପରିବେଷଣ କରି ଆନନ୍ଦର ସହ ନୃତ୍ୟର ତାଳେ ତାଳେ ଫୁଲବାଣୀ ମୁଖ୍ୟ ସହର ପରିକ୍ରମା କରି ଗାନ୍ଧିସ୍ମୃତି ଭବନରେ ପହଂଚିଥିଲେ । ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଶହଶହ ପୁରୁଷ ମହିଳା ମାନେ ଏହି ମହୋତ୍ସବ ରେ ଅତି ଆନନ୍ଦ ଉଲ୍ଲାସର ସହିତ ଯୋଗଦାନ କରିଥିଲେ । ମିଳିତ ମଞ୍ଚର ସଭାପତି ପ୍ରବୀଣ କୁମାର ନାୟକ ସଭା ପରିଚାଳନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ପ୍ରମୋଦ କୁମାର ଗୁରୁ ରାୟଗଡା ଓ ମୁଖ୍ୟ ଅତିଥି ଭାବେ ବିଶପ ଅବେଦ ନାୟକ ଯୋଗଦାନ କରିଥିଲେ ଓ ସମ୍ମାନିତ ଅତିଥି ରୂପେ ସୁଦୂର ତାମିଲନାଡୁ ଆସିଥିବା ବରେଣ୍ୟ ପାଳକ ଟି.ଯୋଶେଫ, କାଥଲିକ ଚର୍ଚ୍ଚର ଫାଦର ପ୍ରଦୀପ ବେହେରା, ଡ଼ଃ. ଏନ ଲିନାଚନ୍ଦ,ଆଚାର୍ଯ୍ୟ ସୁଇଡ଼ବର୍ଣ ନାୟକ ,ଡ଼ଃ ସୁର୍ଯ୍ୟ ନାରାୟଣ ବେହେରା ,ବିଶ୍ୱବାଣୀ ଚର୍ଚ୍ଚର ଜିଲ୍ଲା କୋଡ଼ିନେଟର ଆଚାର୍ଯ୍ୟ ରଞ୍ଜନ ଦିଗାଲ,ଇମାନୁଏଲ ରଥ,ଆଚାର୍ଯ୍ୟ ତପନ ସାମନ୍ତରାୟ,ପାଳକ ବେଞ୍ଜା ମିନ ,ମୃତ୍ୟୁଞ୍ଜୟ ଦିଗାଲ ଯୋଗଦେଇଥିଲେ । ପ୍ରଦୀପ ଦିଗାଲ ଉପାସନା ସଂଗୀତ ପରିବେଶଣ କରିଥିଲେ ।ମିରାକିଲ ସଙ୍ଗୀତ ଦଳ ଅତିସୁନ୍ଦର ଭାବେ ଦାନ ସଂଗ୍ରହ ସମୟରେ ସଂଗୀତ ପରିବେଷଣ କରି ସମସ୍ତଙ୍କୁ ଅତ୍ୟନ୍ତ ଉଲ୍ଲସିତ ଉତଫୁଲ୍ଲିତ କରି ମନ ହୃଦୟରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରି ଉପସ୍ଥିତି ଜନତାଙ୍କୁ ନୃତ୍ୟରତ କରିଥିଲେ ।ସମସ୍ତେ ସଂଗୀତ ର ତାଳେ ତାଳେ ନୃତ୍ୟ କରି ପ୍ରଭୁଯୀଶୁ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟବକ୍ତା ଜଗତର ଲୋକମାନଙ୍କ ନିମନ୍ତେ ତ୍ରାଣକର୍ତା ଜନ୍ମ ଗ୍ରହଣ କରିଅଛନ୍ତି ସେ ଖ୍ରୀଷ୍ଟପ୍ରଭୁ ବୋଲି ଲୋକମାନଙ୍କୁ ଇଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ । ସନ୍ଧ୍ୟା ସମୟରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରା ଯାଇଥିଲା ।ସମସ୍ତ ଚର୍ଚ୍ଚର ପିଲାମାନେ ଗୀତନାଚ କରିଥିଲେ ଓ ସେମାନଙ୍କୁ ଉପହାର ମଧ ଦିଆଯାଇଥିଲା । ଅନେକ ପାଳକ ମାନେ ଯୋଗ ଦେଇଥିଲେ । ସମ୍ପାଦକ ଲକ୍ଷଣ ବେହେରା, କୋଷାଧକ୍ଷ ମାର୍ଟିନ ପ୍ରଧାନ ,ବନମାଳୀ ଦିଗାଲ,ପ୍ରଦୀପ ଦିଗାଲଓ ସନ୍ତୋଷ ନାୟକ ,ବାଳକୃଷ୍ଣ ଦିଗାଲ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।ସୁନୀଲ, ବବୁଲୁ, ଜଏସ, ଚିଣ୍ଟୁ,ସୁନ୍ଦର ଭାବେ ବାଦ୍ୟଯନ୍ତ୍ରରେ ଗୀତ ପରିବେଷଣ କରିଥିଲେ ଏବଂ ସାଂସ୍କୃତିକ ଭବନ ଟି ନାଚଗୀତ ସହ ଆନନ୍ଦ ଉଲ୍ଲାସର ଛାୟା ଖେଳିଯାଇଥିବା ଦେଖିବାକୁ ମିଳିଥିଲା ।ସୂର୍ଯ୍ୟ ନାରାୟଣ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଟିଙ୍ଗିଆ ପଞ୍ଚାୟତରେ ନିଶା ନିବାରଣ ଅଭିଯାନ ଆରମ୍ଭ







ଘୁ ଉଦୟଗିରି ତା,୨୦/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ଗ୍ରାମ ପଞ୍ଚାୟତରେ ସରପଞ୍ଚ ବିଷ୍ଣୁଦେବା ପ୍ରଧାନଙ୍କ ନେତୃତ୍ୱରେ ଆଜି ଗ୍ରାମ ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ ଓ ଅନ୍ତରଙ୍ଗ ଯୁବ ମହାସଂଘ, ମହିଳା ଜୀବିକା ସୁରକ୍ଷା ମଞ୍ଚ ଓ ନାୱ୍ରର ସହଯୋଗରେ ପଞ୍ଚାୟତର ଶତାଧିକ ମହିଳାମାନେ ପଂଚାୟତ ରେ ସମ୍ପୂର୍ଣ୍ଣ ନିଶା ନିବାରଣ ଅଭିଯାନରେ ସାମିଲ ହୋଇଥିଲେ। ଏହି ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ଲୋକମାନେ ମହୁଲି ମଦ ରାନ୍ଧି ବ୍ୟବସାୟିକ ଭିତ୍ତିରେ କାରବାର କରୁଥିବା ପରିଲକ୍ଷିତ ହେଉଥିଲା । ଏଥି ସହିତ ଗଞ୍ଜେଇ ଚୋରା ଚାଲାଣ ମଧ ଦିନକୁ ଦିନ ବୃଦ୍ଧି ପାଇଥିବା ଅନୁଭବ କରି ଆଜି ପଞ୍ଚାୟତବାସୀ ଏହିପରି ପଦକ୍ଷେପ ନେଇଥିବା ଦେଖାଦେଇଛି । ମଦ ଏବଂ ଗଞ୍ଜେଇ କାରବାର ହେଉଥିବାରୁ ଛୋଟ ଛୋଟ ଶିଶୁ ଓ ଅଧିକାଂଶ ପୁରୁଷମାନେ କର୍ମକୁଡ଼ିଆ ହେଉଥିବା ବେଳେ ପାରିବାରିକ ଅଶାନ୍ତି, ମହିଳା ନିର୍ଯାତନା ଛାତ୍ର ଛାତ୍ରୀ ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଏହି ସମସ୍ତ ବିଷୟକୁ ନଜର କରି ପଞ୍ଚାୟତରେ ସମ୍ପୂର୍ଣ୍ଣ ନିଶା ମୁକ୍ତ କରିବା ପାଇଁ ସ୍ଲୋଗାନ ଦେଇ ପଞ୍ଚାୟତର ମଦ କାରବାର ହେଉଥିବା ଗ୍ରାମଗୁଡିକରେ ପଦ ଯାତ୍ରା କରାଯାଇଛି । ଏହି ପଦଯାତ୍ରାରେ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ, ନାୱ୍ରର ସଂଯୋଜିକା ରିତାଞ୍ଜଳି ବଗର୍ତ୍ତୀ, ମହିଳା ଜୀବିକା ସୁରକ୍ଷା ମଞ୍ଚର ସଂଯୋଜିକା ସସ୍ମିତା ମଲ୍ଲିକ ସାମିଲ ହୋଇଥିଲେ ଏବଂ ଏମବିକେ ଡି. ସବନମଙ୍କ ନେତୃତ୍ୱରେ, ସମ୍ପାଦିକା ଦମ୍ପିକା ନାୟକ, ସଭାନେତ୍ରୀ ରାଜଶ୍ରୀ ମଲ୍ଲିକ, ବିମଳା ପ୍ରଧାନ, ରୁନିମା ପ୍ରଧାନ, ନାମିନି ନାୟକ, ବବିତା ପରାସେଟ, ଇତିମା ନାୟକ, ଆରତୀ କହଁର, ମିତା ପ୍ରଧାନ, ଅନୁପମା ପ୍ରଧାନ, ନିଶାମଣି ପ୍ରଧାନ ସହଯୋଗ କରିଥିଲେ । ସରପଞ୍ଚ ଦେବା ପ୍ରଧାନ ଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ନିଶା ନିବାରଣ ଅଭିଯାନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପକୁ ସାଧାରଣ ରେ ବହୁ ମାତ୍ରା ରେ ସ୍ୱାଗତ କରାଯାଉଥିବାର ମିଳିବା ସହିତ ମିଳିତ ମଞ୍ଚର ରଟିଙ୍ଗିଆ ଗ୍ରାମପଞ୍ଚାୟତ ରେ ନିଶା ମୁକ୍ତ ଅଭିଯାନ ଆଗାମୀ ଦିନରେ କେତେ ପରିମାଣରେ ସଫଳ ହୋଇପାରୁଛି ତାହା ଦେଖିବାର ରହିଲା । ରଟିଙ୍ଗିଆ ପଂଚାୟତ ସରପଞ୍ଚ ଓ ମିଳିତ ମଞ୍ଚର ନିଶା ନିବାରଣ ଅଭିଯାନ ସଫଳ ହେବ କି ନ ହେବ ତାହା ତ ଭବିଷ୍ୟତ କହିବ ହେଲେ ଏହା କନ୍ଧମାଳ ଜିଲ୍ଲାରେ ରଟିଙ୍ଗିଆ ପଂଚାୟତ ଦ୍ୱାରା ଆରମ୍ଭ କରାଯାଇଥିବା ନିଶା ନିବାରଣ ଅଭିଯାନ ଜିଲ୍ଲାରେ ଏକ ନୂତନ ଉଦାହରଣ ସୃଷ୍ଟି କରିବ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ।

# ହାଇଦ୍ରାବାଦ ୨୦୨୪ ଫିତ ନେସନାଲ କଂଫୁ ରେ ଚମ୍ପିୟାନ ହେଲେ କଳାହାଣ୍ଡି




କଳାହାଣ୍ଡି,୨୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଞ୍ଚଳର ୧୭ ଜଣ ଓ କଳାହାଣ୍ଡି ର ୧୦ ଜଣ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ହେଇଥିବା ଫିତ ନେସନାଲ କମ୍ଫୁ କାର୍ଯ୍ୟକ୍ରମ ରେ କଳାହାଣ୍ଡି ରୁ୨୭ ଜଣ ହାଇଦ୍ରାବାଦ ଠାରେ ବିଜୟ ହେବା ସହ ନିଜ ଗ୍ରାମ ସହ କଳାହାଣ୍ଡି ଅଂଶ ଗ୍ରହଣ କରି ନାମ ଗୌରବ ଅର୍ଜୁନ କରିଛନ୍ତି । ଏହି କଂଫୁ ପ୍ରତିଯୋଗିତାରେ ରେ କେସିଙ୍ଗା ବ୍ଲକ ର , ବାପା ଭବାନୀ ମଳିକ ମା, ସନ୍ତୋଷିନୀ ସାହୁ ପୋଲିଶ ବିଭାଗ ରେ କାର୍ଯ୍ୟରତ,ଏ ଏସ ଆଇ,ଙ୍କ ଏକମାତ୍ର ପୁଅ ବିଭୁତି ମଳିକ ଗୋଲଡ଼ ମେଡ଼ାଲିଷ୍ଟ ନେସନାଲ ଚମ୍ପିୟାନ ହାସଲ କରିଛନ୍ତି, ସେହିପରି ସୁମନ ଦୁର୍ଗା ପିତା ମାଷ୍ଟ୍ର ତଳସ୍ତୟା ଦୁର୍ଗା ବ୍ଲାକ ବେଲ୍ଟଥାର୍ଡ଼ ଡୋନ କଉରଓ ଦିବ୍ୟଂଶୁ ସୁନା, ଆୟୁଷ କୁମାର ହେର୍ଣ୍ଣା, କୁନାଲ ବାରିକ, ଉମାଶଙ୍କର ଦୀପ, ଡାଭିଡ ହରପାଳ ଉତୀର୍ଣ୍ଣ ହୋଇ ହାଇଦ୍ରାବାଦ ଠାରେ ଗୋଲଡ଼ ମେଡ଼ାଲ ହାସଲ କରିଥିବା ବେଳେ। କେସିଙ୍ଗା ର ଅନାମିକା ସୁନା, ଆକାଂକ୍ଷା ଦାସ, ଚନ୍ଦନ ସାହୁ, ପ୍ରମୋଦ ବେହେରା, ଅଭିଜିତ ସାହୁ, ଚେଇତନ୍ୟ ନାଗ ସିଲଭର ମେଡ଼ାଲିଷ୍ଟ ସମ୍ମାନ ରେ ପୁରସ୍କୃତ ହୋଇଥିଲେ । ଅସ୍ମିତା ସାହୁ, ପ୍ରିୟଙ୍କା ସାହୁ ଏବଂ ଓଁ ସାହୁ ମଧ ବ୍ରୋଞ୍ଜ ମେଡାଲ ପୁରସ୍କୃତ ହୋଇଥିଲେ । ସେହିପରି କଳାହାଣ୍ଡି ଜିଲ୍ଲା ର ଆସିଥିବା ଗୁଣସାଗର ଦାସ, ବିଶ୍ୱଜିତ ନାଏକ, ଗଣେଶ ବାଗ ପ୍ରେନ୍ସ ଦୀପ, ଗୋଲଡ଼ ମେଡ଼ାଲିଷ୍ଟ କିରଣ ମହାନନ୍ଦ ଗୋଲଡ଼ ମେଡ଼ାଲିଷ୍ଟ ମୋହିତ ସାଗର ଗୋଲ ମେଡ଼ାଲିଷ୍ଟ ଆୟୁଷ ସାଗର ସିଲଭର ନମ୍ରତା ସେଠି, ଗୋଲଡ଼ ମେଡ଼ାଲିଷ୍ଟ,ଯି, ଗାର୍ଗୀ ମଧ୍ୟଉତୀର୍ଣ୍ଣ ହୋଇ ଥିଲେ। ବ୍ରୋଂଜ୍ ପ୍ରତି ଯୋଗିତାରେ ମଧ୍ୟ ନିଜ ନାମ ରଖି କଳାହାଣ୍ଡି ର ନାମ ହାଇଦ୍ରାବାଦ ଠାରେ ଚମକାଇ ଛନ୍ତି। କଳାହାଣ୍ଡି ରୁ ବିଜୟ ତାଣ୍ଡି କୋଚ ଆୱାର୍ଡ ଓ ଦେବାଶିଷ ରାବଳ ବ୍ରୋଞ୍ଜ ମେଡ଼ାଲିଷ୍ଟ ଭାବେ ପୁରସ୍କୃତ ହୋଇଥିଲେ ଦୁଇଟି ୱାଇଟ ସୋ ଯାହା ଫାଇଟ ଓ କଟା ପ୍ରତିଯୋଗିତା ରେ କେସିଙ୍ଗା ରୁ ଛାତ୍ର ଛାତ୍ରୀ ମାନଙ୍କର ଟଳସଟୟ ଦୁର୍ଗା, କୋଚ ମାଷ୍ଟର ଆୱାର୍ଡ ପାଇଥିଲେ। ହାଇଦ୍ରାବାଦ ରୁ ଚମ୍ପିୟାନ ହୋଇ ଗୋଲଡମେଡାଲିଷ୍ଟ ସହ ସିଲଭର ମେଡ଼ାଲିଷ୍ଟ ହାସଲ କରି ନିଜ ମାଟି ଙ୍କୁ ଆସି କେସିଙ୍ଗା ରେଳ ଟେସନ ସମୁଖରେ ସମସ୍ତ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞ୍ୟାପନ କରାଯାଇଛି ଏହି ସଫଳତା ରେ କେସିଙ୍ଗା ଅଞ୍ଚଳ ରେ ଖୁସିର ଲହରୀ ଖେଳିଯାଇଛି ।

# ବସ୍ତା ଷ୍ଟେସନରେ ଉତ୍କଳ ଓ ଇଷ୍ଟକୋଷ୍ଟ ଏକ୍ସପ୍ରେସ ରହଣି ଦାବି

## ବସ୍ତା ଆଞ୍ଚଳିକ ବଣିକ ସଙ୍ଘର କର୍ମକର୍ତ୍ତାଙ୍କ ରେଳମନ୍ତ୍ରୀ ଓ ରେଳ ବୋର୍ଡର ଅଧିକାରୀଙ୍କ ସହ ଆଲୋଚନା



ବସ୍ତା,୨୦/୧୨ (ନି.ପ୍ର): କରୋନା ମହାମାରୀ ସମାପ୍ତ ହୋଇଥିବା ବେଳେ ଏହାର ଆଳ ଦେଖାଇ ଦକ୍ଷିଣ -ପୂର୍ବ ରେଳ ବିଭାଗ ବସ୍ତା ରେଳ ଷ୍ଟେସନର ଦୁଇଟି ପ୍ରମୁଖ ଟ୍ରେନର ୧୮୪୭୮/୧୮୪୭୭ ଉତ୍କଳ ଏକ୍ସପ୍ରେସର ଅପ/ ଡାଉନ ଏବଂ ୧୮୦୪୫/ ୧୮୦୪୬ ଇଷ୍ଟକୋଷ୍ଟ ଏକ୍ସପ୍ରେସ ର ଅପ/ ଡାଉନ ରହଣୀକୁ ସାମୟିକ ଭାବେ ସ୍ଥଗିତ ରଖି ଥିଲେ । ଏହା ସେ ସମୟରେ କରୋନା ମହାମାରୀର ସଂପ୍ର ସାରଣକୁ ରୋକିବା ପାଇଁ ଏକ ପଦକ୍ଷେପ ବୋଲି ରେଳ ବିଭାଗ ଦର୍ଶାଇଥିଲା କିନ୍ତୁ ଦୁଃଖ ଓ ପରିତାପର ବିଷୟ ୨୦୨୫ ମସିହା ଆସି ପାଦ ଥାପିଥିବା ବେଳେ ଆଜି ବି ବସ୍ତା ଅଞ୍ଚଳବସୀ ଉକ୍ତ ଦୁଇ ଗୋଟି ଟ୍ରେନରେ ଯାତାୟତ କରିବା ପାଇଁ ସଦୁର ବାଲେଶ୍ୱର ଷ୍ଟେସନ ଉପରେ ନିର୍ଭର ହେବାକୁ ପଡୁଛି । ଏ ବାବଦରେ ବିଭିନ୍ନ ସଙ୍ଗଠନ,ରାଜ ନେତା, ସମାଜସେବୀ ମାନଙ୍କ ଦ୍ୱାରା ବାରମ୍ବାର ରେଳ ବିଭାଗକୁ ଜଣାଇଲା ପରେ ବି ତାର କିଛି ସୁଫଳ ମିଳିଲା ନାହିଁ,ଏ ବିଷୟକୁ ଅତ୍ୟନ୍ତ ଗୁରୁତ୍ୱ ମନେକରି ବସ୍ତା ଆଞ୍ଚଳି କ ବଣିକସଂଘ ରେଳମନ୍ତ୍ରୀଙ୍କ ବାଲେଶ୍ୱର ଷ୍ଟେସନ ଫୁଟ ଅଭର ବ୍ରିଜ ଉଦଘାଟନ କରିବା ଦିନ ତାଙ୍କୁ ସାକ୍ଷାତ କରା ଯାଇ ଏକ ଅଭିଯୋଗ ପତ୍ର ସହ ଉକ୍ତ ଦୁଇ ଟ୍ରେନର ରହ ଣୀ ପାଇଁ ଦାବି କରାଯାଇଥିଲା । ଉକ୍ତ ସମାବେଶରେ ବାଲେଶ୍ୱର ସାଂସଦ ମହୋଦୟ ଉପସ୍ଥିତି ଥିଲେ । ତାଙ୍କ ସହଯୋଗେ କ୍ରମେ ବସ୍ତା ଆଞ୍ଚଳିକ ବଣିକ ସଂଘର କର୍ମ କର୍ତା ମାନେ ରେଳ ବୋର୍ଡର ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କ ସହ ଏକ ୱାନ ଟୁ -ୱାନ ମିଟିଂର ଆୟୋଜନ କରାଯାଇଥି ଲା,ଏଥିରେ ରେଳ ଅଧିକାରୀ ମାନେ ବସ୍ତା ଷ୍ଟେସନରେ ଉକ୍ତ ଟ୍ରେନର ରହଣୀର ଆବଶ୍ୟକତାକୁ ହୃଦବୋଧ କରି ଥିଲେ ଏବଂ ସେମାନେ ଏହାକୁ ଅତିଗୁରୁତର ସହ ବିଚାର କରିବେ ବୋଲି ପ୍ରତିଶୃତି ଦେଇଥିଲେ,ହେଲେ ଅଦ୍ୟାବଧି ଉଚ୍ଚପଦାଧକାରୀଙ୍କ ପ୍ରତିଶ୍ରୁତି ଯଥା ପୂର୍ବଂ ତଥା ପରଂ ହୋଇରହିଗଲା । ବସ୍ତା ଆଞ୍ଚଳିକ ବଣିକ ସଂଘ ତରଫରୁ ଜୟ ପ୍ରକାଶ ଭୂତୁରା,ଭବାନୀ ସେନାପତି,ସ୍ମରଣ ପଣ୍ଡା, ଚନ୍ଦନ ଭୋଳ,ସମରେଶ କର,ଦେବାଶିଷ ପଢିଆରି, ସବ୍ୟସାଚୀ ବେହେରା ପ୍ରମୁଖ ରେଳ ଅଧିକାରୀଙ୍କୁ ବସ୍ତା ଷ୍ଟେସନରେ ବିଭିନ୍ନ ସମସ୍ୟା ସହିତ ୨ ଗୋଟି ଟ୍ରେନର ରହଣୀ ବିଷୟରେ ଅବଗତ କରାଇଥିଲେ । ହେଲେ ଅଦ୍ୟା ବଧି ଟ୍ରେନ ଦୁଇଟି ରହଣି ହୋଇପାରିଲା ନାହିଁ। ତେବେ ଅଞ୍ଚଳରେ ଧୀରେ ଧୀରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ସ୍ଥାନୀୟ ବାସୀ ଙ୍କ ଆଲୋଚନାରୁ ଜଣାପଡ଼ିଛି।

# ବିଶ୍ୱନାଥପୁର କୁଆଁଙ୍ଗବସା ଠାରେ ଶିଶୁ ମହୋତ୍ସବ ଅନୁଷ୍ଠିତ



ଲାଞ୍ଜିଗଡ଼,୨୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତ ସ୍ଥିତ ଯୁବ କୌଶଳ ତାଲିମ କେନ୍ଦ୍ର କୁଆଁଙ୍ଗବସା ପରିସରରେ ଗ୍ରାମ ପୁନଃ ନିର୍ମାଣ ସଂସ୍ଥା ନେତୃତ୍ୱରେ ଅତି ଆଡମ୍ବର ସହ ସୋମବାର ଏକ ଶିଶୁ ମହୋତ୍ସବ ପାଳନ ହୋଇଯାଇଛି । ଶିଶୁ ମାନଙ୍କର ଲୋକାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣ ଗୁଡ଼ିକ ପ୍ରଦର୍ଶନ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅନୁଶ୍ରୀ ପାଢ଼ୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ ଛାତ୍ରୀ ଦେବାନଜନା ସିଂହା,ଭି.ଆର.ଓ ଓଡ଼ିଶା ଡାଇରେକ୍ଟର ଫାଦର ଜଜ୍ ଅନ୍ତୋନି,ଦକ୍ଷିଣ ଓଡ଼ିଶା କୁଆଁଙ୍ଗବସା ସଂଯୋଜିକା ପାର୍ବତୀ ମହାରଣା ପ୍ରମୁଖ ଯୋଗଦେଇଥିଲେ ।ଉକ୍ତ ସଂସ୍ଥା ଦ୍ୱାରା ୯ ଗୋଟି ସନ୍ଧ୍ୟା କାଳୀନ ବିଦ୍ୟାଳୟରୁ ୨ଶହ ୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଏହି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପାଇଁ ୫୦ମିଟର ଦୌଡ଼,ଅଖା ଦୌଡ଼ ,ଲେମ୍ବୁ ଚାମଚ, ଚିତ୍ରାଙ୍କନ,ହସ୍ତାକ୍ଷର,ଦଳଗତ ନୃତ୍ୟ,ଏକକ ସଂଗୀତ ଭଳି ଅନେକ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ତାଙ୍କ ବହୁମୂଲ୍ୟ ସମୟ ଦେଇ ଅଂଶଗ୍ରହଣ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ସଂଯୋଜିକା ଶ୍ରୀମତୀ ମହାରଣା ।

# ବୀର ଯଯାତୀ ସେବା ସଂଘ ଦ୍ୱାରା କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ



କୋରେଇ,୨୦/୧୨ (ନି.ପ୍ର): :ମାନବ ସେବା ହିଁ ମାଧବ ସେବା, ସେବାକୁ ଓଲଟାଇ ଦେଲେ ବାସେ ।ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବୀର ଯଯାତୀ ସେବା ସଂଘ ଦ୍ୱାରା ଚଳିତ ବର୍ଷର ଶୀତ ପ୍ରବାହ କୁ ଦେଖି ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଂଗଠନର ସଦସ୍ୟ ମାନେ ନିଜସ୍ୱ ଉଦ୍ୟମରେ କିଛି ଅର୍ଥ ଏକଜୁଟ କରି ନିରାଶ୍ରୟ, ଅସହାୟ , ମାନସିକ ବିକାର ଗ୍ରସ୍ତ ଲୋକ ମାନେ କିଭଳି ଶୀତ ଦାଉରୁ ରକ୍ଷା ପାଇପାରିବେ ସେଥିପାଇଁ କମ୍ବଳ ବଣ୍ଟନ ଭଳି କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବେ ଯାଜପୁର ଜିଲ୍ଲା କିନ୍ନର ସଂଘ ର ସଭାପତି କାଜଲ ନାୟକ, ଅଧ୍ୟାପକ ଦେବିପ୍ରସାଦ ଦାସ ,ଯୋଗ ଦେଇଥିଲେ । ପ୍ରଥମେ ପାଣିକୋଇଲ ସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମର ଅନ୍ତେ ବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ପରେ କୁଆଖିଆ ଛକ, ପାଣିକୋଇଲି ଛକ, ଯାଜପୁର ରୋଡ ରେଳ ଷ୍ଟେସନ୍, ବ୍ୟାସନଗର ଆହର କେନ୍ଦ୍ର ଭଳି ପ୍ରମୁଖ ସ୍ଥାନରେ ରାତ୍ରୀ ଜାପାନ କରିଥିବା ୫୦ ରୁ ଉର୍ଦ୍ଧ ନିରାଶ୍ରୟ ମାନଙ୍କୁ କମ୍ବଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ତଥା ବୀର ଯଯାତୀ ସେବା ସଂଘର ପରିଚାଳକ ପ୍ରହଲ୍ଲାଦ ଦେଓ,ଗୋପୀନାଥ ମହାପାତ୍ର,ରାଜେନ୍ଦ୍ର ସାହୁ, ଅରୁଣ କୁମାର ଦାସ,ମୁନା ବିଶ୍ୱାଳ,ଚନ୍ଦନ ସାହୁ,କଳ୍ପତରୁ ବେହେରା,ମାନସ ରାଉତ, ବଳରାମ ମହାରଣା, କରନ୍ ସିଂ,ସ୍ମିତା ସାମଲ ,କାହ୍ନା ବିଶ୍ୱାଳ, ରାକେଶ କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ପ୍ରତିଶ୍ରୁତି ପାଣିର ଗାର

## ମୁନ୍ଦେ ପିଇବା ପାଣି ପାଇଁ ୨୦ ପରିବାର ଡହଳ ବିକଳ



ବସ୍ତା,୨୦/୧୨ (ନି.ପ୍ର): :ସ୍ୱାଧିନତା ୭୪ ବର୍ଷ ପରେ ବି ପିଇବା ପାଣି ଲୋକଙ୍କ ପାଇଁ ସମସ୍ୟା ପାଲଟିଛି । ମୁନ୍ଦାଏ ପାଣି ପାଇଁ ୨୦ ପରିବାର ଦୈନନ୍ଦିନ ଜୀବନ ସହ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି । ଏମିତି ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ତଥା ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ପଞ୍ଚାୟତର ୫ନମ୍ବର ୱାର୍ଡରେ । ୨୦ ପରିବାର ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି ।ଆଜିକା ଦିନରେ ବି ଏଠିକା ଲୋକ ମୁନ୍ଦେ ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି । ୨୦ଟି ପରିବାରର ଲୋକମାନେ ପାଣି ଟୋପାଏ ପାଇଁ ଜନୈକ ବ୍ୟକ୍ତିଙ୍କ ଘର ଉପରେ ନିର୍ଭର କରିଥାନ୍ତି ।ଯାହା ଫଳରେ ଲୋକମାନେ ପ୍ରତିଦିନ ଜାତୀୟ ରାଜପଥ ପାର ହୋଇ ବିପଦ ସଙ୍କୁଳ ଅବସ୍ଥାରେ ଘରକୁ ପାଣି ଆଣିବାକୁ ଯାଇଥାନ୍ତି। ଯଦି ଉକ୍ତ ବ୍ୟକ୍ତି ଜଣକ କୌଣସି କାମରେ ବାହାରକୁ ଚାଲିଗଲେ ତେବେ ଏହି ୨୦ ପରିବାରର ଲୋକ ପାଣି ପାଇଁ ପାଖା ପାଖି ୧କିମି ଦୂର ଭେଲୋରା ପର୍ଯ୍ୟନ୍ତ ଯିବାକୁ ପଡ଼ିଥାଏ ।ଏହି ସାହିରେ ଅଧିକାଂଶ ଆଦିବାସୀ ପରିବାର ରହୁଥିବାରୁ ତାଙ୍କୁ ଅବହେଳା କରାଯାଉଛି ବୋଲି ୱାର୍ଡ ବାସୀମାନେ ଅଭିଯୋଗ କରିଛନ୍ତି ।ଏହି ଲୋକମାନେ ପାଣିର ବ୍ୟବସ୍ଥା ପାଇଁ ନଳକୂପ ଟିଏ ବସାଇବାକୁ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ହେଁ ସେମାନଙ୍କ ସମସ୍ୟା ପ୍ରତି କେହି କର୍ଣ୍ଣପାତ କରୁନାହାଁନ୍ତି। କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତିଦେଇ ଚାଲିଛନ୍ତି ହେଲେ ଲୋକଙ୍କ ସମସ୍ୟା ସମାଧାନ କରିବାରେ ଆନ୍ତରିକତା ନଥିବା ଭଳି ଲାଗୁଛି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏକ ନଳକୂପ ବସାଇବାକୁ ଲୋକ ମାନେ ଦାବି କରିଛନ୍ତି ।ଯଦି ପ୍ରଶାସନ ସମସ୍ୟାର ସମାଧାନ ଦିଗରେ ବିହିତ ପଦ କ୍ଷେପ ଗ୍ରହଣ ନକରନ୍ତି ତେବେ ୱାର୍ଡବାସୀ ଆନ୍ଦୋଳନନ୍ତା ପନ୍ଥା ଅବଲମ୍ବନ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି।

# ଏମକେସି ହାଇସ୍କୁଲରେ ଫୁଟବଲ ପ୍ରତିଯୋଗିତା ଉଦଯାପିତ




ବାରିପଦା , ୨୦/୧୨ (ନି.ପ୍ର): ଐତିହ୍ୟ ସମ୍ପର୍ଣ୍ଣ ଏମକେସି ହାଇସ୍କୁଲର ଫୁଟବଲ ଖେଳର ଗୌରବମୟ କୀର୍ତ୍ତିରାଜିକୁ ଫେରାଇ ଆଣିବା ପ୍ରୟାସ ଜାରି ରଖି ବହୁ ବର୍ଷର ବ୍ୟବଧାନ ପରେ ପୁରାତନ ଛାତ୍ର ସଂସଦ ସୌଜନ୍ୟରେ ବିଦ୍ୟାଳୟର ଆଠ ଗୋଟି ଟିମକୁ ନେଇ ଜୁନିଅର ଓ ସିନିଅର ଗ୍ରୁପ ମଧ୍ୟରେ ଫୁଟବଲ ପ୍ରତିଯୋଗିତା ବାରିପଦା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଜୁନିଅର ଗ୍ରୁପରେ ଉଭୟ ସପ୍ତମ ଶ୍ରେଣୀ ର ୟେଲୋ ଓ ଗ୍ରୀନ ଟିମ୍ ଓ ସିନିଅର ଗ୍ରୁପରେ ନବମ ଶ୍ରେଣୀର ବ୍ଲୁ ଓ ଦଶମ ଶ୍ରେଣୀର ଗ୍ରୀନ ଟିମ୍ ସଂଘର୍ଷ ପୂର୍ଣ୍ଣ ଖେଳରେ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ. ଜୁନିଅର ବର୍ଗର ଫାଇନାଲ ଖେଳରେ ସପ୍ତମ ଶ୍ରେଣୀ ୟଲ ଟିମ ଚମ୍ପିୟାନ, ସପ୍ତମ ଶ୍ରେଣୀ ଗ୍ରୀନ ଟିମ ରନର ଅପ ଓ ସିନିୟର ବର୍ଗରେ ଦଶମ ଶ୍ରେଣୀ ଗ୍ରୀନ ଟିମ ଚମ୍ପିୟାନ, ନବମ ଶ୍ରେଣୀ ବ୍ଲୁ ଟିମ ରନରଅପ ଭାବେ ଟାଇଟଲ ହାସଲ କରିଥିବା ବେଳେ ଜୁନିଅର ବର୍ଗ ଓ ସିନିୟର ବର୍ଗ ର ବିଜେତା ଟିମର ଖେଳାଳୀ ଯଥାକ୍ରମେ ରାଜମଲ ହେମ୍ବ୍ରମ ଓ ମନୋଜ ହାଁସଦା ଚୟନ କମିଟି ଦ୍ୱାରା ସର୍ବ ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ ହୋଇ ସଂସଦ ପକ୍ଷରୁ ସମ୍ମାନିତ ହୋଇ ଥିଲେ। ସଂସଦର ସଭାପତି ପୂର୍ଣେନ୍ଦୁ ଦାସ ଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଶେଷ ଅତିଥି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଜୁନିଅର ଓ ସିନିୟର ବର୍ଗର ଚମ୍ପିୟାନ ଓ ରନର ଅପ ଟିମଙ୍କୁ ଯଥାକ୍ରମେ ଅମଲେନ୍ଦୁ ଦାସ ମେମୋରିଆଲ ଓ ବିନୟ ବାନାର୍ଜୀ ମେମୋରିଆଲ ଟ୍ରଫି ପ୍ରଦାନ କରିବା ସହ ସେମାନଙ୍କର କ୍ରୀଡା ପ୍ରତିଭାକୁ ପ୍ରଶଂସା କରିଥିଲେ। ଦୁଇ ଦିନ ଧରି ଖେଳର ସୁପରିଚାଳନା ପାଇଁ ରେଫରୀ ମାଣିକ ରଣା, କୈଳାସ ଚନ୍ଦ୍ର ବେହେରା, ବ୍ରଜବନ୍ଧୁ କୁବୁମାଳିଆ, ମହେନ୍ଦ୍ର ହେମ୍ବ୍ରମ ଓ ବିଦ୍ୟାଳୟର କ୍ରୀଡା ଶିକ୍ଷକ ତଥା କୋଚ ସୋନାଲି ପରିଡାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ପୁରସ୍କାର ବିତରଣ ସମାରୋହ ରେ ଅତିଥି ଭାବେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ର ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସେକ୍ରେଟାରୀ ଅମର ସେଠୀ, ପୁରାତନ ଛାତ୍ର ଭାବେ ବୟୋଜ୍ୟେଷ୍ଠ ଫୁଟବଲ ଖେଳାଳୀ ଅମୂଲ୍ୟ ମିଶ୍ର, ସେଙ୍ଗେଲ ସିଂ ସରେନ, ଯଦୁନାଥ ମାଝୀ, ନନ୍ଦଲାଲ ମହାପାତ୍ର ଓ ଅଶ୍ୱିନୀ ଦାଶ, ଓ ଫୁଟବଲ ପ୍ରେମୀ ବରିଷ୍ଠ ପୁରାତନ ଛାତ୍ର ହରିଶ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି କିଶୋର ପ୍ରତିଭା ସମ୍ପନ୍ନ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ବହୁ ବର୍ଷର ଅନ୍ତ ପରେ ବିଦ୍ୟାଳୟରେ ପୁଣି ଫୁଟବଲ ପ୍ରତିଯୋଗିତା ଭବ୍ୟ ଆୟୋଜନ କରିବା ପାଇଁ ପରିକଳ୍ପନା ଓ ନେତୃତ୍ୱ ନେଇଥିବା ପୁରାତନ ଛାତ୍ର ଓ ଫୁଟବଲ ଖେଳାଳୀ ପ୍ରଦୀପ କିଶୋର ମହାନ୍ତି ଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଯୋଗୀତାର ଆୟୋଜନ ପାଇଁ ପ୍ରାକ ପ୍ରସ୍ତୁତିରୁ ଆରମ୍ଭ କରି ଅନ୍ତିମ ଦିବସ ପର୍ଯ୍ୟନ୍ତ ସଂସଦର ଉପଦେଷ୍ଟା ମାନସ ଷଡ଼ଙ୍ଗୀ ଓ ବରିଷ୍ଠ ପୁରାତନ ଛାତ୍ର ସଦସ୍ୟ ଭାବେ ଅନନ୍ତ ଦାଶ, ବିନୋଦ ସାହୁ, ନନ୍ଦଲାଲ ମିଶ୍ର, ସୁକୁମାର ଆଢ୍ୟ, ଅନ୍ତର୍ଯ୍ୟାମୀ ସାହୁ, ସମରେନ୍ଦ୍ର ଘୋଷ, ଅରୁଣ ପାତ୍ର, ଅଶ୍ୱିନୀ ବ୍ରହ୍ମା, ଶାନ୍ତନୁ ପାଢ଼ୀ, ମାନସ ରଞ୍ଜନ ଦାଶ ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ସାମିଲଥିଲେ। ସହ ସଂପାଦକ ରବୀନ୍ଦ୍ର ସାହୁ ଓ ପୁରାତନ ଛାତ୍ର ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଚେହେରା ଚିନ୍ମୟ ଦାସ ପଟ୍ଟନାୟକଙ୍କ ଲାଇଭ ଧାରା ବିବରଣୀ ଦର୍ଶକ ଙ୍କ ମନ ଛୁଇଁଥିଲା ଶେଷରେ ସଂସଦ ର ଉପସଭାପତି ଡ. ଅକ୍ଷୟ କୁମାର ଅଗ୍ରୱାଲ ସମସ୍ତ ଙ୍କ ସହୋଯଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ବାର୍ଷିକୀ ଭାଗବତ ଜ୍ଞାନ ଯଜ୍ଞ ସପ୍ତ ଦିନରେ ଉଦଯାପିତ



ନବରଙ୍ଗପୁର, ୨୦/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଦଲବେଡା ଗ୍ରାମ ପଞ୍ଚାୟତର ଅଣ୍ଟିପଡା ଗ୍ରାମରେ ଚନ୍ଦାହାଣ୍ଡି ଜମିଦାରପଡା ଶ୍ରୀ ଜଗନ୍ନାଥ ସେବା ସମିତି ଆନୁକୂଲ୍ୟରେ ପ୍ରଥମ ବାର୍ଷିକୀ ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ ତା ୧୨।୧୨।୨୦୨୪ରୁ ଆରମ୍ଭ ହୋଇ ତା ୧୮।୧୨।୨୦୨୪ ସାତ ଦିନ ଧରି ଚାଲୁ ରହି ଆଜି ଉଦଯାପିତ ହୋଇଯାଇଛି । ତା ୧୨।୧୨ଗୁରୁବାର ଶ୍ରୀ ମଦ୍ ଭାଗବତ ମାହାତ୍ମ୍ୟ, ତା ୧୩।୧୨ ସତସଙ୍ଗ ମହିମା, ତା ୧୪।୧୨ ଶନିବାର ଭୋଜବଂଶ ବର୍ଣ୍ଣନା, ତା ୧୫।୧୨ ରବିବାର ଶ୍ରୀ କୃଷ୍ଣ ଜନ୍ମ, ତା ୧୬।୧୨ ସୋମବାର ଶ୍ରୀ କୃଷ୍ଣ ବାଲ୍ୟ ଲୀଳା,,କାଳୀୟ ଦଳନ, ବସ୍ତ୍ର ହରଣ, ତା ୧୭।୧୨ ମଙ୍ଗଳବାର ଶ୍ରୀକୃଷ୍ଣଙ୍କ ଗୋପ ଯାତ୍ରା, ତା ୧୮।୧୨ବୁଧବାର ଗୋପି ଉଦ୍ଧବ ସମ୍ବାଦ ଏ ସମସ୍ତ ସପ୍ତ ଦିବସ ର କାର୍ଯ୍ୟକ୍ରମ ର ମୁଖ୍ୟ କଥା ବାଚକ ପୂଜ୍ୟ ସ୍ୱାମୀ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମହାରାଜ ଙ୍କ ଅମୃତ ମୟ ବାଣୀ ରେ ମଞ୍ଚରେ ସମସ୍ତ ଶ୍ରଦ୍ଧାଳୁଙ୍କ ର ମନ ଉଦ୍ଭାସିତ ହୋଇ ଥିଲା କ୍ଷ ସେ ପ୍ରତିଜ୍ଞା ବଧ ଭାବରେ ଓଡ଼ିଶାରେ ତଥା ଚନ୍ଦାହାଣ୍ଡି ବ୍ଲକ ରେ ଭାଗବତ ପ୍ରଚାର ପ୍ରସାରରେ ଅନବରତ ଲାଗିଛନ୍ତି। ତାଙ୍କର ବଳିଷ୍ଠ ନେତୃତ୍ୱରେ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗୀ ଗଠନ ଏବଂ ଭାଗବତର ପ୍ରଚାର ପ୍ରସାର ଚାଲୁ ରହିଛି କ୍ଷଶ୍ରୀ ଜଗନ୍ନାଥ ସେବା ସମିତିର ସଭାପତି ରମେଶ ଚନ୍ଦ୍ର ଚହ୍ୱାନ,ଭାଗବତ ଟୁଙ୍ଗୀ ଗଠନର ମଙ୍ଗ ଧରିଥିବା ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା ହିନ୍ଦୁ ମହା ସଂଘ ସଭାପତି ଜଗନ୍ନାଥ ସତପଥୀ,ଭାଗବତ ପ୍ରଚାର ସମିତି ର ସଭାପତି ବିଜୟ ଚନ୍ଦ୍ର ଦଳେଇ, ଏତଦ୍ ବ୍ୟତୀତ ଓଡିଶା ପ୍ରାନ୍ତ ବିଶ୍ୱ ହିନ୍ଦୁ ପରିଷଦ ଓଡିଶା ଶାଖା ପ୍ରାନ୍ତ ପ୍ରଚାରକ ସୁଧୀର କୁମାର ନନ୍ଦ, ପଣ୍ଡିତ ସୁରେଶ ଚନ୍ଦ୍ର ମିଶ୍ର, ବିଜୟ ସୌରୀ, ତ୍ରିଲୋଚନ ନାୟକ, ଡମ୍ବରୁଧର ନାୟକ, ବନମାଳୀ ଦାସ, ମହେଶ୍ୱର ମାଝୀ, ରାଜେନ୍ଦ୍ର ଖମାରୀ,ଜମ୍ବୁ ହାତୀ, ଉପେନ୍ଦ୍ର ଚହ୍ୱାନ,ଫଣୀନ୍ଦ୍ର ଜଗତ ଙ୍କ ସହିତ ଚନ୍ଦା ହାଣ୍ଡି ବ୍ଲକ ର ୭୮ଟି ଭାଗବତ ଟୁଙ୍ଗୀ ଓ ପଡୋଶୀ ରାଜ୍ୟ ଛତିଶଗଡ଼ ର ୭ଗୋଟି ଭାଗବତ ଟୁଙ୍ଗୀ ଏହି ମହତ୍ କାର୍ଯ୍ୟର ସଫଳ ରୂପାୟନ ପାଇଁ ତନ ମନ ଧନ ଦେଇ ସାହାଯ୍ୟ କରିଥିଲେ ।

## କୃଷକ ସଚେତନତା ଶିବିର

ନବରଙ୍ଗପୁର, ୨୦/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ପଞ୍ଚାୟତ ର ଜବାଗୁଡା ଓ ଧୁଡୁକାଡଙ୍ଗରୀ ଗ୍ରାମରେ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ବିଭାଗ ତରଫରୁ କୃଷକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୃଷ୍ଟି ପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା (ଆର.ଏ.ଡି)- ୨୦୨୪-୨୫ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ବିଭାଗ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଉଦ୍ୟାନ ବିଭାଗ ର ମିଳିତ ଆନୁକୁଲ୍ୟ ରେ କୃଷକ ମାନଙ୍କୁ ସମସ୍ତ ବିଭାଗର ଯୋଜନା ଗୁଡିକ ଉପରେ ଚାଷୀ ମାନଙ୍କୁ ଉପସ୍ଥିତ ଅଧିକାରୀ ମାନେ ସରଳ ଭାବେ ବୁଝାଇଥିଲେ । ଏଥିରେ ନବରଙ୍ଗପୁର ମୃତ୍ତିକା ସଂରକ୍ଷଣ ବିଭାଗ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ବିଶ୍ୱାଳ, ଡାବୁଗାଁ ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଧିକାରୀ ଗୌତମ ସେଠୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ସହକାରୀ ଉଦ୍ୟାନ ଅଧିକାରୀ ରବି ଶଙ୍କର ପଣ୍ଡା, ପ୍ରାଣୀ ଚିକିତ୍ସକ ଏନ. ଲୋକ ନାଥ ରେଡ୍ଡୀ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ସ୍ଥାନୀୟ ୱାର୍ଡ ସଭ୍ୟ ଓ ଚାଷୀ ମାନେ ଉପସ୍ଥିତ ଥିଲେ ।

# ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ସଚେତନତା ବୈଠକ




ବାରିପଦା ୨୦/୧୨ (ନି.ପ୍ର): ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର, ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବିଶେଷ ଭାବେ ମୟୂରଭଞ୍ଜ ଜିଲ୍ଲାରେ ପରିବ୍ୟାପ୍ତ କରିବା ପାଇଁ ଜିଲ୍ଲା ସ୍ତରୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି. ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ, ଜିଲ୍ଲା ସଂଯୋଜକ ଭାବେ ଡଃ ପ୍ରଜ୍ଞା ପାରମିତା ଗିରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାସ, ଜିଲ୍ଲା ମେଡିକାଲ ଅଧିକାରୀ ଡଃ ଜ୍ଞାନ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ସଂଯୋଜିକା ଡଃ ଦେବଦତ୍ତା, ଡଃ ମାନସ ରଞ୍ଜନ ଦାସ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ମଂଚାସୀନ ଥିଲେ. ବର୍ତ୍ତମାନର ଜୀବନ ଶୈଳୀ, ବିଭିନ୍ନ ପ୍ରକାର ଚିନ୍ତା ଲୋକଙ୍କୁ ମାନସିକ ରୋଗରେ ପୀଡିତ କରଉଛି। ଏଣୁ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଡବଲୁଏଚଓ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ନିମନ୍ତେ ପ୍ରଚାର ପ୍ରସାର କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା ବେଳେ, ଅଧ୍ୟୟନ, କିଶୋର, କିଶୋରୀ ମାନଙ୍କ ଠାରେ ଦେଖା ଯାଉଥିବା ମାନସିକ ସମସ୍ୟା ଓ ଏହାର ଚିକିତ୍ସା ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯିବ। ଜିଲ୍ଲାରେ ଥିବା ୨୬ଟି ବ୍ଲକରେ ଥିବା ସମସ୍ତ ଆଦିବାସୀ କ୍ଲଷ୍ଟରରେ ଏହି ସମସ୍ୟା ଜନିତ ବିଶେଷ ପଦକ୍ଷେପ ନିଆଯିବା ସହିତ କିଭଳି ଭାବେ ଏହି ମାନସିକ ସ୍ୱାସ୍ଥ୍ୟ ଜନିତ ସଚେତନତାକୁ ତ୍ୱରାନ୍ୱିତ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଓଡ଼ିଶାର ମୟୂରଭଞ୍ଜ, ଗଜପତି, ଝାରସୁଗୁଡା, ଅନୁଗୁଳ, କେନ୍ଦୁଝର ଜିଲ୍ଲା ରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜଣାଯାଇଛି।

## ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ



ଜଳେଶ୍ୱର,୨୦/୧୨ (ନି.ପ୍ର): ସଂସଦରେ ସମ୍ବିଧାନ ସଂପର୍କରେ ଆଲୋଚନାକୁ ନେଇ ଚାଲିଥିବା ବିତର୍କକୁ ନେଇ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ଆକ୍ରମଣ ହୋଇଥିବାରୁ ଜଳେଶ୍ୱରରେ ତାର ପ୍ରତିଫଳନ ଦେଖିବାକୁ ମିଳିଛି । ଆଜି ବଡ ବଜାର ଛକ ଠାରେ ଜଳେଶ୍ୱର ବିଜେପି କର୍ମୀମାନଙ୍କ ପକ୍ଷରୁ ପ୍ରତିବାଦ ସଭା ଓ ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଯୁବନେତା ଫାଲଗୁନୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଅତୀତରେ କଂଗ୍ରେସ ସମ୍ବିଧାନ ପ୍ରତି ନେଇଥିବା କେତେକ ପଦକ୍ଷେପକୁ ତିବ୍ର ସମାଲୋଚନା କରିଥିଲେ। ବାଲେଶ୍ୱର ସାଂସଦ ଙ୍କୁ ବିରୋଧିଦଳ ନେତା ରାହୁଲ ଗାନ୍ଧିଙ୍କ ଆକ୍ରମଣ, ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ଗଣତନ୍ତ୍ର ରାଷ୍ଟ୍ରରେ ଏକ କୁଠାରଘାତ ବୋଲି କହିଛନ୍ତି । ଏଥିରେ ଜଳେଶ୍ୱର ବିଜେପିର ନେତା ବ୍ରଜମୋହନ ପ୍ରଧାନ, କାଉନ୍ ?ସିଲର ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, କାଳିଚରଣ ଦାସ, ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ଆଦିତ୍ୟ ନାରାୟଣ ପାତ୍ର, ରବିନ୍ଦ୍ର ପାତ୍ର, ତରୁଣ ପଟ୍ଟନାୟକ, ବିଶ୍ୱଜିତ୍ ଦାସ, ସୁବ୍ରତ ବେରା, ଶ୍ରୀକଣ୍ଠ ମହାନ୍ତି, ବନମାଳି ଧଳ, ବିଶ୍ୱଭୂଷଣ ଦାସ, ସୁକୁମାର ରଣା, ସୁଶାନ୍ତ କୋୟାଲ, ନନ୍ଦନ ଦ , ସପନ ଜେନା, ରାଜେଶ ଜେନା, ଅନନ୍ତ ଦାସ, ରବିନ୍ଦ୍ର ଗିରି, ଶ୍ରୀକୃଷ୍ଣ ଗୁପ୍ତା, ବିଜୟ ସାମଲ, ରାମଚନ୍ଦ୍ର ବେହେରା, ବଂଶୀ ପ୍ରଧାନ,ନମିତା ଦାସ, ରଂଜିତ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ବହୁ କର୍ମୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରି କଂଗ୍ରେସ ଦଳକୁ କଟୁ ସମାଲୋଚନା କରିଥିଲେ।

## ପୀଡ଼ିତ ଷଣ୍ଢ ର ଚିକିତ୍ସା କଲେ ଯୁବଗୋଷ୍ଠୀ



ଜଳେଶ୍ୱର,୨୦/୧୨ (ନି.ପ୍ର): ନିରୀହ,ମୁକ ପୀଡ଼ିତ ପଶୁ ଙ୍କ ସେବା ଲାଗି କେତେକ ସାମାଜସେବୀ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ସୁଚନା ଅନୁସାରେ,ମ୍ୟୁନିସିପାଲଟି ଅଧିନସ୍ଥ ୭ ନଂ ୱାର୍ଡ ର ଶାସନ ବାର୍ଡ ଠାରେ ଦୀର୍ଘ ଦିନ ଧରି ଏକ ଷଣ୍ଢ ଆକ୍ରାନ୍ତ ହୋଇ ପଡ଼ିରହିଥିଲା ।ଖବର ପାଇ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ର ସକ୍ରିୟ ସଭ୍ୟ ହରିଶଙ୍କର ପଣ୍ଡା ଙ୍କ ନେତୃତ୍ୱରେ ପଶୁ ଚିକିତ୍ସକ ଙ୍କୁ ଡକାଇ ଚିକିତ୍ସା କରାଇଥିଲେ। ବୃଷଭ ଲିଙ୍ଗ ଏବଂ ପେଟ ସମ୍ପୂର୍ଣ ଘା ହେଇ ପୋକ ସାଲୁ ବାଲୁ ହୋଇଥିବା ବେଳେ ପରିସ୍ରା ଓ ମଳ ତ୍ୟାଗ ରେ ଘୋର ଅସୁବିଧା ହେଉଥିଲା ।ଏହା ସହିତ କିଛି ଖାଦ୍ୟ ଗ୍ରହଣ କରୁନଥିଲା ।ତୁରନ୍ତ ଜଳେଶ୍ୱର ପ୍ରାଣୀ ଚିକିତ୍ସାଳୟର ଡାକ୍ତର ସାର୍ଥକ ଘୋଷ ଏବଂ ସହଯୋଗୀ,ଆହତ ଷଣ୍ଢ କୁ ଚିକିତ୍ସା କରାଇଥିଲେ। ଅନ୍ୟ ସମାଜସେବୀ ମାନଙ୍କ ମଧ୍ୟରେ, ସତ୍ୟବ୍ରତ ପାହାଡ଼ୀ, ରବୀନ୍ଦ୍ର ସାହୁ, ବାଷ୍ଟୁ ଦାସ, ମନୁ ପାତ୍ର,ବାଙ୍ଗରା କର,ଲିପୁନ କୁମାର ପଣ୍ଡା ପ୍ରମୁଖ, ଚିକିତ୍ସା କାର୍ଯ୍ୟ ରେ ସାମିଲ୍ ହୋଇଥିଲେ।

## ବିଶ୍ୱ ବିଦ୍ୟାଳୟରେ ଛାତ୍ର ବିଜେଡି ତରଫରୁ ସଭ୍ୟ ସଂଗ୍ରହ ଅଭିଯାନ

ବାରିପଦା୨୦/୧୨ (ନି.ପ୍ର): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ତରଫରୁ ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ଆଶ୍ରୀବାଦ ଦାସ, ଛାତ୍ର ସମ୍ପାଦକ ଅମିତ ମହାକୁଡ, ଛାତ୍ର ନେତା ଅଭିନନ୍ଦନ ବାରିକ, ତଥା ବିଶ୍ୱବିଦ୍ୟାଳୟ ଛତ୍ର ନେତା ଦୀପକ କୁମାର ସାହୁ, ଦେବାଶିଷ ନାୟକ, ରମ୍ୟକ ମହାନ୍ତି, ବିଶ୍ୱରଂଜନ ଭୋଇ, ବିକ୍ରମ, ଭବାନୀ ଶଙ୍କର କବି, ଦେବାଶିଷ ମହାନ୍ତ, ବିଭାସ ରଞ୍ଜନ ଦାସ, ରାହୁଲ ଦେଓ, ମଦନ ମୋହନ ନାୟକ, ସବ୍ୟସାଚି ରାଉତ, କରନ ମୁର୍ମୁ, ସତ୍ୟମ ସୁନ୍ଦର ବେହେରା ପ୍ରମୁଖ ଯୋଗଦେଇ ନୂତନ ଭୋଟର ଛାତ୍ର ଛାତ୍ରୀଙ୍କୁ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ କରିବା ସହ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହରେ ନିଜକୁ ସାମିଲ କରିଥିଲେ।

## ଇଟା କାରଖାନା ରେ ସିମେଣ୍ଟ ଅନେଲାଡ କୁ ନେଇ ବିବାଦ-କୋମ୍ପାନୀ ଥାନାର ଦ୍ୱାରସ୍ଥ

ଜେଳଶ୍ୱର, ୨୦/୧୨ (ନି.ପ୍ର): ଜେଳଶ୍ୱର ବ୍ଲକ ଅନୁକୂଳ ମନ୍ଦିର ନିକଟେର ଥିବା ସୁବର୍ଣ୍ଣର୍ରେଖା ସମେଣ୍ଟ ଇଟା କାରଖାନା ମାଲିକ ସାଗର ସମେଣ୍ଟ କମ୍ପାନୀ ଗାଡ଼ିରୁ ୧୩୭ ବ୍ୟାଗ୍ ସମେଣ୍ଟ ଜୋର୍ କରି ନେଇଥିବା ଥାନାରେ ଅଭଯୋଗ ହୋଇଛି। ଇଟାଭାଟି ମାଲିକ ଚାଳକ କଥାରେ ସ୍କାନର ମାଧ୍ୟମେର,ଫାନ୍ ପେ ରେ ଟଙ୍କା ଦେଇଥିବା କୁହୁଥିବା ବେଳ କୋମ୍ପାନୀ କିନ୍ତୁ ଟଙ୍କା ପାଇ ନଥିବା ଦୃଢ଼ ଭବେ କହିଛି। ଅନ୍ୟପକ୍ଷେର ଇଟା କାରଖାନା ମାଲିକ ସମେଣ୍ଟ ନେବା ପାଇଁ ଯାହାକୁ ଅଡର୍ର୍ ଦେଇଥିଲେ, ତାଙ୍କୁ ଅନ୍‌ଲାଇନ୍ ରେ ୫୦,୩୨୦ ଟଙ୍କା ଦେଇଥିବା ସେଫଇ କହିଛନ୍ତି। ଏହି ଘଟଣାକୁ ନେଇ ଇଟା କାରଖାନା ମାଲିକ ଓ ସାଗର ସମେଣ୍ଟ କମ୍ପାନି କର୍ତ୍ତୃପକ୍ଷ ମୁହାଁମୁହିଁ ହେବା ସହିତ ପୁଲିସ ଘଟଣା ସ୍ଥଳେର ପହଞ୍ଚି ଥିଲା। ବୁଧବାର ସକାଳେ ସାଗର ସିମେଣ୍ଟ କମ୍ପାନିର ଓଡି-୦୫-ବିଏନ୍-୫୪୩୫ ନମ୍ବରର ଏକ ସମେଣ୍ଟ ବୋଝେଇ ଟ୍ରକ୍ ପହଞ୍ଚିଥିଲା । ଏହି ସମୟେର ଜେଣ ବ୍ୟକ୍ତି ଫୋନ୍ କରି କହିଲେ ଯେ ୧୩୭ ବ୍ୟାଗ ସମେଣ୍ଟ ବାବଦେର ୫୦,୩୨୦ ଟଙ୍କା ଅନ୍‌ଲାଇନ୍‌ରେ ପଠାଅ ତା'ପେର ସମେଣ୍ଟ ଅନ୍‌ଲୋଡ୍ ହେବ। ଶ୍ରୀ ମହାପାତ୍ର ଅନ୍‌ଲାଇନ୍‌ରେ ଟଙ୍କା ପଠାଇ ଦେବା ପେର ୧୩୭ ବ୍ୟାଗ ସମେଣ୍ଟ ଅନ୍‌ଲୋଡ୍ ହୋଇଥିଲା । କିନ୍ତୁ ଏହି ସମୟେର ସାଗର ସମେଣ୍ଟ କର୍ତ୍ତୃପକ୍ଷ କମ୍ପାନି ଟଙ୍କା ପାଇ ନାହାନ୍ତି ବୋଲି ଶ୍ରୀ ମହାପାତ୍ରଙ୍କୁ ଜଣାଇବା ପେର ଶ୍ରୀ ମହାପାତ୍ର ଓ ସାଗର ସମେଣ୍ଟ କର୍ତ୍ତୃପକ୍ଷ ଅେରାପ ପ୍ରତ୍ୟାରୋପ କରୁଥିବା ଦେଖାଯାଇଥିଲା। ସାଗର କମ୍ପାନିର ସମେଣ୍ଟ ଟ୍ରକ୍‌ରୁ ଶ୍ରୀ ମହାପାତ୍ର ଜୋରଜବରଦସ୍ତ ସମେଣ୍ଟ ଅନେଲାଡ କରିଛନ୍ତି ବୋଲି ଜେଳଶ୍ୱର ପୁଲିସକୁ ଜଣାଇଛନ୍ତି। ସବୁଠାରୁ ବଡ଼କଥା ହେଲା: ଶ୍ରୀ ମହାପାତ୍ର ଯେଉଁ ବ୍ୟକ୍ତିଙ୍କୁ ଟଙ୍କା ଦେଇଥିବା କହୁଛନ୍ତି, ତାଙ୍କ ଫୋନ୍‌ଟି ମଧ୍ୟ ସକାଳ ଠାରୁ ସୁଇଚ୍ ଅଫ୍ ରହିଛି। ଜେଳଶ୍ୱର ପୁଲିସ୍ ଘଟଣାର ତଦନ୍ତ କରୁଥିବା ବେଳେ,କଉଁ ପରପ୍ରେକ୍ଷୀରେ ଓ କାହିଁକି, ଓ କିଏ, ଏ ଅଡର୍ର୍ ହୋଇନଥିବା ସ୍ଥାନେର ମାଲ୍ ଅନେଲାଡ କେଲ ବହୁ କଥା ସେନ୍ଦହ ଘେରେର ରହିଛି। ଏହି ଘଟଣାଟି ଜେଳଶ୍ୱର ଅଞ୍ଚଳେର ଚର୍ଚ୍ଚାର ବିଷୟ ହୋଇଛି।

# କେନ୍ଦ୍ରାପଡାରେ ନକଲି ଶିକ୍ଷାଗତ ପ୍ରମାଣପତ୍ର ଯୋଗାଉଥିବା ବ୍ୟକ୍ତିଙ୍କ ଉପରେ କେବେ ହେବ କାର୍ଯ୍ୟା ଅନୁଷ୍ଠାନ

କେନ୍ଦ୍ରାପଡା, ଡେରାବିଶ୍ ୨୦/୧୨ (ନି.ପ୍ର):ଗତ କିଛିଦିନ ହେବ ବହୁ ସାମାଜିକ ଗଣମାଧ୍ୟମ ସହିତ ବିଭିନ୍ନ ଖବର କାଗଜର ମୂଖ୍ୟ ପୃଷ୍ଠାର ସିରୋନମା ପାଲଟିଥିବା ଜାଲ ସାର୍ଟିଫିକେଟକୁ ନେଇ କେନ୍ଦ୍ରାପଡା ଜିଲ୍ଲା ସମେତ ବିଶେଷକରି ଡେରାବିଶି ବ୍ଲକ୍ ଖାଲି ଉଠୁଛି ଆଉ ପଡୁଛି । ଯାହା ଶିକ୍ଷା ବିଭାଗ ପାଇଁ ଇତିହାସ ପୃଷ୍ଠାରେ ଏକ ନୂତନ କଳଙ୍କିତ ଅଧ୍ୟାୟ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଶିକ୍ଷା ବିଭାଗ ପାଇଁ ଏକ ବୈପ୍ଳବିକ ଚାଲେଞ୍ଜ ମଧ୍ୟ ଆଣିଛି । ଯାହା ଡେରାବିଶ ବ୍ଲକ୍ ହରିଅଙ୍କ ମୁଣ୍ଡାଳ ଅଞ୍ଚଳର ରତ୍ନାକର ନାୟକଙ୍କ ପୁଅ ପ୍ରଦୀପ କୁମାର ନାୟକ ଓରଫ କୁନା ସାର୍ କିଛି ଦିନ ପୂର୍ବେ ନକଲି ସାର୍ଟିଫିକେଟ୍ ରାକେଟ ଘଟଣକ୍ଷର ଖବର ପ୍ରସାରଣ କରିଥିବା କିଛି ଗଣମାଧ୍ୟମର ପ୍ରତିନିଧି ବା ସାମ୍ବାଦିକ ମାନଙ୍କୁ ମନା କରିବା ସହ ଧମକ ଚମକ ମଧ୍ୟ ଦେଇଥିଲେ । ତେବେ ସମ୍ପୂର୍ଣ୍ଣ ଘଟଣାବଳୀ ସାମନ୍ନାକୁ ଆସିଲା ସେତେବେଳେ ଜଣାପଡିଲା ଯେ - ଡେରାବିଶ ବ୍ଲକରେ ଏକାଧିକ ମହିଳା ନକଲି ସାର୍ଟିଫିକେଟ୍ ଦେଇ ସରକାରୀ ଚାକିରୀ ହାତେଇଛନ୍ତି ସି.ଆର.ପି ଓ ଏ.ମ୍ବି.କେ । ଏଭଳି ପୋଷ୍ଟ ପାଇଁ ନକଲି ପ୍ରମାଣପତ୍ର ଦେଇ ସରକାରଙ୍କୁ ଠକି ଚାକିରୀ କରିବା ସହ ଦୀର୍ଘଦିନ ଧରି ଦରମା ନେଉଥିଲେ । ତେବେ ଜଅଁରା ବାରିମୂଳ ପଞ୍ଚାୟତ ଗରାମ ଗ୍ରାମର ଜଣେ ସି.ଆର.ପି ଚାକିରୀ କରୁଥିବା ରାଜଶ୍ରୀ ପରିଜାଙ୍କ ନକଲି ସାର୍ଟିଫିକେଟ ଧରା ପଡିଯିବା ପରେ ତାଙ୍କୁ ଡେରାବିଶ ବ୍ଲକ୍ ପ୍ରଶାସନ ଚାକିରୀରୁ ମଧ୍ୟ ବହିଷ୍କାର କରିଥିବା ଜଣାପଡିଛି । ବସିପୁର ଗ୍ରାମ ପଞ୍ଚାୟତ ଏମ୍ବି.କେ ପାର୍ବତୀ ଲେଙ୍କା ମଧ୍ୟ ଚାକିରୀ ପାଇବା ସମୟରେ ବିଭିନ୍ନ ଅନୀୟମିତତା କାର୍ଯ୍ୟ କରିବା ନେଇ ଲୋପିତା ସେନ୍ ନାମକ ଜଣେ ମହିଳା ଅଭିଯୋଗ କରିଥିଲେ । ହାଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲପାଳ ପାର୍ବତୀ ଲେଙ୍କାଙ୍କ ଏମ୍ବି.କେ ପଦବୀକୁ ମଧ୍ୟ ରଦ୍ଦ କରିଥିଲେ । ପରେ ପାର୍ବତୀ ଲେଙ୍କା ମଧ୍ୟ ନକଲି ସାର୍ଟିଫିକେଟ୍ ଦେଇ ସରକାରୀ ଚାକିରୀ ପାଇଥିବା ଧରାପଡି ଯାଇଥିଲେ । ସରକାରଙ୍କୁ ଠକି ଦେଢ଼ ବର୍ଷହେବ ପାର୍ବତୀ ଲେଙ୍କା ନେଇଥିବା ଦରମା ଟଙ୍କା ଗୁଡିକୁ ମଧ୍ୟ ସେ ଫେରସ୍ତ କରିବା ପାଇଁ ଲୋପିତା ପୁଣି ଡେରାବିଶ ବ୍ଲକ ପ୍ରଶାସନ ନିକଟରେ ପାର୍ବତୀ ଲେଙ୍କାଙ୍କ ନାମରେ ଅଭିଯୋଗ କରିଥିବା ଜଣାପଡିଛି । ସେହିପରି କୁନା ସାରଙ୍କ ଘରପାଖ ତଥା କୁନା ସାରଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା ବଳଙ୍କ ଗ୍ରାମର ଜଣେ ମହିଳା ସ୍ୱୟଂପ୍ରଭା ମିଶ୍ର ନାମକ ମହିଳା ମଧ୍ୟ ଏକ ନକଲି ସାର୍ଟିଫିକେଟ୍ ଦେଇ ଜଅଁରା ବାରିମୂଳ ପଞ୍ଚାୟତର ଏମ୍ବି.କେ ପଦରେ ଦୀର୍ଘ ଦିନଧରି ଚାକିରୀ କରୁଥିଲେ । କିନ୍ତୁ ଆର୍ଟି. ଆଇ ତଥ୍ୟ ସ୍ୱୟଂପ୍ରଭାଙ୍କ ସବୁ କେଳଙ୍କାରୀ ଗୁଡିକର ଗୁମର ଖୋଲିଦେବା ସହିତ ତାଙ୍କ କାଣ୍ଡ କାରନାମା ଗୁଡିକୁ ମଧ୍ୟ ପଦାରେ ପକାଇବା ସଙ୍ଗେ ସଙ୍ଗେ ଧରାଇ ଦେଇଥିଲା ନକଲି ପ୍ରମାଣପତ୍ରର ଗୁମର । ଅଭିଯୋଗ କାରିଣୀ ସୀମା ନାୟକଙ୍କ ଅଭିଯୋଗ କ୍ରମେ ଏବେ ସ୍ୱୟଂପ୍ରଭାଙ୍କ ଉପରେ ଡେରାବିଶ ବିଡ଼ିଓଙ୍କ ନିର୍ଦ୍ଦେଶ କ୍ରମେ ମଧ୍ୟ ତଦନ୍ତ ଜାରି ରହିଥିବା ବେଳେ ନକଲି ସାର୍ଟିଫିକେଟ୍ ରାକେଟର ମୂଖ୍ୟ ମାଷ୍ଟର ମାଇଣ୍ଡ କୁହା ଯାଉଥିବା କୁନାସାର୍ ଔଷଧ ବିକଳରେ ତାଟିଆ କାମୁଡି ବରିଷ୍ଠ ସାମ୍ବାଦିକ ବାବୁଲି ମଲ୍ଲିକଙ୍କୁ ହତ୍ୟା ଧମକ ଦେବାସହ ତାଙ୍କ ଜାତିଆନାକୁ ନେଇ ବାରମ୍ବାର ଆକ୍ଷେପକରି ଆଇନ ଜାଲରେ ମିଥ୍ୟା କେସ୍ ବା ଆରୋପ ଲଗାଇ ଛନ୍ଦିବାକୁ ଚେଷ୍ଟା କରୁଥିବା ଭଳି ଏକ ଜଘନ୍ୟ ଓ ସାଘାଂତିକ ଘଟଣା ଏବେ ପଦାକୁ ଆସିଛି । ଯୋଉ ଘଟଣାକୁ ନେଇ ଖାଲି କେନ୍ଦ୍ରାପଡା ଜିଲ୍ଲା ନୁହେଁ ସମଗ୍ର ଶିକ୍ଷା ବିଭାଗକୁ ଦୋହଲାଇ ଦେବାକୁ ବସିଲାଣି । ପ୍ରତିଦିନ ଏଭଳି ଘଟଣାକୁ ନେଇ ଜିଲ୍ଲାର ବିଭିନ୍ନ ଛକ ବଜାରରେ ଯେତିକି ଆଲୋଚନା ପ୍ରଯ୍ୟାଲୋଚନା କରାଯାଉଛି ସେତିକି ମଧ୍ୟ ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କର ମୁଣ୍ଡ ବିନ୍ଧାର କାରଣ ପାଲଟିଲାଣି । ଗୋଟେ ପଟେ କେନ୍ଦ୍ରାପଡ଼ା ସଦର ଥାନାରେ କୁନାସାର୍ ଓରଫ ପ୍ରଦୀପ କୁମାର ନାୟକଙ୍କ ନାମରେ ହତ୍ୟା ଧମକ,ଜାତିଆଣ ଆକ୍ଷେପ ଓ ମରଣାତ୍ମକ ଆକ୍ରମଣ ଉଦ୍ୟମ ଭଳି ସଂଗୀନ ସଂଗୀନ୍ ମୂଳକ ଲିଖିତ ଅଭିଯୋଗ କରିଛନ୍ତି ସାମ୍ବାଦିକ ବାବୁଲି ମଲ୍ଲିକ । ଏନେଇ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ କୁନାସାରଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗକୁ ଭିର୍ତିକରି ଆହୁରି ଅଧିକ ଅଧିକ ତଦ୍ଦନ୍ତ କରାଯାଇ ନିଶ୍ଚୟ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ସଦର ଥାନା ଅଧିକାରୀ । କୁନାସାର୍ ଚାକିରୀ କରୁଥିବା ରାମଚଣ୍ଡି ସଂସ୍କୃତ କଲେଜର ଅଧ୍ୟକ୍ଷ ରମେଶ ଶତପଥି ମଧ୍ୟ ତାଙ୍କ ପ୍ରତିକ୍ରିୟା ରଖି ଘାଟଣକ୍ଷର ପ୍ରକୃତ ସତ୍ୟା ସତ୍ୟ ବିଷୟରେ ତୁରନ୍ତ ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ଡେରାବିଶ ବିଡ଼ିଓ ନମିତା ବାରିକ ମଧ୍ୟ ପ୍ରତିକ୍ରିୟା ରଖି ତଦ୍ଦନ୍ତ ସରିଲେ ଖୁବ ସିଘ୍ର ଦୋଷୀ ମାନଙ୍କ ପ୍ରତି ଦୃଢ଼ରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଅନ୍ୟ ପଟେ ଲୋକ ମାନଙ୍କୁ ସବୁବେଳେ ଚାରବିଶି କଥା କହି ଭୂତାଉଥିବା କୁନା ସାର୍ ନାମକ ଏକ ଠକ ଦଲାଲ ବ୍ୟକ୍ତିଙ୍କୁ କେବେ ସଦର ପୋଲିସ୍ ଗିରଫ୍ କରୁଛି ଯାହା ଖାଲି ଦେଖିବାକୁ ବାକି ରହିଲା ।

## ସଂ ପା ଦ କୀ ୟ

# କଠିନ କୂଟନୀତି

ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କୁକ୍ସକ୍ଟଲସକ୍ଷର ସଙ୍କବଶର ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍ ?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କିନ୍ତୁ 'ଏଚ୍ ?ଟିଏସ୍'ର ସମଧର୍ମା ଆଫଗାନିସ୍ତାନ୍ ?ରେ କ୍ଷମତାସୀନ ଜିହାଦୀ ଗୋଷ୍ଠୀ ତାଲିବାନ୍ ସହିତ ଭାରତ ଯେଉଁଭଳି ସୁସଂପର୍କ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି, ସିରିଆରେ ମଧ୍ୟ ତାହା ସମ୍ଭବ ହୋଇପାରେ। କୂଟନୀତିରେ କିଛି ବି ହେଲେ ଅସମ୍ଭବ ନୁହେଁ।ସିରିଆରେ ବାସର୍ ଆଲ୍-ଆସାଦ୍ ଶାସନର ପତନ କେବଳ ମଧ୍ୟପ୍ରାଚ୍ୟର ସେଇ ବିକ୍ଷୁବ୍ ?ଧ ଅଞ୍ଚଳରେ ଘଟିଥିବା ଏକ ସଦ୍ୟତମ ରାଜନେ?ତିକ ବିସ୍ଫୋରଣ ନୁହେଁ, ଏହା ସହିତ ସେ ଦେଶରେ ଦୀର୍ଘ ଅର୍ଦ୍ଧଶତାବ୍ଦୀର ଆସାଦ୍ ବଂଶର ପାରିବାରିକ ଦଖଲର ମଧ୍ୟ ଅନ୍ତ ଘଟିଛି। ଏକ ବିଡ଼ମ୍ବନା ଭଳି ସୁନ୍ନୀ ଇସଲାମୀୟ ଆତଙ୍କବାଦୀ ସଂଗଠନ 'ଆଲ୍-କାଏଦା'ର ଏକ ପୂର୍ବତନ ପ୍ରଶାଖା ରୂପେ କୁଖ୍ୟାତ ଜିହାଦୀ ସଂଗଠନ 'ହୟାତ୍ ତାହ୍ ?ରିର୍ ଆଲ୍ ?-ସାମ୍' ('ଏଚ୍ ?ଟିଏସ୍')ର ବାସର୍ ଆସାଦ୍ ?ଙ୍କ ଉପରେ ଏହି ବିଜୟ ଯାହା ଯୋଗୁଁ ସମ୍ଭବ ହୋଇଛି; ସେ ହେଉଛି ଇସ୍ରାଏଲ୍। ଆସାଦ୍ ?ଙ୍କ ମୁଖ୍ୟ ପୃଷ୍ଠପୋଷକ ଦେଶ ଦ୍ୱୟ ହେଉଛନ୍ତି ରୁଷିଆ ଓ ଇରାନ୍। ରୁଷିଆ କିନ୍ତୁ ନିଜେ ୟୁକ୍ରେନ୍ ସହିତ ଯୁଦ୍ଧରେ ବ୍ୟାପୃତ ଥିବାରୁ ଆସାଦ୍ ?ଙ୍କୁ ଏବେ ଆବଶ୍ୟକ ସାମରିକ ସାହାଯ୍ୟ ଯୋଗାଇବାକୁ ସମର୍ଥ ହେଲାନାହିଁ। ସିଆ ଇରାନ୍ ତରଫରୁ ଇସଲାମୀୟ ଆତଙ୍କବାଦୀ ସଂଗଠନ ହେଜ୍ ?ବୋଲ୍ଲା କିନ୍ତୁ ଆସାଦ୍ ?ଙ୍କୁ ଏ ପର୍ଯ୍ୟନ୍ତ ଦୃଢ଼ ସହାୟତା ପ୍ରଦାନ କରି ଆସିଥିଲା। ନିକଟରେ ଇସ୍ରାଏଲ୍ କିନ୍ତୁ ଲେବାନନ୍ ?ରେ ଆଡ୍ ?ଡା ଜମାଇଥିବା ହେଜ୍ ?ବୋଲ୍ଲା ଉପରେ ତୁହାକୁ ତୁହା ଆକ୍ରମଣ କରି ତା'ର ମେରୁଦଣ୍ଡ ଭାଙ୍ଗିଦେବା ପରେ ଆସାଦ୍ ସଂପୂର୍ଣ୍ଣ ଅସହାୟ ହୋଇପଡ଼ିବାର ସୁଯୋଗ ନେଇ 'ଏଚ୍ ?ଟିଏସ୍'ର ଯୋଦ୍ଧାମାନେ ଅନାୟାସରେ ଆସାଦ୍ ?ଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଛନ୍ତି। ଗୋଟିଏ ମନ୍ଦ ଶକ୍ତି ସ୍ଥାନରେ ଅନ୍ୟ ଏକ ମନ୍ଦ ଶକ୍ତି ବର୍ତ୍ତମାନ ସିରିଆକୁ ଦଖଲ କରିଛି।ସିରିଆରେ ଏହି କ୍ଷମତା ପରିବର୍ତ୍ତନ ଯେ ଭାରତ ପାଇଁ ଏକ ସ୍ୱର୍ଣକାତର କୂଟନେ?ତିକ ପରିସ୍ଥିତି ସୃଷ୍ଟି କରିଛି, ଏଥିରେ କେ?ଣସି ସନ୍ଦେହ ନାହିଁ। ୨୦୧୧ ଠାରୁ ସେ ଦେଶରେ ଲାଗିରହିଥିବା ଗୃହଯୁଦ୍ଧ ସତ୍ତ୍ୱେ ସିରିଆ ସହିତ ଭାରତର କୂଟନେ?ତିକ ସଂପର୍କ ଏ ପର୍ଯ୍ୟନ୍ତ ସ୍ଥିର ରହିଆସିଛି ବୋଲି କୁହାଯାଇପାରେ। ଆସାଦ୍ ସିରିଆର ନାଗରିକମାନଙ୍କ ଉପରେ ଅତ୍ୟାଚାର ଚଳାଇ ସେମାନଙ୍କର ମାନବାଧିକାର ଉଲ୍ଲଂଘନ କରିବାର ଗୁରୁତର ଅଭିଯୋଗ ହୋଇଆସୁଥିଲେ ହେଁ ସେ ଦେଶର ସାର୍ବଭେ?ମତ୍ୱ, ଆଞ୍ଚଳିକ ଅଖଣ୍ଡତା ଓ ନିରପେକ୍ଷତାକୁ କାରଣ ରୂପେ ଦର୍ଶାଇ ଭାରତ ସିରିଆ ସହିତ ଦ୍ୱିପାକ୍ଷିକ ସଂପର୍କ ଅତୁଟ ରଖିଆସିଛି। ଜାତିସଂଘର ନିରାପତ୍ତା ପରିଷଦର ସଂକଳ୍ପ ୨୨୫୪କୁ ଉଲ୍ଲେଖ କରି ସିରିଆର ସମସ୍ୟା ସମାଧାନ ନିମିତ୍ତ ଏକ ସିରିଆ-ନେତୃତ୍ୱାଧୀନ ରାଜନେ?ତିକ ପ୍ରକ୍ରିୟାକୁ ଭାରତ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛି। ସିରିଆର ସାର୍ବଭେ?ମତ୍ୱ, ସ୍ୱାଧୀନତା ଓ ଅଖଣ୍ଡତାକୁ ଏହା ଦ୍ୱାରା ଭାରତ ସେଇ ସଂକଳ୍ପ ଅନୁସାରେ ସମ୍ମାନ ପ୍ରଦର୍ଶନ କରିଛି ବୋଲି ଦର୍ଶାଇ ଆସିଛି।ଭାରତ ଅବଶ୍ୟ ଏଭଳି ଏକ ଆଭିମୁଖ୍ୟ ଗ୍ରହଣ କରି କେବଳ ଏକ ନିରବଦ୍ରଷ୍ଟା ହୋଇ ରହିନାହିଁ। ଭାରତ ମଧ୍ୟ ସିରିଆକୁ ଉଲ୍ଲେଖନୀୟ ଅର୍ଥନେ?ତିକ ସହାୟତା ପ୍ରଦାନ କରିଆସିଛି। ଭାରତ ୨୦୨୧ରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର ଓ ଇସ୍ପାତ କାରଖାନା ସ୍ଥାପନ ନିମିତ୍ତ ସିରିଆକୁ ୨୮୦ ନିୟୁତ ଡଲାର୍ ସହାୟତା ପ୍ରଦାନ କରିଥିଲା। ସେହିପରି ଡାମାସ୍କସ୍ ?ରେ ଭାରତ ମଧ୍ୟ 'ନେକ୍ସଟ୍ ଜେନେରେସନ୍ ସେଣ୍ଟର୍ ଫର୍ ଇନ୍ ?ଫର୍ମେସନ୍ ଟେକ୍ ?ନୋଲୋଜି' ନାମକ ଏକ ଆଇଟି କେନ୍ଦ୍ର ସ୍ଥାପନ କରିଥିଲା, ଏବଂ ୧,୫୦୦ ସିରିଆନ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲା। ଭାରତ କେବଳ ବଦାନ୍ୟତା ପ୍ରଦର୍ଶନ କରି ଏଭଳି ପଦକ୍ଷେପମାନ ଗ୍ରହଣ କରିଥିଲା, ତାହା ନୁହେଁ; ପଶ୍ଚିମ ଏସିଆରେ ନିଜର ନିରାପତ୍ତା ଓ ଶକ୍ତି (ଏନର୍ଜି) ସଂପର୍କିତ ସ୍ୱାର୍ଥରକ୍ଷା ମଧ୍ୟ ଥିଲା ଭାରତର ଅନ୍ୟତମ ଉଦ୍ଦେଶ୍ୟ।ପ୍ରତିବଦଳରେ ବାସାର୍ ଆସାଦ୍ ମଧ୍ୟ ଭାରତ ପାଇଁ ଜଣେ ନିର୍ଭରଯୋଗ୍ୟ ସାଥୀ ରୂପେ ନିଜକୁ ପ୍ରମାଣିତ କରିଥିଲେ। ବିଶେଷ କରି କାଶ୍ମୀର ପ୍ରସଙ୍ଗରେ ତାଙ୍କର ଆଭିମୁଖ୍ୟ ଭାରତ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଉଦାହରଣ ସ୍ୱରୂପ ଧାରା-୩୭୦ ଉଚ୍ଛେଦକୁ ନେଇ ସେ ଅନ୍ୟ ଇସଲାମୀୟ ଦେଶମାନଙ୍କ ମଧ୍ୟରେ ଏକ ବ୍ୟତିକ୍ରମ ସ୍ୱରୂପ ଭାରତର ପଦକ୍ଷେପକୁ ଖୋଲାଖୋଲି ସମର୍ଥନ ଜଣାଇଥିଲେ। ଇସଲାମୀୟ ଦେଶମାନଙ୍କର ସଂଗଠନ 'ଅର୍ଗାନାଇଜେସନ୍ ଅଫ୍ ଇସ୍ ?ଲାମିକ୍ ? କେଅପରେସନ୍' ('ଓଆଇସି')ର ସମାଲୋଚନାକୁ ତଥା ଅନ୍ୟ ଇସ୍ ?ଲାମୀୟ ଆରବ ଦେଶମାନଙ୍କର ତୀବ୍ର ବିରୋଧକୁ ଭ୍ରୂକ୍ଷେପ ନ କରି ଆସାଦ୍ ସେତେବେଳେ ଭାରତ ପଛରେ ଦୃଢ଼ ଭାବରେ ଛିଡ଼ା ହୋଇଥିଲେ। ବିଭିନ୍ନ ଆନ୍ତର୍ଜାତିକ ମଞ୍ଚରେ ମଧ୍ୟ ଆସାଦ୍ ଭାରତର ପକ୍ଷ ନେଇ ଚୀନ୍ ଓ ପାକିସ୍ତାନ ତରଫରୁ ହେଉଥିବା ବିରୋଧର ମୁକାବିଲା କରୁଥିଲେ। ଇସ୍ରାଏଲ୍ ସହିତ ଭାରତର ସଂପର୍କ ଘନିଷ୍ଠତର ହେବାକୁ ଲାଗିବା ପରେ ମଧ୍ୟ ଭାରତ ଆସାଦ୍?ଙ୍କ ପ୍ରତି କୃତଜ୍ଞତାର ଚିହ୍ନ ସ୍ୱରୂପ 'ଗୋଲାନ୍ ହାଇଟ୍ ?ସ' ପ୍ରସଙ୍ଗରେ ଆସାଦ୍ ?ଙ୍କ ପକ୍ଷ ନେଇ ଇସ୍ରାଏଲ୍ ଉପରେ ଚାପ ପକାଉଥିଲା।ବର୍ତ୍ତମାନ ଆସାଦ୍ ବିତାଡ଼ିତ ହେବା ପରେ ତେଣୁ ଭାରତ ଏକ ସଂପୂର୍ଣ୍ଣ ନୂତନ ସମୀକରଣର ସମ୍ମୁଖୀନ ହୋଇଛି। ସେ ଅଞ୍ଚଳରେ ରୁଷିଆ ଓ ଇରାନ୍ ?ର ପ୍ରଭାବ କ୍ଷୁଣ୍ଣ ହେବା ପରେ ସେଠାରେ 'ଏଚ୍ ?ଟିଏସ୍'ର ସମର୍ଥକ ତୁର୍କୀର ପ୍ରଭାବରେ ବର୍ତ୍ତମାନ ବୃଦ୍ଧି ଘଟିଛି। ଅନ୍ୟ ଆରବ ଦେଶମାନେ ସତର୍କତାର ସହିତ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ଆମେରିକାର ନବନିର୍ବାଚିତ ଭାବୀ-ରାଷ୍ଟ୍ରପତି ଡୋନାଲ୍ ?ଡ ଟ୍ରମ୍ପ ସିରିଆର ଭବିଷ୍ୟତ ସିରିଆବାସୀଙ୍କ ଉପରେ ନିର୍ଭର କରେ ବୋଲି କହିସାରିଲେଣି; ଅର୍ଥାତ୍ ଆମେରିକା ସେଠାରେ ସଂପୃକ୍ତ ହେବାକୁ ଯାଉନାହିଁ। ଆଗାମୀ ଦିନମାନଙ୍କରେ ଯେତେବେଳେ ସେଠାରେ ଧୀରେ ଧୀରେ ସ୍ଥିରତା ଦେଖା ଦେବ, ଭାରତକୁ ସେତେବେଳେ ଅତ୍ୟନ୍ତ ସନ୍ତର୍ପଣର ସହିତ ଅଗ୍ରସର ହେବାକୁ ପଡ଼ିବ।ବର୍ତ୍ତମାନ ସେଠାରେ ପ୍ରଭାବହୀନ ହୋଇପଡ଼ିଥିବା ଉଭୟ ରୁଷିଆ ଓ ଇରାନ୍ ସହିତ ଭାରତ ଉତ୍ତମ ତଥା ସମୟ-ପରୀକ୍ଷିତ ସଂପର୍କ ଉପଭୋଗ କରିଆସିଛି। ଇସ୍ରାଏଲ୍ ମଧ୍ୟ ହେଉଛି ଭାରତର ଏକ ନିର୍ଭରଯୋଗ୍ୟ ମିତ୍ର ଦେଶ। କିନ୍ତୁ ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ସଂପର୍କ ଅହି-ନକୁଳ ଶ୍ରେଣୀର ହୋଇଥିବାରୁ ସିରିଆରେ ଉତ୍ପନ୍ନ ନୂତନ ପରିସ୍ଥିତି ଭାରତକୁ ଏକ ଅତ୍ୟନ୍ତ ଜଟିଳ କୂଟନେ?ତିକ ପରିସ୍ଥିତିର ସମ୍ମୁଖୀନ କରାଇଥାଏ। ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍ ?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କିନ୍ତୁ 'ଏଚ୍ ?ଟିଏସ୍'ର ସମଧର୍ମା ଆଫଗାନିସ୍ତାନ୍ ?ରେ କ୍ଷମତାସୀନ ଜିହାଦୀ ଗୋଷ୍ଠୀ ତାଲିବାନ୍ ସହିତ ଭାରତ ଯେଉଁଭଳି ସୁସଂପର୍କ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି, ସିରିଆରେ ମଧ୍ୟ ତାହା ସମ୍ଭବ ହୋଇପାରେ। କୂଟନୀତିରେ କିଛି ବି ହେଲେ ଅସମ୍ଭବ ନୁହେଁ।

# ଭାରତୀୟ ସଂବିଧାନର ମୂଳ ଚରିତ୍ର

ମହାମେଘବାହନ ଐର ଖାରବେଳ ସ୍ୱାଇଁ



ଭାରତୀୟ ସଂବିଧାନକୁ ନେଇ ବିରୋଧୀ ଓ ସରକାରୀ ଦଳମାନଙ୍କ ମଧ୍ୟରେ ଗୁରୁତର ବିବାଦ ଲାଗି ରହିଛି। ବିରୋଧୀମାନେ ଅଭିଯୋଗ ଆଣନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନେଇ ଗତ ୨୦୧୪ରୁ... ଭାରତୀୟ ସଂବିଧାନକୁ ନେଇ ବିରୋଧୀ ଓ ସରକାରୀ ଦଳମାନଙ୍କ ମଧ୍ୟରେ ଗୁରୁତର ବିବାଦ ଲାଗି ରହିଛି। ବିରୋଧୀମାନେ ଅଭିଯୋଗ ଆଣନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନେଇ ଗତ ୨୦୧୪ରୁ ଏ ଯାବତ୍? ଶାସନ କ୍ଷମତାରେ ଥିବାରୁ 'ଭାରତୀୟ ଜନତା ପାର୍ଟି'ର ଔଦ୍ଧତ୍ୟ ଓ ଏକାଧିପତ୍ୟ ବହୁ ପରିମାଣରେ ବଢ଼ିଯାଇଛି। ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ 'ଏନ୍ ?ଡିଏ' ସରକାର ସଂବିଧାନକୁ କେବଳ ନିଜର ସୁବିଧା ପାଇଁ ବ୍ୟବହାର କରୁଛନ୍ତି। ଯାହା ଫଳରେ ଏ ଦେଶରେ ସଂଖ୍ୟାଲଘୁ, ଅନୁସୂଚିତ ଜାତି ଓ ଜନଜାତିର ମୌଳିକ ଅଧିକାର ସାବ୍ୟସ୍ତ ହୋଇପାରୁନାହିଁ। ମୁସଲମାନମାନଙ୍କ ଏ ଦେଶରେ କୌଣସି ସ୍ୱାଧୀନ ଅଧିକାର ରହୁ ନାହିଁ ଓ ଅନୁସୂଚିତ ଜାତି ତଥା ଜନଜାତିମାନଙ୍କୁ ଉଚ୍ଚ ଜାତିମାନେ ସବୁବେଳେ ଅବଜ୍ଞା କରି ଆସୁଛନ୍ତି। ମୋଦୀଙ୍କ ନେତୃତ୍ୱାଧୀନ ଏନ୍ ?ଡିଏ ସରକାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରନ୍ତି। ତେଣୁ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ଯେ, ଏହି ଦୁଇଟି ଅଭିଯୋଗ ଓ ପ୍ରତ୍ୟାଭିଯୋଗ ମଧ୍ୟରେ ସତ କେଉଁଟି ! ତେଣୁ ଭାରତୀୟ ସଂବିଧାନ କ'ଣ ଓ କେଉଁ ବାଟରେ ଏହା ଅସାଧାରଣ ସେ ସମ୍ପର୍କରେ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି। ଏଠାରେ ଉଲ୍ଲେଖନୀୟ ଯେ, ଭାରତରେ ସାଧାରଣ ଜନତା ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଏକ ଧର୍ମନିରପେକ୍ଷ ସମ୍ପର୍କରେ ଜଡ଼ିତ। ପୃଥିବୀର କେତେକ ଦେଶରେ ଯେମିତି ସେଠାକାର ଜନସାଧାରଣ କେବଳ ଧର୍ମକୁ ନେଇ ସେମାନଙ୍କ ଲୋକ ପ୍ରତିନିଧିମାନଙ୍କ ସହିତ ଜଡ଼ିତ, ଭାରତରେ ସେଭଳି ହୋଇନଥାଏ। ସାଉଦି ଆରବ, ଇରାନ, ପାକିସ୍ତାନ ଆଦି ଇସଲାମୀୟ ଦେଶମାନଙ୍କର ଜନସାଧାରଣ ସେମାନଙ୍କର ଲୋକପ୍ରତିନିଧିମାନଙ୍କ ସହିତ କେବଳ ଧର୍ମ ନାଁରେ ବାନ୍ଧି ହୋଇ ରହିଥାନ୍ତି। ଏ ଦେଶମାନଙ୍କରେ ସାଧାରଣତଃ ଇସଲାମକୁ ଛାଡ଼ିଦେଲେ ଅନ୍ୟ କୌଣସି ଧର୍ମର ଲୋକମାନେ ଲୋକପ୍ରତିନିଧି ହିସାବରେ ନିର୍ବାଚିତ ହୋଇନଥାନ୍ତି। ପାକିସ୍ତାନ ପରି ଦେଶରେ ଅନ୍ୟ ଧର୍ମର ଲୋକମାନଙ୍କୁ କେବଳ କୋଟା ମାଧ୍ୟମରେ ପ୍ରତିନିଧିତ୍ୱ ଦିଆଯାଇଥାଏ। ସେ ସବୁ ଦେଶରେ ଯେ କୌଣସି ଧର୍ମର ଲୋକ ଏକ ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିପାରନ୍ତି ନାହିଁ। ଭାରତରେ କିନ୍ତୁ ସେଭଳି ହୋଇ ନ ଥାଏ। ଭାରତର ଗଣତନ୍ତ୍ର ହେଉଛି ଏକ ଅସ୍ତ୍ର, ଯାହା ସାମାଜିକ ନ୍ୟାୟ ଓ ଅର୍ଥନୈତିକ ସାମ୍ୟ ହାସଲ ଦିଗରେ ଉଦ୍ଦିଷ୍ଟ। ଏ ଦେଶରେ ଯେ କୌଣସି ଧର୍ମର ବ୍ୟକ୍ତି ଯେ କୌଣସି ନିର୍ବାଚନରେ ଲଢ଼ିପାରନ୍ତି ଓ ଜିତିପାରନ୍ତି ମଧ୍ୟ। ଏଠାରେ ପ୍ରତିନିଧିତ୍ୱ ହେଉଛି ଧର୍ମନିରପେକ୍ଷତାର। କେରଳ, ମହାରାଷ୍ଟ୍ର ଓ ଆସାମ ପରି ରାଜ୍ୟମାନଙ୍କରେ ଅତୀତରେ ମୁସଲମାନମାନେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ଯଦିଓ ଏହି ରାଜ୍ୟମାନଙ୍କରେ ମୁସଲମାନମାନେ ସଂଖ୍ୟାଗରିଷ୍ଠ ନୁହନ୍ତି। କେରଳରେ ମୁସଲମାନମାନେ ପ୍ରାୟ ମୋଟ ଲୋକସଂଖ୍ୟାର ୨୪% ହୋଇଥିଲାବେଳେ ଆସାମରେ ସେମାନେ ପ୍ରାୟ ୩୦% ଓ ଏ. ଆର. ଆନ୍ତୁଲେ ମୁଖ୍ୟମନ୍ତ୍ରୀ ଥିବା ମହାରାଷ୍ଟ୍ରରେ ମୁସଲମାନମାନେ ୭-୮%ରୁ ଅଧିକା ନୁହନ୍ତି। କେରଳ ପରି ରାଜ୍ୟରେ ଏ. ଆନନ୍ଥୋନୀ ଓ ଉମେନ ଚାଣ୍ଡିଙ୍କ ପରି ଖ୍ରୀଷ୍ଟିଆନ୍ ?ମାନେ ମୁଖ୍ୟମନ୍ତ୍ରୀ ହୋଇଥିଲାବେଳେ ସେ ରାଜ୍ୟରେ ଖ୍ରୀଷ୍ଟିଆନ୍ ?ଙ୍କ ସଂଖ୍ୟା ୧୯%ରୁ ଅଧିକ ନୁହେଁ। ଏହା ହିଁ ହେଉଛି ଭାରତୀୟ ଗଣତନ୍ତ୍ରର ଏକ ବହୁତ ବଡ଼ ସଫଳତା। ଭାରତରେ ସବୁବେଳେ ଦେଖାଯାଇଛି ବିଭିନ୍ନ ଧର୍ମର ଲୋକମାନେ ବିଭିନ୍ନ ଅନୁଷ୍ଠାନରେ ମିଳିମିଶି କାର୍ଯ୍ୟ କରିଛନ୍ତି। ଏହା ଛଡ଼ା ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ସର୍ବତ୍ର ସେମାନେ ମିଳିମିଶି କାମ କରିବା ଦେଖାଯାଇଥାଏ। ଏଠାରେ ସବୁଠାରୁ ବଡ଼ କଥା ହେଲା ଏ ଦେଶର ଲୋକସଭା ଓ ବିଧାନସଭାମାନଙ୍କରେ ସବୁ କିଛି ଧର୍ମନିରପେକ୍ଷତାର ପ୍ରତିନିଧିତ୍ୱର କଥା କହେ। ଭାରତର ଗଣତନ୍ତ୍ର ସବୁ ଧର୍ମ ଓ ସଂସ୍କୃତିର ଲୋକମାନଙ୍କୁ ସମାନ ଆକାରରେ ବିଚାର କରିଥାଏ ଏବଂ ଭାରତର ସଂବିଧାନରେ ଏହି ଗଣତାନ୍ତ୍ରିକ ସମାନତା ହେଉଛି ଏକ ଅସାଧାରଣ ବିଭାବ।ଭାରତର ସଂବିଧାନରେ ଏକ ବଡ଼ କଥା ହେଲା ଏଥିରେ ନୈତିକତା ରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। କାରଣ ନୈତିକତା ବିନା କୌଣସି ସମାଜ ତିଷ୍ଠି ନପାରେ। ଭାରତର ନ୍ୟାୟପାଳିକାର ମୁଖ୍ୟ କାର୍ଯ୍ୟ ହେଲା ଏହି ସାଂବିଧାନିକ ନୈତିକତା ରକ୍ଷା କରିବା।ଭାରତର ନ୍ୟାୟପାଳିକ ଯେତେବେଳେ କୌଣସି କଥାର ବିଚାର କରେ, ସେତେବେଳେ ତାହା ଧର୍ମକୁ ନେଇ ବିଚାର କରିନଥାଏ। ସଂବିଧାନର ଧାରା ୧୪ ଓ ୧୯ରେ ଯେଉଁ ସମାନତାର କଥା କୁହାଯାଇଛି, ତାହାକୁ ଏ ଦେଶର ନ୍ୟାୟପାଳିକା ସବୁବେଳେ ପ୍ରତିଷ୍ଠିତ କରି ରଖିଥାନ୍ତି ଓ ନ୍ୟାୟପାଳିକା ଜଣେ ବ୍ୟକ୍ତିର ଧର୍ମନିରପେକ୍ଷ କାର୍ଯ୍ୟକଳାପ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥାଏ। କେବଳ ଧର୍ମ ନୁହେଁ, ଭାରତରେ ଜାତି, ଆଂଚଳିକତା ଓ ଭାଷାମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ସମାନ ଭାବେ ବିଚାର କରାଯାଇଥାଏ, ଯାହା ହେଉଛି ଏକ ଯୁକ୍ତିସିଦ୍ଧ ବ୍ୟବସ୍ଥା। ଉଦାହରଣ ସ୍ୱରୂପ ଭାରତର ନିର୍ବାଚନ କମିସନ ଯେଉଁ ଫଟୋ ପରିଚୟ ପତ୍ରଟି ଦେଇଥାନ୍ତି, ସେଥିରେ କେବଳ ନାମ, ଲିଙ୍ଗ ଓ ଠିକଣା ଦିଆଯାଇଥାଏ; କୌଣସି ଧର୍ମ, ଜାତି, ଭାଷା ଆଦିର ନାମ ତହିଁରେ ଉଲ୍ଲିଖିତ ନଥାଏ। ଅବଶ୍ୟ ଭାରତରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ଚିହ୍ନ ବିଭିନ୍ନ ପରିଚୟ ପତ୍ରରେ ପ୍ରଦାନ କରାଯାଇଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଏହି ଯେ ଏହି ବର୍ଗର ବ୍ୟକ୍ତିମାନେ ହଜାର ହଜାର ବର୍ଷ ଧରି ସମାଜରେ ଅସମାନ ହୋଇ ରହି ଆସିଛନ୍ତି ଓ ସେମାନଙ୍କ ଅସମାନତାକୁ ଦୂର କରିବାର ଆବଶ୍ୟକତା ରହିଛି। ସେଥି ପାଇଁ ଏହି ବର୍ଗର ଲୋକମାନଙ୍କୁ ବିଭିନ୍ନ ସରକାରୀ ଚାକିରି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଥାଏ। ସାରା ପୃଥିବୀରେ ଭାରତ ବର୍ଷ ହେଉଛି ଏକମାତ୍ର ଦେଶ, ଯେଉଁଠି ଜାତି ହେଉଛି ଏକମାତ୍ର ବାସ୍ତବତା। ପୃଥିବୀର ଅନ୍ୟ କୌଣସି ଦେଶରେ ଜାତି ନାହିଁ ଏବଂ ଏହି ଜାତି ଭାରତରେ କେବଳ ହିନ୍ଦୁ ସମାଜ ମଧ୍ୟରେ ସୀମାବଦ୍ଧ। ଭାରତର ସଂବିଧାନ ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ସ୍ୱତନ୍ତ୍ର ସୁବିଧା ଦେବାର ଅର୍ଥ ହେଲା ଏହି ଯେ, ଦୀର୍ଘ ଅତୀତରୁ ଏମାନଙ୍କ ମଧ୍ୟରେ ରହି ଆସିଥିବା ଅସମାନତାକୁ ଦୂର କରାଯିବା ଆବଶ୍ୟକ। ଭାରତରେ ସଂଖ୍ୟାଲଘୁମାନଙ୍କର ଶିକ୍ଷା ଅନୁଷ୍ଠାନ ଓ ଅନ୍ୟ ଧର୍ମ ଅନୁଷ୍ଠାନମାନଙ୍କ ସ୍ୱତନ୍ତ୍ର ସୁରକ୍ଷା ବିଷୟ ସଂବିଧାନରେ ସ୍ଥାନ ପାଇଛି। ଭାରତୀୟ ସଂବିଧାନର ଚିଠା ପ୍ରସ୍ତାବ କମିଟିର ଅଧ୍ୟକ୍ଷ ବାବାସାହେବ ଆମ୍ବେଦକରଙ୍କ ମତ ହେଲା ଯେ, ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁମାନେ ଦିନେ ମିଶିଯିବେ; ତେଣୁ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି। ଏ ଦେଶରେ ଧର୍ମଗତ ସଂଖ୍ୟାଲଘୁମାନଙ୍କୁ ସଂବିଧାନ ବଳରେ ସୁରକ୍ଷା ପ୍ରଦାନ କରାଯାଇଛି। ଯେମିତି ସଂଖ୍ୟାଗରିଷ୍ଠମାନେ ଏମାନଙ୍କ ଉପରେ ଅତ୍ୟାଚାର କରି ନ ପାରନ୍ତି। ସଂବିଧାନରେ ସ୍ପଷ୍ଟ ଲେଖାଯାଇଛି ଯେ ଜାତି, ଭାଷା, ଧର୍ମ ଓ ଆଞ୍ଚଳିକତାକୁ ନେଇ କାହାରି ଉପରେ ବିଦ୍ୱେଷ ପୋଷଣ କରାଯାଇ ନ ପାରେ। ଜଣେ ବ୍ୟକ୍ତି ଯେଉଁ ଅଞ୍ଚଳର ନାଗରିକ ହେଉ ପଛେ?କ ବା ଯେଉଁ ଭାଷା କହୁ ପଛକେ ବା ଯେଉଁ ଧର୍ମରେ ଅନୁପ୍ରାଣିତ ହୋଇଥାଉ ପଛକେ, ଏ ସବୁକୁ ରକ୍ଷା କରିବାର ଅଧିକାର ତା'ର ଅଛି। ଭାରତରେ ସଂଖ୍ୟାଲଘୁମାନଙ୍କର ଅନୁଷ୍ଠାନଗୁଡ଼ିକ ହେଉଛି ସ୍ୱୟଂଶାସିତ। ଏଥିରେ ସରକାର ବା ଅନ୍ୟ କେହି ହସ୍ତକ୍ଷେପ କରିପାରିବେ ନାହିଁ। ଏହା ହେଉଛି କ୍ଷମତାର ସନ୍ତୁଳନ ରକ୍ଷା। ଯେଉଁଥିରୁ ସାମାଜିକ ନ୍ୟାୟ ଓ ଗଣତନ୍ତ୍ର ଆସିଥାଏ। ଭାରତରେ ସବୁ ପ୍ରକାର ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସରକାରୀ ସାହାଯ୍ୟମାନ ପ୍ରଦାନ କରାଯାଇଥାଏ; ଯାହା ହେଉଛି ବ୍ୟକ୍ତି ପ୍ରତି ରାଷ୍ଟ୍ରର ସମ୍ମାନ। ଏଠାରେ ଭାରତର ସଂବିଧାନ ଆଶା କରିଥାଏ ଯେ ସଂଖ୍ୟାଗୁରୁମାନେ ସଂଖ୍ୟାଲଘୁମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ ଏବଂ ଏହା ଘଟିଥାଏ ମଧ୍ୟ। ଭାରତର ସଂବିଧାନରେ ଏକ ବଡ଼ କଥା ହେଲା ଏଥିରେ ନୈତିକତା ରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। କାରଣ ନୈତିକତା ବିନା କୌଣସି ସମାଜ ତିଷ୍ଠି ନପାରେ। ଭାରତର ନ୍ୟାୟପାଳିକାର ମୁଖ୍ୟ କାର୍ଯ୍ୟ ହେଲା ଏହି ସାଂବିଧାନିକ ନୈତିକତା ରକ୍ଷା କରିବା। ଉଦାହରଣ ସ୍ୱରୂପ ଉତ୍ତର ପ୍ରଦେଶରେ ସେଠାକାର ସରକାର ଅପରାଧ କରିଥିବା ବ୍ୟକ୍ତିମାନଙ୍କର ଘର ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କୁ ବୁଲଡୋଜର୍? ଲଗାଇ ଭାଙ୍ଗି ଦେଉଥିବା ହେତୁ ସୁପ୍ରିମ୍ ? କୋର୍ଟ ଏଥିରେ ହସ୍ତକ୍ଷେପ କରିଛନ୍ତି ଓ ଏ ଧରଣର କାର୍ଯ୍ୟ ଠିକ୍ ବୋଲି ଅନେକ ଲୋକ ବିଚାର କରୁଥିଲେ ମଧ୍ୟ ସାଂବିଧାନିକ ନ୍ୟାୟ ଦୃଷ୍ଟିରୁ ଏହା ଠିକ୍ ନୁହେଁ ବୋଲି ସ୍ପଷ୍ଟ କହିଛନ୍ତି ଓ କାହାର ଘର ବୁଲଡୋଜର୍? ଲଗାଇ ଭାଙ୍ଗିବା ପୂର୍ବରୁ ସେ ସମ୍ପର୍କରେ ବିଚାର ହେବା ଓ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଘର ଭଙ୍ଗାଯାଉଥିବା ବ୍ୟକ୍ତି ବା ପ୍ରତିଷ୍ଠାନକୁ ଯଥାଯଥ ସୁଯୋଗ ଦେବା ପାଇଁ ସୁପ୍ରିମ୍ ? କୋର୍ଟ ଆଦେଶ ଦେଇଛନ୍ତି। ଏହା ସାଂବିଧାନିକ ଓ ନ୍ୟାୟିକ ପ୍ରତିନିଧିତ୍ୱର ସ୍ପଷ୍ଟ ସଂକେତ ଅଟେ। ଯଦିଓ ସୁପ୍ରିମ୍ ? କୋର୍ଟ ହସ୍ତକ୍ଷେପ କରି ଏପରି କଥା କହିଛନ୍ତି, ତଥାପି ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱାଭାବିକ ପ୍ରକ୍ରିୟା ଭାବରେ ଅନୁପାଳିତ ହେବା ଉଚିତ ବୋଲି ଆଶା କରାଯାଏ। ଯେହେତୁ ଭାରତର ସଂବିଧାନରେ ପୂର୍ବ ବର୍ଣ୍ଣିତ ପ୍ରସଙ୍ଗମାନ ଦୃଢ଼ୀଭୂତ ହୋଇ ରହିଛି ଓ ସରକାର ସଂବିଧାନକୁ ପାଳନ କରୁଛନ୍ତି କି ନାହିଁ ବୋଲି ଦେଖିବାକୁ ଉପରେ ବିଚାର ବିଭାଗ ରହିଛି, ଯାହା ହେଉଛି ସମ୍ପୂର୍ଣ୍ଣ ନିରପେକ୍ଷ ଓ ଏହା ଉପରେ କୌଣସି ସରକାରୀ ହସ୍ତକ୍ଷେପ ହେବା ସମ୍ଭବ ନୁହେଁ, ତେଣୁ ଭାରତର ସଂବିଧାନକୁ ଏଠାକାର ସରକାର ନିଜ ଇଚ୍ଛା ଅନୁସାରେ ବଦଳାଇ ଦେଇପାରିବେ ବୋଲି ଯେଉଁ ଯୁକ୍ତି ହେଉଛି, ତାହା ଯଥାର୍ଥ ନୁହେଁ। ଭାରତୀୟ ସଂବିଧାନ ସୁଦୃଢ଼ ରହିଛି ଏବଂ ଆଗକୁ ରହିବ ମଧ୍ୟ।

# ପିତା ଓ ପୁତ୍ର

ଅକ୍ଷୟ କୁମାର ରାଉତ

ଆମେରିକା ଭଳି ଭାରତର ରାଷ୍ଟ୍ରପତି ମଧ୍ୟ ରାଜକ୍ଷମା ପ୍ରଦାନ ଅଧିକାର ଉପଭୋଗ କରିଥାନ୍ତି ତଥା ନିୟମିତ ଭାବରେ କାର୍ଯ୍ୟକାରୀ କରିଥାନ୍ତି। କିନ୍ତୁ ବିଗତ ୭୫ ବର୍ଷର ସାଧାରଣତନ୍ତ୍ର ଇତିହାସରେ ଭାରତର କେ?ଣସି ରାଷ୍ଟ୍ରପତି ଥରଟିଏ ହେଲେ ମଧ୍ୟ ନିଜର କେ?ଣସି ଆତ୍ମୀୟସ୍ୱଜନଙ୍କୁ ଏହାଦ୍ୱାରା ଉପକୃତ କରାଇ ନାହାନ୍ତି। ଆମେରିକାରୁ ଆରମ୍ଭ କରି ବ୍ରାଜିଲ୍, ଦକ୍ଷିଣକୋରିଆ ପର୍ଯ୍ୟନ୍ତ ରାଜକ୍ଷମାର ଏଇଭଳି ଦୁରୁପଯୋଗ ହୋଇଚାଲିଥିବା ବେଳେ, ଭାରତୀୟ ରାଷ୍ଟ୍ରପତିମାନେ ପ୍ରଦର୍ଶନ କରିଆସିଥିବା ଦୃଷ୍ଟାନ୍ତମୂଳକ ସଂଯମ ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ନିଶ୍ଚିତ ରୂପେ ଏ କ୍ଷେତ୍ରରେ ଭାରତକୁ 'ବିଶ୍ୱଗୁରୁ' ଆସନରେ ବସାଇଥାଏ।୨୦ ଜାନୁଆରି ୨୦୨୧ରେ ଜୋ ବାଇଡେନ୍ ଯେତେବେଳେ ଆମେରିକାର ୪୬ତମ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କଲେ, ସେ ଏଥିପାଇଁ ୧୮୯୩ ଠାରୁ ତାଙ୍କ ପରିବାରରେ ବ୍ୟବହୃତ ହୋଇ ଆସିଥିବା ଓ ସଯତ୍ନରେ ସାଇତା ହୋଇ ରହିଥିବା ଏକ ବାଇବ୍ ?ଲ ବ୍ୟବହାର କରିଥିଲେ। ୧୯୭୩ରେ ସେ ପ୍ରଥମେ ଏହି ବାଇବ୍ ?ଲ ଉପରେ ହାତ ଥୋଇ ଜଣେ ସେନେଟର୍ ରୂପେ ଶପଥ ଗ୍ରହଣ କରି ନିଜର ଦୀର୍ଘ ରାଜନେ?ତିକ କ୍ୟାରିଅର୍ ଆରମ୍ଭ କରିବା ପରଠାରୁ ୨୦୨୧ରେ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ଥର କେ?ଣସି ନିର୍ବାଚିତ ପଦ ପାଇଁ ଦାୟିତ୍ୱ ଗ୍ରହଣ କଲାବେଳେ ବାଇଡେନ୍ ତାଙ୍କର ଏହି ପ୍ରିୟ ପାରମ୍ପରିକ ବାଇବ୍ ?ଲ ହିଁ ତାଙ୍କର ଶପଥର ମୂକସାକ୍ଷୀ ହୋଇଆସିଛି। ଜୋ ବାଇଡେନ୍ ?ଙ୍କର ଅଗଣିତ ସମର୍ଥକମାନେ ଏହାକୁ ବାଇଡେନ୍ ?ଙ୍କର ଦୃଢ଼ ଖ୍ରୀଷ୍ଟିଆନ୍ ମୂଲ୍ୟବୋଧର ପରିଚାୟକ ରୂପେ ପ୍ରଦର୍ଶିତ କରିଥାନ୍ତି ଏବଂ ତାଙ୍କର ଅଗଣିତ ନିନ୍ଦୁକମାନେ ମଧ୍ୟ ଏଥିସହିତ ଦ୍ୱିମତ ହୋଇପାରି ନଥାନ୍ତି। ଏବେ ତାଙ୍କର କାର୍ଯ୍ୟକାଳ ସମାପ୍ତ ହେବାର ଅବ୍ୟବହିତ ପୂର୍ବରୁ ଜୋ ବାଇଡେନ୍ ?ଙ୍କର ଏକ କାର୍ଯ୍ୟାନୁଷ୍ଠାନ ସୃଷ୍ଟି କରିଥିବା ବ୍ୟାପକ ବିସ୍ମୟର ଏହା ହେଉଛି ଅନ୍ୟତମ କାରଣ।ବାଇବ୍ ?ଲରେ ବର୍ଣ୍ଣିତ ଏକ ସୁପରିଚିତ କାହାଣୀ ଅନୁସାରେ ଆବ୍ରାହାମ୍ ?ଙ୍କ ବିଶ୍ୱାସ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଈଶ୍ୱର ଥରେ ତାଙ୍କୁ ନିଜର ଏକମାତ୍ର ପୁତ୍ର ବାଳକ ଆଇଜାକ୍ ?ଙ୍କୁ ନେଇ ମାଉଣ୍ଟ୍ ମୋରିଆ ଉପରେ ବଳି ଚଢ଼ାଇବା ପାଇଁ ନ?ର୍ଦ୍ଦେଶ ଦେଲେ। ପରଦିନ ଆବ୍ରାହାମ୍ ପୁତ୍ର ଆଇଜାକ୍ ?ଙ୍କୁ ସାଙ୍ଗରେ ନେଇ ମାଉଣ୍ଟ୍ ମୋରିଆ ଉପରେ ବଳି ଦେବାକୁ ଉଦ୍ୟତ ହୁଅନ୍ତେ ଶେଷ ମୁହୂର୍ତ୍ତରେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଦେବଦୂତ ସେଠାରେ ଆବିର୍ଭୂତ ହୋଇ ତାଙ୍କୁ ସେଥିରୁ ନିବୃତ୍ତ କରନ୍ତି। ଜୋ ବାଇଡେନ୍ କିନ୍ତୁ ବର୍ତ୍ତମାନର ଏହି ଘଟଣାରେ ତାଙ୍କର ୫୪ ବର୍ଷୀୟ ପୁତ୍ର ହଣ୍ଟର୍ ବାଇଡେନ୍ ?ଙ୍କୁ ନେଇ ଆବ୍ରାହାମ୍ ?ସୁଲଭ ବିଶ୍ୱାସ ପ୍ରକଟ କରିପାରି ନାହାନ୍ତି। ସଂକ୍ଷେପରେ କହିଲେ ଅବେ?ଧ ଭାବରେ ବନ୍ଧୁକ ରଖିବା ଓ ଟିକସ ଫାଙ୍କି ଅପରାଧମାନ ପାଇଁ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ହଣ୍ଟ?ର୍ଙ୍କୁ ସେଥିପାଇଁ ଦଣ୍ଡର ସମ୍ମୁଖୀନ ହେବାକୁ ଛାଡ଼ିଦେବା ପରିବର୍ତ୍ତେ ଜୋ ବାଇଡେନ୍ ଅଣ-ଆବ୍ରାହାମ୍ ?ସୁଲଭ ଆଚରଣ ପ୍ରଦର୍ଶନ କରି ରାଷ୍ଟ୍ରପତି ରୂପେ ନିଜର ବିଶେଷ କ୍ଷମତା ପ୍ରୟୋଗ କରି ପୁତ୍ର ହଣ୍ଟ?ର୍ଙ୍କୁ ରାଜକ୍ଷମା ପ୍ରଦାନ କରିଦେଇଛନ୍ତି। ରାଷ୍ଟ୍ରପତି ପିତାଙ୍କ ଠାରୁ ଏହି କ୍ଷମା ନ ପାଇଥିଲେ ହଣ୍ଟ?ର୍ଙ୍କୁ ବନ୍ଧୁକ ଅପରାଧ ପାଇଁ ୨୫ ବର୍ଷ ସହିତ ଟିକସ ଫାଙ୍କି ଅପରାଧ ପାଇଁ ୧୭ ବର୍ଷ କାରାବାସ ଭୋଗ କରିବାକୁ ପଡ଼ିଥାନ୍ତା। ଜୋ ବାଇଡେନ୍ ଆବ୍ରାହାମ୍ ?ଙ୍କୁ ଅନୁସରଣ କରିପାରି ନାହାନ୍ତି; ନିଜ ପୁତ୍ରକୁ ବଳି ଚଢ଼ାଇବାରୁ ପଛଘୁଞ୍ଚା ଦେଇଛନ୍ତି।କିନ୍ତୁ ଯଦି ଆବ୍ରାହାମ୍ ନୁହେଁ, ଜଣେ ସାଧାରଣ ମନୁଷ୍ୟର ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ଜୋ ବାଇଡେନ୍ ?ଙ୍କ ଚରମତମ ଶତ୍ରୁମାନେ ମଧ୍ୟ ବୋଧହୁଏ ତାଙ୍କର ଏହି କ୍ଷମା ଦାନକୁ ତାଙ୍କର ଏକ ଅକ୍ଷମଣୀୟ ନିଷ୍ପତ୍ତି ରୂପେ ବିବେଚନା କରିବେ ନାହିଁ। ଜୋ ବାଇଡେନ୍ ତାଙ୍କର ଗୋଟିଏ କନ୍ୟା ସହିତ ପ୍ରଥମ ପତ୍ନୀଙ୍କୁ ଏକ କାର୍ ଦୁର୍ଘଟଣ ?ରେ ହରାଇଥିବା ବେଳେ ତାଙ୍କର ପ୍ରଥମ ପୁତ୍ର ତଥା ପ୍ରଥମ ସନ୍ତାନ ବ୍ରେନ୍ କ୍ୟାନ୍ ?ସ ?ରୁ ଆରୋଗ୍ୟ ଲାଭ କରି ନ ପାରି ପ୍ରାଣ ହରାଇଛି। ସତେ ?ଯମିତି ତାଙ୍କ ପାଇଁ ଏତିକି ଦୁର୍ଭାଗ୍ୟ ଯଥେଷ୍ଟ ନ ଥିଲା, ବର୍ତ୍ତମାନର ବିବାଦର କେନ୍ଦ୍ରରେ ଥିବା ପୁତ୍ର ହଣ୍ଟର୍ ମଧ୍ୟ ହେଉଛନ୍ତି ଜଣେ ବିପଥଗାମୀ ଡ୍ରଗ୍ ସେବନ ସମସ୍ୟା ସହିତ ଜଡ଼ିତ ବ୍ୟକ୍ତି। କେଉଁ ୮୨ ବର୍ଷୀୟ ବୃଦ୍ଧ ପିତା ଏଭଳି ପରିସ୍ଥିତିରେ ଜୀବନର ଶେଷ ସମୟରେ ନିଜର ସନ୍ତାନ ଯେତେ ଦୋଷ କରିଥିଲେ ମଧ୍ୟ ତାକୁ କ୍ଷମା ନ କରି ରହିପାରିବ ?କିନ୍ତୁ ସମସ୍ୟା ହେଲା, ଜୋ ବାଇଡେନ୍ ଜଣେ ଯେ କେ?ଣସି ପିତା ନୁହନ୍ତି, ସେ ହେଉଛନ୍ତି ନିଜକୁ ପୃଥିବୀର ଶ୍ରେଷ୍ଠତମ ଗଣତନ୍ତ୍ର ରୂ?ପ ଦାବି କରୁଥିବା ପୃଥିବୀର ସର୍ବାଧିକ ଧନଶାଳୀ ଓ ଶକ୍ତିଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି। ଏବଂ ରାଜଧର୍ମ ପାଳନରେ ବ୍ୟକ୍ତିଗତ ଆବେଗର ସ୍ଥାନ ନ ଥାଏ। ଏହା ସତ ଯେ ଆମେରିକାର ସଂବିଧାନରେ ରାଷ୍ଟ୍ରପତିଙ୍କୁ ରାଜକ୍ଷମା ପ୍ରଦାନ କରିବାର ଅଧିକାର ପ୍ରଦାନ କରାଯାଇଛି ଏବଂ ସେ ଦେଶର ସୁପ୍ରିମ୍ କୋର୍ଟ ଏହାକୁ ଏକ ''ଦୟାଶୀଳ କାର୍ଯ୍ୟ'' (''ଆକ୍ଟ ଅଫ୍ ? ଗ୍ରେସ୍'') ରୂପେ ମଧ୍ୟ ଅଭିହିତ କରିଛି।

# ବଲିଉଡ୍‌ରେ ଆରୁଷି



ଖୁବ୍‌ଶୀଘ୍ର ବଲିଉଡ୍‌ରେ ଏଂଟ୍ରି କରିବେ କେନ୍ଦ୍ରମନ୍ତ୍ରୀ ରମେଶ ପୋଖରିଆଲ ନିଶାଙ୍କ ଝିଅ ଆରୁଷି ନିଶା। ଏନେଇ ସେ ନିଜେ ସୂଚନା ଦେଇଛନ୍ତି। ଆରୁଷି ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ତାଙ୍କର ଅପକମିଂ ଫିଲ୍ମ ତାରିଣୀର ପୋଷ୍ଟର ସେୟାର କରିଛନ୍ତି। ଏହି ଫିଲ୍ମଟି ଭାରତୀୟ ନୌସୋର ପ୍ରଥମ ଝିଅ ମହିଳା ଅଫିସରଙ୍କ କାହାଣୀ ଉପରେ ଆଧାରିତ। ଟି ସିରିଜ୍ ବ୍ୟାନରରେ ତିଆରି ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱ ମଧ୍ୟ ଆରୁଷି ନେଇଛନ୍ତି। ମହିଳା ଦିବସର ଅବସରରେ ସେ ତାଙ୍କ ଆଗାମୀ ଫିଲ୍ମର ଘୋଷଣା କରିଥିଲେ। ଫିଲ୍ମଟି ୧୯ ସେପ୍ଟେମ୍ବର ୨୦୧୭ରେ ଭାରତୀୟ ନୌସେନାର ଶକ୍ତି ଆଇଏନ୍‌ଏସ୍ ତାରିଣୀରେ ଗୋଆରୁ ଯାତ୍ରା ଆରମ୍ଭ କରିଥିବା କାର୍ତିକ ଯୋଶୀ, ପ୍ରତିଭା ଜାମଓ୍ୱାଲା, ପି.ସ୍ୱାତୀ, ଏସ୍.ବିଜୟା, ଐଶ୍ୱର୍ଯ୍ୟା ଏବଂ ପାୟଲ ଗୁପ୍ତାଙ୍କ ଜୀବନୀ ଉପରେ ଆଧାରିତ। ଏହି ୬ ନୌସେନା ମହିଳା ଅଫିସରମାନେ ସମୁଦ୍ର ଭିତରେ ପ୍ରାୟ ୨୧ ହଜାର ୬୦୦ କି.ମି. ଯାତ୍ରା କରିଥିଲେ। ୨୫୪ ଦିନ ଯାଏ ଯାତ୍ରା କରି ୨୦୧୮ ମେ ୧୯ରେ ଫେରିଥିଲେ। ସୂଚନାଯୋଗ୍ୟ ଯେ, ଆରୁଷି ହେଉଛନ୍ତି ରମେଶ ଓ କୁସୁମ ପୋଖରିଆଲ ନିଶାଙ୍କ ବଡ଼ ଝିଅ। ସେ ନାରୀ ସଶକ୍ତିକରଣ, ସାମାଜିକ କ୍ଷେତ୍ର ଏବଂ ପରିବେଶ ସଂରକ୍ଷଣ ଦିଗରେ ନିଜର ଅତୁଟ ଯୋଗଦାନ ଦେଇ ଆସୁଛନ୍ତି। ଏହାଛଡା ସେ ଭାରତୀୟ ପାରମ୍ପରିକ ନୃତ୍ୟଶିଳ୍ପୀ ସହ ଜଣେ ପରିବେଶବିତ୍ ମଧ୍ୟ। ହିମାଳୟନ୍ ଆୟୁର୍ବେଦିକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଇନ୍ ଡେରାଡୁନ୍‌ରେ ସେ ପାଠ ପଢ଼ିଛନ୍ତି। ୨୦୧୫ ଜାନୁଆରୀ ୨୪ରେ ସେ ଅଭିନବ ପନ୍ତଙ୍କୁ ବିବାହ କରିଥିଲେ। ପୂର୍ବରୁ ଆରୁଷିଙ୍କ ଅଭିନୟ ପ୍ରତି ଦୁର୍ବଳତା ଥିଲା। ତେଣୁ ସେ ତାଙ୍କ ବାପା ରମେଶ ପୋଖରିଆଲ ନିଶାଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ ମେଜର ନିରାଲାର ପ୍ରଯୋଜକ ଥିଲେ।

# ନାକରୁ ବାହାରିଲା ଗୁଳି

ଜଣେ ଶିଶୁର ନାକରେ ଖେଳଣା ବନ୍ଧୁକର ଗୁଳି ୮ ବର୍ଷ ଧରି ଫସି ରହିଥିଲା। ତେଣୁ ସେ କୌଣସି ଜିନିଷର ଗନ୍ଧକୁ ବାରି ପାରୁନଥିଲା। ନାଗରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା ପରେ ପରିବାର ଲୋକ ଚିକିତ୍ସା ପାଇଁ ଶିଶୁକୁ ଡାକ୍ତରଙ୍କ ପାଖକୁ ନେଇଥିଲେ। ଡାକ୍ତର ଶିଶୁର ପରୀକ୍ଷା କରିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଡାକ୍ତର ଶିଶୁ ନାକର ଏଣ୍ଡୋସ୍କୋପି ଓ ଟ୍ୟୁବ କ୍ୟାମେରା ଲଗାଇ ଦେଖିବା ପରେ ଅସୁବିଧା ଥିବା ଜାଣିବାକୁ ପାଇଥିଲେ। ଯାଂଚ ପରେ ଡାକ୍ତର ଶିଶୁକୁ ଗୋଟିଏ ସ୍ପ୍ରେ ଓ ଆଂଟିହିଷ୍ଟାମିନ ଔଷଧ ଦେଇଥିଲେ। ଏହାପରେ ଶିଶୁକୁ ୪ରୁ ୬ ସପ୍ତାହ ମଧ୍ୟରେ ପୁଣିଥରେ ଆସିବାକୁ କହିଥିଲେ। କିନ୍ତୁ ଶିଶୁଟି ଏକ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା ପାଇଁ ଆସି ନଥିଲା। ୧୬ ବର୍ଷ ବୟସରେ ସେଭଳି ଯନ୍ତ୍ରଣା ସହିତ ଶିଶୁଟି ବଂଚୁଥିଲା। ନାକରୁ ବାହାରୁଥିବା ଦୁର୍ଗନ୍ଧଯୁକ୍ତ ପଦାର୍ଥ ପାଇଁ ତାକୁ ଅନେକ ସମୟରେ ଲାଜ ଲାଗିଥାଏ। ଏଥିପାଇଁ ସେ ସବୁବେଳେ ଏକା ରହିବାକୁ ଚାହିଁଥାଏ। ୮ ବର୍ଷ ପରେ ଡାକ୍ତର ସିଟି ସ୍କାନ କରିବା ପରେ ଶିଶୁ ନାକରେ ୯ ଏମ୍‌ଏମ୍‌ର ଗୁଳି



ଥିବା ଜାଣିବାକୁ ପାଇଥିଲେ। ଏହାପରେ ଶିଶୁ ନାକର ସର୍ଜରୀ କରାଯାଇଥିଲା। ଏହି ସର୍ଜରୀ ପରେ ଶିଶୁର ନାକର ମେଟାଲ ବିବି ପ୍ୟାଲେଟ ବାହାରକୁ ଆସିଥିଲା। ଶିଶୁଟିର ଘର ଲୋକଙ୍କ କହିବାନୁସାରେ ୮-୯ ବର୍ଷର ହୋଇଥିବା ବେଳେ ଏକ ଖେଳଣା ବନ୍ଧୁକରୁ ଗୁଳି ବାହାରି ନାକରେ ପଶି ଯାଇଥିଲା। କିନ୍ତୁ ସେ ସମୟରେ ନାକ ଭିତରେ ଗୁଳି ପଶିଥିବାର କୌଣସି ଲକ୍ଷଣ ଦେଖିବାକୁ ମିଳିନଥିଲା। ସେଥିପାଇଁ ଡାକ୍ତରଙ୍କ କୌଣସି ପରାମର୍ଶ ନେଇ ନଥିବା ଲୋକ କହିଛନ୍ତି। ଦ ୟୁନିଭର୍ସିଟି ଅଫ୍ ଟେକ୍ସାସ୍‌ର ଡାକ୍ତରୀ ଛାତ୍ର ଡାଏଲନ ଜେଡଙ୍କ କହିବାନୁସାରେ ଏହି ଶିଶୁଟିର ଘଟଣାରେ ଗୁଳି ଚିହ୍ନଟ କରିବା ବହୁତ କଷ୍ଟ ଥିଲା। କାରଣ ସମୟ ସହିତ ଟିସୁ ସମ୍ପୂର୍ଣ୍ଣ ଭାବେ ପ୍ୟାଲେଟକୁ ଘେରି ଦେଇଥିଲା। ଡାକ୍ତର ଗୁଳିକୁ ବାହାର କରିବା ପ୍ରଥମେ ଟିସୁର ଅସ୍ତ୍ରୋପଚର କରିଥିଲେ। ତେବେ ଯାଇ ଗୁଳି ଥିବା ସମ୍ପର୍କରେ ସଠିକ୍ ସୂଚନା ମିଳିପାରିଥିଲା। ଅସ୍ତ୍ରୋପଚାର ପରେ ଶିଶୁଟିର ନାକର ଅବସ୍ଥା ସ୍ୱାଭାବିକ ହୋଇଯାଇଛି। ନାକରୁ ଦୁର୍ଗନ୍ଧ ବି ବାହାରିବା ବନ୍ଦ ହୋଇଛି।

# ଶରୀରର ପ୍ରତିରୋଧକ କ୍ଷମତା ବୃଦ୍ଧି କରେ ପିଜୁଳି



ଫଳମାନଙ୍କ ମଧ୍ୟରେ ପିଜୁଳି ଏମିତି ଏକ ଫଳ ଯାହା ପ୍ରାୟ ବହୁତ ଲୋକଙ୍କୁ ବହୁତ ପସନ୍ଦ। ପିଜୁଳି ଗଛ ପ୍ରାୟ ବହୁତ ଲୋକଙ୍କ ବାଡ଼ିରେ ହୁଏ। ପିଜୁଳିର ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁଣ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକରକ। ନିୟମିତ ପିଜୁଳି ସେବନ କଲେ ଶରୀରର ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ। ଫଳରେ ସହଜରେ କୌଣସି ସଂକ୍ରମଣ ରୋଗ ହୋଇନଥାଏ। ଏହା ପାଚନ ତନ୍ତ୍ରକୁ ମଜଭୁତ୍ କରି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରିଥାଏ। ପିଜୁଳିର ଆହୁରି ଅନେକ ଗୁଣ ରହିଛି। ସେଗୁଡିକ ହେଲା ଏହା ଥଣ୍ଡା,କାଶ, ଓଜନ ନିୟନ୍ତ୍ରଣ, ପାଟିର ଅଲସର ଦୂର କରିବା, କୋଷ୍ଠ କାଠିନ୍ୟ, ଆଖି, ମଧୁମେହ ଆଦି ଏହା ନିୟନ୍ତ୍ରଣ କରିଥାଏ। ସବୁବେଳେ ଥଣ୍ଡା, କାଶ ହେଉଥିବା ଲୋକଙ୍କୁ ଡାଏଟ୍‌ରେ ପିଜୁଳି ସାମିଲ କରିବା ଉଚିତ୍। ପିଜୁଳି ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ଫଳରେ ଥଣ୍ଡା-କାଶ ହେବାର ସମ୍ଭାବନା ହ୍ରାସ ପାଏ। ପିଜୁଳି ସେବନ କରିବା ଦ୍ୱାରା ଶରୀରରେ କୋଲେଷ୍ଟ୍ରୋଲ ମାତ୍ରା କମ୍ ହୋଇଥାଏ। ଯାହାଫଳରେ ଏହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ସେହିପରି ଅଧିକାଂଶ ସମୟରେ ଲୋକଙ୍କ ପାଟିରେ ଅଲସର ହୋଇଥାଏ କିମ୍ବା ଛାଲା ପଡ଼ିଯାଏ। ପେଟ ଗରମ ହେଲେ ଏହିଭଳି ହୁଏ ବୋଲି କୁହାଯାଏ। ଏହିଭଳି ସ୍ଥିତିରେ ପିଜୁଳିର କଂଚା ପତ୍ର ଚୋବେଇ ଖାଇଲେ ଲାଭ ମିଳିଥାଏ। କୋଷ୍ଠକାଠିନ୍ୟ ସମସ୍ୟା ଭୋଗୁଥିବା ଲୋକେ ନିୟମିତ ପିଜୁଳି ସେବନ କରିବା ଉଚିତ୍। ପିଜୁଳି ମଂଜି ପେଟକୁ ଭଲ ଭାବେ ସଫା କରିଥାଏ। ଫଳରେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ପିଜୁଳିରେ ଭରପୁର ମାତ୍ରାରେ ମିଟାମିନ୍-ଏ ରହିଛି। ନିୟମିତ ପିଜୁଳି ସେବନ କଲେ ଆଖି ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ମଧୁମେହ ରୋଗୀଙ୍କ ପାଇଁ ପିଜୁଳି ରାମବାଣ ସଦୃଶ। ମଧୁମେହ ରୋଗୀଙ୍କ ପାଇଁ ପିଜୁଳି ଅତ୍ୟନ୍ତ ହିତକାରକ। ଏହା ସୁଗାର ନିୟନ୍ତ୍ରଣ କରିବାରେ ସହାର୍ଯ୍ୟ କରିଥାଏ। ନିୟମିତ ପିଜୁଳି ସେବନ କଲେ ଏହା ଶରୀରରେ କ୍ୟାନ୍ସର କୋଷ ତିଆରି କରିବାରେ ରୋକିଥାଏ। ଫଳରେ କ୍ୟାନ୍ସର ହେବାର ସମ୍ଭାବନା କମ୍ ମାତ୍ରାରେ କମିଯାଇଥାଏ। ସେହିପରି ପିଜୁଳିରେ ବହୁ ମାତ୍ରାରେ ପୋଟାସିୟମ୍ ରହିଛି। ସେଥିପାଇଁ ପିଜୁଳି ସେବନ କଲେ ମୁଖ ବ୍ରଣ, କଳା ଦାଗ ଦୂର ହୋଇ ତ୍ୱଚା ସମ୍ବନ୍ଧୀୟ ଅନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ତ୍ୱଚା ସୁନ୍ଦର ଓ ସଫା ମଧ୍ୟ ହୋଇଥାଏ।

# ଆମେରିକାରୁ ଅଷ୍ଟ୍ରେଲିଆ



ପାରା ପରିବ୍ରାଜକ ପକ୍ଷୀ ନୁହେଁ କି ଏହା ପରିବ୍ରାଜନରେ ଏ ଦେଶରୁ ସେ ଦେଶକୁ ଉଡିଯାଏନାହିଁ। ଏହା ନିଜ ବାସସ୍ଥାନ ଅଂଚଳ ବାହାରକୁ ଯାଏନାହିଁ। ତେବେ ଏକ ଆମେରିକାନ୍ ପାରା କ୍ଷେତ୍ରରେ ବ୍ୟତିକ୍ରମ ଅନେକଙ୍କୁ ବିସ୍ମିତ କରିଛନ୍ତି। ପାରାଟି ଆମେରିକାରୁ ଉଡି ପହଂଚିଛି ଅଷ୍ଟ୍ରେଲିଆରେ। ଆମେରିକାରୁ ଅଷ୍ଟ୍ରେଲିଆର ଦୂରତ୍ୱ ପ୍ରାୟ ତେର ହଜାର କିଲୋମିଟର ବା ଆଠ ହଜାର ମାଇଲ୍। ମେଲବୋର୍ଣ୍ଣର ବାସିନ୍ଦା କେଭିନ୍ ସେଲି ବାର୍ଡ ପକ୍ଷୀଟିକୁ ନିଜ ଉଦ୍ୟାନରେଠାବ କରିଥିଲେ। ପାରାଟି ମଣିଷ ସହ ଚଳିବାରେ ଅଭ୍ୟସ୍ତ ଥିବାରୁ ଆପେ ଧରାଦେଇଥିଲା। ତାହା ପାଦରେ ବନ୍ଧା ହୋଇଥିବା ଟାଗ୍‌ରୁ କେଭିନ୍ ଜାଣିଲେ ଯେ, ଯୁକ୍ତ ରାଷ୍ଟ୍ର ଆମେରିକା ଅନ୍ତର୍ଗତ ଆଲାବାମାର ଜଣେ ବ୍ୟକ୍ତି ତାହାର ମାଲିକ। ଅଷ୍ଟ୍ରେଲିଆର ଆଇନ ଅନୁଯାୟୀ ଅନ୍ୟ ଦେଶର ପଶୁପକ୍ଷୀ ବିନା ଅନୁମତିରେ ଅଷ୍ଟ୍ରେଲିଆ ଆଣିବା ମନା। ତେଣୁ,ବିଦେଶୀ ପାରାର ଉପସ୍ଥିତି ବାବଦରେ କେଭିନ୍ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ତାହା ପରଠାରୁ ପକ୍ଷୀଟିକୁ ପଞ୍ଜୁରିରେ ବନ୍ଦୀ କରାଯାଇଛି। ପକ୍ଷୀଟି ଆଜୀବନ ବନ୍ଦୀ ରହିବ କି ଆମେରିକାରେ ଥିବା ତାହାର ମାଲିକଙ୍କ ପାଖକୁ ପଠାଯିବ, ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇନାହିଁ। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ତଥା ସାମାଜିକ ଗଣମାଧ୍ୟମରେ ଖବର ଓ ପ୍ରତିକ୍ରିୟା ପରିବେଷଣ ଜାରି ରହିଛି।



# ଫ୍ୟାନ୍‌ରେ ଲାଗିଲା ବରଫ

ଆମେରିକାରେ କିଛିଦିନ ହେବ ପ୍ରବଳ ଥଣ୍ଡା ପଡିଛି। ଏହି ଥଣ୍ଡା ହେତୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏମିତି ଥଣ୍ଡା ପଡିବ ବୋଲି ସେଠାକାର ଲୋକମାନେ କେବେ କଳ୍ପନା ବି କରି ନଥିଲେ। ବରଫ ପଡ଼ିବା ସହିତ ଥଣ୍ଡା ପବନ ପ୍ରଭାବିତ ହେତୁ ଯାତାୟାତ ସମୟରେ ଲୋକମାନଙ୍କୁ ଅନେକ ଅସୁବିଧାର ସାମ୍ନା କରିବାକୁ ପଡୁଛି। ଥଣ୍ଡା ହେତୁ ଟେକ୍ସାସ ସହରର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି। କେବଳ ୨.୭ ନିୟୁତ ଘରେ ବିଦ୍ୟୁତ୍ ରହିଛି। ଟେକ୍ସାସରେ ଏହି ଥଣ୍ଡା ଯୋଗୁଁ ଝଡ଼ ଆସିବ ବୋଲି କୁହାଯାଉଛି। ଶୀତ ଏବଂ ତୁଷାରପାତ ହେତୁ ବିଦ୍ୟୁତ୍ ତାରଗୁଡିକ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଥିବା ଅଧିକାରୀଙ୍କ କହିବାନୁସାରେ ପ୍ରାକୃତିକ ଗ୍ୟାସ କୂଅ ଏବଂ ପାଇପ ଲାଇନରେ ବି ବରଫ ଜମି ଯାଇଛି। ଯେଉଁ କାରଣରୁ ଗ୍ୟାସ ପ୍ରସ୍ତୁତ କରିବାର କ୍ଷମତା ୪୦ ପ୍ରତିଶତ ହରାଇ ଦେଇଛି। ଏହି କ୍ରମରେ ଟେକ୍ସାସରେ ରହୁଥିବା ଲୋକମାନେ ସୋସିଆଲ ମିଡିଆରେ କିଛି ଫଟୋ ସେୟାର କରିଛନ୍ତି, ଯାହାକୁ ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି।



# ବି’ ଟାଉନର ଚର୍ଚ୍ଚିତ ନାୟିକା ଭୂମି

ବି’ ଟାଉନର ଚର୍ଚ୍ଚିତ ନାୟିକା ଭୂମି ପେଡ୍‌ନେକର ୬ ବର୍ଷ ତଳେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ଚଳଚ୍ଚିତ୍ର ‘ଦମ୍ ଲଗା କେ ହେଁସା’ ଅଭିନୟ କରିବାକୁ ସେ ୨୭ କେଜି ଓଜନ ବଢ଼ାଇଥିଲେ। ଏହି ଚଳଚ୍ଚିତ୍ରର ସୁଟିଂ ହରିଦ୍ୱାରରେ ହୋଇଥିଲା। ନିକଟରେ ସେ ହରିଦ୍ୱାରର ଗଙ୍ଗା ନଦୀ କୂଳକୁ ବୁଲିବାକୁ ଯାଇଥିବାବେଳେ ତାଙ୍କ ପ୍ରଥମ ଚଳଚ୍ଚିତ୍ରର କିଛି ସ୍ମରଣୀୟ ମୂହୁର୍ତ ଉପରେ ଭିଡିଓ କରି ଏହାକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି। ଭୂମିଙ୍କ ପ୍ରଶଂସକମାନେ ମଧ୍ୟ ଭୂମିଙ୍କର ଏହି ଭାବବିହ୍ୱଳ ପୂର୍ଣ୍ଣ ଭିଡିଓ ଦେଖି ତାଙ୍କୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ଚଳଚ୍ଚିତ୍ରରେ ଭୂମିଙ୍କ ସହ ଆୟୁଷ୍ମାନ ଖୁରାନା ଅଭିନୟ କରିଥିଲେ। ଚଳଚ୍ଚିତ୍ରର ସଂଳାପ ଅନୁଯାୟୀ, ମହିଳା ଭୂମିକାର ଅଭିନୟ କରିବାକୁ ଥିବା ଅଭିନେତ୍ରୀଙ୍କର ଓଜନ ଅଧିକ ହେବା ଦରକାର ବୋଲି ସୂଚାଯାଇଥିଲା। ତେବେ ଭୂମି ଏହି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନଥିଲେ। ସେଥିପାଇଁ ସେ ଶରୀରର ଓଜନ ବଢ଼ାଇଥିଲେ।

# ନିମ୍ନ ମାନର ରାସ୍ତା କାମ ; ପାଞ୍ଚ ବର୍ଷରେ ରାସ୍ତା ପାଲଟିଲାଣି ମରଣ ଯନ୍ତା






ବେଲଗୁଣ୍ଠା୨୦/୧୨ (ନି.ପ୍ର): ନିମ୍ନ ମାନର ରାସ୍ତା କାମ ଯୋଗୁଁ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ ଓ ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ୍ ର ଗୋବରା-ଷଡ଼ଙ୍ଗୀପଲ୍ଲୀ ପୂର୍ତ୍ତ ବିଭାଗ ରାସ୍ତାରୁ ବାହାରି ମାଧବରୀଡା ଯାଇଥିବା ଏକ ରାସ୍ତାରେ ଓ ସୂଚନା ପ୍ରକାରେ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ପୂର୍ତ୍ତବିଭାଗ ରାସ୍ତା ଠାରୁ ଭାୟା ବେଣୀପଲ୍ଲୀ ହୋଇ ମାଧବରୀଡା ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ହୋଇଥିଲା ଓ ୨ କୋଟି ୪୨ ଲକ୍ଷ ବ୍ୟୟ ଅଟକଳରେ ଏହି ରାସ୍ତା କାମ ୧୬-୦୩-୨୦୧୮ ଠାରୁ ଆରମ୍ଭ ହୋଇ ୧୫-୦୩-୨୦୨୦ ରେ ଶେଷ ହୋଇଥିଲା ଓ ରାସ୍ତାଟି ମୋଟ ୫ କି.ମି. ୧୦୦ ମିଟର ପିଚୁ କାମ ହୋଇଥିବା ବେଳେ ୯୦୦ ମିଟର କଂକ୍ରିଟ୍ କାମ ହୋଇଥିଲା। ରାସ୍ତାଟି ଭଞ୍ଜନଗର ଅଞ୍ଚଳର ଠିକାଦାର ଲକ୍ଷ୍ମୀ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିଲା । କାର୍ଯ୍ୟ ଆରମ୍ଭରୁ ହିଁ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। କିନ୍ତୁ ସେତେବେଳେ ଏହି ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱ ଦେଇନଥିବା ବେଳେ ବର୍ତ୍ତମାନ ରାସ୍ତାଟି ଯାତ୍ରୀଙ୍କ ପାଇଁ ମରଣ ଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ରାସ୍ତା ସାରା ଖାଲଖଣା ଏବଂ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରୁ ପିଚୁ ଉଠିଯାଇ ରାସ୍ତାଟି ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏଥିରୁ ରାସ୍ତା କାମ ଅତି ନିମ୍ନ ମାନର ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି ଓ ପ୍ରତ୍ୟେକ ଦିନ ଏହି ରାସ୍ତାରେ ବେଣୀପଲ୍ଲୀ,ମାଧବରୀଡା,ବରପଲୀ,କରା ଗାଡିଆ,ବାଲିଭାଗ,ଗୋବରା, ଜୟନ୍ତୀ ଗଡ଼, ଓରିଗଡ଼,କଇଠ ପଲ୍ଲୀ,ଶ୍ରୀକରପୁର ଗ୍ରାମର ଶହ ଶହ ଲୋକ ଏବଂ ଗାଡ଼ି ଯିବା ଆସିବା କରିବା ସମୟରେ ରାସ୍ତାରେ ସୃଷ୍ଟି ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି ଓ ରାସ୍ତା ସାରା ପିଚୁ ଉଠିଯାଇ ଗୁଡ଼ିରେ ଭର୍ତ୍ତି ହୋଇଥିବା ଯୋଗୁଁ ଏହି ରାସ୍ତା ଦେଇ ନାଟଙ୍ଗା ଉଚ୍ଚ ବିଦ୍ୟାଳୟ ଏବଂ ସ୍ଥାନୀୟ କଲେଜ୍,ଟ୍ୟୁସନ୍ କୁ ଆସୁଥିବା ଛାତ୍ର ଛାତ୍ରୀ ନାହିଁ ନଥିବା ଅସୁବିଧାର ଭୋଗ କରୁଛନ୍ତି। ରାସ୍ତାର ଗୁଡ଼ି ବାଜି ଛାତ୍ରଛାତ୍ରୀଙ୍କ ସାଇକେଲ୍ ପଙ୍କଚର୍ ହେବା ସହ ବହୁ ସମୟରେ ଛାତ୍ରଛାତ୍ରୀ ରାସ୍ତାରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି । ଏହା ସହିତ ଏହି ରାସ୍ତାରେ ମାଧବରୀଡା ଦେଇ ବେଲଗୁଣ୍ଠା ଯାଉଥିବା ଲୋକେ ମଧ୍ୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି ଓ ତେଣୁ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମାହାଙ୍ଗା ବ୍ଲକରେ ଭୂତ ନେଉଛି ଭତ୍ତା: ତଦନ୍ତ ହେବ କେବେ ?

ମାହାଙ୍ଗା ୨୦/୧୨ (ନି.ପ୍ର): ମାହାଙ୍ଗା ବ୍ଲକରେ ବହୁ ଦୁର୍ନୀତି ଦୀର୍ଘଦିନ ଧରି ହେଉଥିଲେ ମଧ୍ୟ ତାହାର ପ୍ରତିକାର କରାଯାଉନାହିଁ । ବାରମ୍ବାର ଗଣମାଧ୍ୟମରେ ବ୍ଲକ କାର୍ଯ୍ୟାଳୟ ସଂପର୍କୀତ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ । ମୃତ ବ୍ୟକ୍ତିଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ଆସୁଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏଠାରେ ପ୍ରଶ୍ନ ଉଠୁଛି ଯେ କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ପଂଚାୟତ ପକ୍ଷରୁ ସରକାରଙ୍କ ନୀତି ନିୟମ ଅନୁଯାୟୀ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ଶବ ଦାହ ପାଇଁ ତୁରନ୍ତ ଅର୍ଥ ପ୍ରଦାନ କରାଯାଇଥାଏ । ତେବେ ମୃତ ବ୍ୟକ୍ତିଙ୍କ ନାମ କିଭଳି ବାର୍ଦ୍ଧକ୍ୟ ଭ□। ତାଲିକାରୁ ବାଦ୍ ଦିଆଯାଉନାହିଁ । ସେ ନେଇ ସାଧାରଣରେ ଚର୍ଚ୍ଚା ଯୋରଦାର ଧରିଥିଲା ବେଳେ ଭଦ୍ରେଶ୍ୱର ପଂଚାୟତ ଏହାର ଉଦାହରଣ ପାଲଟିଛି । ଭଦ୍ରେଶ୍ୱର ପଂଚାୟତର ନରହରି ମହାନ୍ତି ତା.୧୭.୫.୨୦୨୩ ରିଖରେ ମୃତ୍ୟୁ ବରଣ କରିଥିଲେ । ଇତି ମଧ୍ୟରେ ୧ମାସ ୭ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କ ବ୍ୟାଙ୍କ ଜମା ଖାତାକୁ କିପରି ବାର୍ଦ୍ଧକ୍ୟ ଭତ୍ତାର ଅର୍ଥ ଆସୁଛି । ଏପରିକି ତାଙ୍କ ନାମ ରେସନ କାର୍ଡରେ କିଭଳି ରହିଛି ସେ ନେଇ ଚର୍ଚ୍ଚା ହେଉଛି । ପ୍ରଶ୍ନ ଉଠେ ବିଭିନ୍ନ ସମୟରେ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ସିଡ଼ିପିଓ କାର୍ଯ୍ୟାଳୟ ମାହାଙ୍ଗା ଭ□। ପାଉଥିବା ମୃତ ବ୍ୟକ୍ତିଙ୍କର ତାଲିକା ନେଇଥାଆନ୍ତି । ତେବେ କ'ଣ ପାଇଁ ବ୍ଲକ କାର୍ଯ୍ୟାଳୟ ଭ□।ତାଲିକାରୁ ମୃତ ବ୍ୟକ୍ତିଙ୍କ ନାମ ବାଦ୍‌ଦେଉ ନାହିଁ ତାହା ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ଯୋରଦାର ହୋଇଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ନିଶ୍ଚିନ୍ତକୋଇଲି ୨୦/୧୨ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଅଧିନସ୍ଥ ବଡକ୍ଷୀର ପଂଚାୟତ ଅଧିନ ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ମ□ରେ ବିରାଜିତ ପରବ୍ରହ୍ମ ଓଁ ଭାରତ ମାତା ଓ ମା' ସରସ୍ୱତୀଙ୍କୁ ଯଥାବିଧି ପୂଜାର୍ଚ୍ଚନା ଅତିଥି ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିଲା । ପରେ ବିଦ୍ୟାଳୟର ଶିଶୁ ଭଉଣୀମାନଙ୍କ ଦ୍ୱାରା ବନ୍ଦନା ପ୍ରାର୍ଥନା କରାଯାଇଥିଲା । ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାନେତ୍ରୀ ଶ୍ରୀମତୀ ଦୀପା□ଳୀ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତିର ଉ□ର ପୂର୍ବ ସମ୍ଭାଗର ସଦସ୍ୟା ସୁଶ୍ରୀ ଇନ୍ଦୁମତୀ ଦାଶ ଯୋଗଦେଇ ଶିକ୍ଷାବିକାଶ ସମିତିର ସରସ୍ୱତୀ ବିଦ୍ୟାମନ୍ଦିର ଓ ବିଦ୍ୟାଭାରତୀ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେବା ସହ ରାଷ୍ଟ୍ର ଚେତନା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ବିଦ୍ୟାଳୟ ଶିକ୍ଷା ପରିଷଦର ସଭ୍ୟ ସଭ୍ୟା ଓ କର୍ମଚାରୀମାନେ ଛୋଟ ଛୋଟ ପିଲାମାନଙ୍କୁ ନିଜ ପିଲାପରି ଭାବି ସେମାନଙ୍କର ଯତ୍ନ ନେବା ସହ ଶିକ୍ଷାଦାନ କରୁଥିବାରୁ ସମସ୍ତଙ୍କୁ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ସାଧୁବାଦ ଜଣାଇବା ସହ ବିଦ୍ୟାଳୟ ଓ ଛାତ୍ର ଛାତ୍ରୀମାନଙ୍କ ଓ ବିଦ୍ୟାଳୟର ଉ□ରୋ□ର ଉନ୍ନତି କାମନା କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ବିଦ୍ୟାଳୟକୁ ୨୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବେ ବୋଲି କହିଥିଲେ । ବିଦ୍ୟାଳୟ ପରିଚାଳନା ପରିଷଦର ସଂପାଦକ ଶ୍ରୀଯୁକ୍ତ ତପନ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ପ୍ରାଣ କୃଷ୍ଣ ମଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଶିଶୁ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ସାମୁହିକ ସଂଗୀତ, ବ୍ୟକ୍ତିଗତ ସଂଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଶେଷରେ ବିଦ୍ୟାଳୟ ପରିଚାଳନା ପରିଷଦର ଉପସଭାପତି ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଚାର୍ଯ୍ୟ ଶ୍ରୀ ସତ୍ୟାନନ୍ଦ ସାହୁ, ପ୍ରସନ୍ନ କୁମାର ମହାନ୍ତି, ବ୍ରଜ କିଶୋର ସାହୁ, ରବିନ୍ଦ୍ର ସାଥୁଆ, କିଶୋର କୁମାର ବାରିକ, ବିପିନ ବିହାରୀ ଦାଶ, ଆଚାର୍ଯ୍ୟା ନମିତା ସ୍ୱାଇଁ, ପ୍ରିୟଦର୍ଶନୀ ପ୍ରହରାଜ, ବିଜୟଲକ୍ଷ୍ମୀ ସ୍ୱାଇଁ, ଶ୍ରଦ୍ଧାଞ୍ଜଳୀ ମହାପାତ୍ର, ମାନସୀ ପରିଜା, ପୁଷ୍ପଲତା ପଲେଇ, ସରସ୍ୱତୀ ଦାସ, ଦେବସ୍ମିତା ଜେନା, ରାଧାରାଣୀ ସାହୁ, ସୋନାଲୀ ପଣ୍ଡା, ରାଜଶ୍ରୀ ସ୍ୱାଇଁ, ବର୍ଷାରାଣୀ ସେନାପତି, ମିନାକ୍ଷୀ ସେନାପତି ଓ ସାଗରିକା ନାୟକ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସତ୍ୟାଗ୍ରହୀଙ୍କୁ ସଲାମ ଜଣାଇଲେ ସତୀର୍ଥ

ମୁନିଗୁଡ଼ା ୨୦/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡାଠାରେ ଆଜି ଉତ୍ତର ପ୍ରଦେଶର ବାରଣାସୀ ରାଜଘାଟଠାରେ ୧୯୬୦ମସିହାରେ ସନ୍ତ ବିନୋବାଭାବେ ଦ୍ୱାରା ସ୍ଥାପିତ ସ୍ୱର୍ବଦୟ ସାଧନାକେନ୍ଦ୍ରତଥା ଗାନ୍ଧୀ ଶିକ୍ଷାଅନୁଷ୍ଠାନ ପୁନ ନିର୍ମାଣ ଦାବିନେଇ ୧୦୦ଦିନ ବ୍ୟାପି ଚାଲିଥିବା ସତ୍ୟାଗ୍ରହର ଉଦଯାପନୀ ଦିବସରେ ଅହିଂସାଆତ୍ମକ ସତ୍ୟାଗ୍ରହୀ ମାନଙ୍କୁ ସଲାମ ଜ୍ଞାପନ କରାଯାଇଛି । ସର୍ବସେବା ସଂଘ ପ୍ରତିନିଧି ତଥା ଉତ୍କଳ ସର୍ବଦୟ ମଣ୍ଡଳର ରାଜ୍ୟ ମୁଖପାତ୍ର ଗୌରାଙ୍ଗ ଚରଣ ରାଉତଙ୍କ ନେତୃତରେ ସହିଦ ଲକ୍ଷଣ ନାୟକ ପାଠାଗାରା ପରିସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ନ୍ୟାୟର ଦୀପ ଜଳାଥ ଆଭିମୁଖ୍ୟ ନେଇ ବିନୋବାଜିଙ୍କ ପୁଣ୍ୟ ତୀଥୀ ସେପ୍ଟେମ୍ବର ୧୧ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଥିବା ସତ୍ୟାଗ୍ରହର ସତ୍ୟାଗ୍ରହି ମାନଙ୍କୁ ସମବେତ ଗାନ୍ଧୀ ପ୍ରେମି କୃତଜ୍ଞତା ଜ୍ଞାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ହାଡ଼ିପା ଗୌଡ଼, ଲାଡି ଶଙ୍କର ରାଓ, ଚନ୍ଦ୍ରଶେଖର ପଣ୍ଡା, ବାପି ସାହୁକାର, ଖଲି ପଣ୍ଡା, ମହମ୍ମଦ ଶୁକ୍କୁ, ପ୍ରମୋଦ ସାହୁକାର, କାମରାଜ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଥାନା ଅଧିକାରୀଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା

କଣାସ ୨୦/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ଥାନା ପକ୍ଷରୁ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ଏହି ସମ୍ବର୍ଦ୍ଧନା ଉତ୍ସବରେ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ଚରଣ ପତି ,ପିପିଲି ଏସଡିପିଓ ବିରଞ୍ଚି ନାରାୟଣ ପତି,କଣାସ ବିଡ଼ିଓ ନାରାୟଣ ସାହୁ,ତହସିଲଦାର ହିମାଂଶୁ ଶେଖର ଗିରି,ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଗଡିଶାଗୋଦା ଥାନା ଅଧିକାରୀ ଦୂର୍ଗା ଚରଣ ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ ।ଅତିଥି ଓ ଅନ୍ୟମାନେ କହିଥିଲେ ଶ୍ରୀ ତ୍ରିପାଠୀ ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ କଣାସ ଅଞ୍ଚଳରେ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଥିଲେ ।ସାଧାରଣ ନିର୍ବାଚନ ଓ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ ।ଶ୍ରୀ ତ୍ରିପାଠୀଙ୍କର ପୁରୀ ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ବଦଳି ହୋଇଥିବାରୁ ତାଙ୍କ କର୍ମମୟ ଜୀବନ ସୁଖ ଶାନ୍ତିରେ କଟୁ ବୋଲି ସମସ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥଲେ ।ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସମୀର କେଶରୀ ବଳିଆରସିଂହ,ବିଭୂତି ଭୂଷଣ ତ୍ରିପାଠୀ,ଶ୍ରୀକାନ୍ତ ପାଟ୍ଟଯୋଶୀ, ଏସଆଇ ଦେବୀ ପ୍ରସାଦ ଲେଙ୍କା,ରବି ସାମନ୍ତରାୟ,ସରୋଜ କାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳା ରେ ରକ୍ତ ଦାନ ଶିବିର ୫୭ ୟୁନିଟ ରକ୍ତ ସଂଗୃହୀତ

ଅତାବିରା ୨୦/୧୨ (ନି.ପ୍ର): ରାଜ୍ୟ ସ୍ତରୀୟ ୫୧ତମ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪-୨୫ ଅବସର ରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବରପାଲି ଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ନିଷ୍ଠା ପରିବାର ର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଧାକାନ୍ତ ଛାତ୍ରୀ ଙ୍କ ତତ୍ତ୍ୱାବଧାନ ରେ ଡି ଏସ ଏସ ଧିରୋଜ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ପାଇକମାଲ ଚୂଡ଼ାମଣି ବାରିକ,ବ୍ଲକ ଶିକ୍ଷା ଅଧିକାରୀ ରାଜ ବୋଡାସମ୍ବର ଲୋକନାଥ ଭୋଇ,ବ୍ଲକ ଶିକ୍ଷା ଅଧିକାରୀ ଗାଇସିଲେଟ ନାରାୟଣ ଭୋଇ,ବ୍ଲକ ଶିକ୍ଷା ଅଧିକାରୀ ବରପାଲି ମୁକୁନ୍ଦ ମାହାଣା ଶିକ୍ଷକ ମନୋହର ଦାଶ, ବିରେନ୍ଦ୍ର ନାଗ, ଅନିଲ ସାବତ ପ୍ରମୁଖ ଫିତା କାଟି ଶିବିର ର ଶୁଭାରମ୍ଭ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୪୫୭ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।ଏହି ଶିବିର କୁ ନିଷ୍ଠା ପରିବାର ର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ। ପରିଶେଶ ରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଏକ ଉପଢୌକନ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଜିଲ୍ଲା ଶିକ୍ଷା ବିଭାଗ ବରଗଡ଼ ତରଫ ରୁ ନିଷ୍ଠା ପରିବାର କୁ ମଧ୍ୟ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତ ଦାତା ମାନଙ୍କୁ ନିଷ୍ଠା ପରିବାର ତରଫ ରୁ ବହୁତ ବହୁତ ଧନ୍ୟବାଦ।

# କାହ୍ନୁନଦୀର ବାଲି ହେଉଛି ହରଣ,ଖଣି ବିଭାଗ ଓ ରାଜସ୍ୱ ବିଭାଗ ନିଦାବିଷ୍ଟୁ

ମୟୂରଭଞ୍ଜ ୨୦/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡସ୍ଥ ଜାମଦା-ରାଇରଙ୍ଗପୁର,ଜାମଦା-ହାଟବାଦାଡ଼ା ସୀମାନ୍ତରେ କାହ୍ନୁନଦୀ ପ୍ରବାହିତ ହେଉଛି ।ବର୍ତ୍ତମାନ ଏହି ନଦୀର ବାଲି ହରଣଚାଲ ହେଉଥିବା ଜନସାଧାରଣରେ ଚର୍ଚ୍ଚା ହେଉଥିବା ଖବରକୁ ଅସ୍ୱୀକାର କରିହେଉନାହିଁ ।କାହ୍ନୁନଦୀରୁ ବାଲି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି ମାଫିଆ ଗୋଷ୍ଠି । ନାମକୁମାତ୍ର ଚଢାଉ କରି ପ୍ରଶାସନ ଚୁପ ରହୁଥିବା ଅଭିଯୋଗ ଜାମଦା ଓ ରାଇରଙ୍ଗପୁର ନଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବିଶେଷ କରି ଖରାବେଳେ ଓ ରାତି ସମୟରେ ବାଲି ପାଣିରୁ ଛାଣି ଉଠାଯାଉଥିବା ଅଭିଯୋଗ ମଧ୍ୟ ହେଉଥିବା ଶୁଣିବାକୁ ମିଳୁଛି । ସୂଚନାଯୋଗ୍ୟ ଯେ କାହ୍ନୁନଦୀ ର କେତେକ ବାଲିଘାଟ ଗୁଡ଼ିକ ନିଲାମରେ ଚାଲୁଥିବାବେଳେ ଆଉ କେତେକ ନିଲାମ ହୋଇଥିବା ବାଲିଘାଟର ନିକଟବର୍ତ୍ତୀ ସ୍ଥାନରୁ ବାଲି ଚୋରାଇ ମାଫିଆମାନେ ମାଲାମାଲ ହେଉଛନ୍ତି। ଫଳରେ ସରକାର ହରାଉଛନ୍ତି କୋଟି କୋଟି ଟଙ୍କାର ରାଜସ୍ୱ । ଦୈନିକ ଶହ ଶହ ଟ୍ରିପ ବାଲି ଖୋଲାଖୋଲି ଭାବେ ଚୋରା ଚାଲାଣ କରାଯାଇ ଚଢ଼ାଦରରେ ବିକ୍ରି ହେଉଥିଲେ ମଧ୍ୟ ଖଣି ବିଭାଗ, ରାଜସ୍ୱ ବିଭାଗ ଚୁପ୍ ରହୁଥିବା କାହ୍ନୁନଦୀ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ପଚାରି ବୁଝିବାରୁ ଜଣାପଡ଼ିଛି ।



## ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ମନୋନୟନ



ନିଶ୍ଚିନ୍ତକୋଇଲି ୨୦/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତ ମନୋନୟନ ହୋଇଯାଇଛି । ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ଏଥିରେ ଉପସଭାପତି ଭାବେ ବଳରାମ ସାହୁ ଓ ଜ୍ୟୋତିରଂଜନ ସାହୁ ରହିଥିବାବେଳେ ସମ୍ପାଦକ ଭାବେ ଜୀବନାନନ୍ଦ ଦାଶ, ସହ ସମ୍ପାଦକ ଭାବେ ଗଗନବିହାରୀ ବରାଳ, ଯୁଗ୍ମ ସମ୍ପାଦକ ଭାବେ ମନମୋହନ ଓଝା ଓ କରୁଣାକର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଗୁରୁଚରଣ ନାୟକ, କୋଷାଧକ୍ଷ ଭାବେ ରାମଚନ୍ଦ୍ର ସାହୁ, ସହ କୋଷାଧକ୍ଷ ଭାବେ ବଂଶୀଧର ସାମଲ,ହିସାବ ନିରୀକ୍ଷକ ଭାବେ ଅଜୟ କୁମାର ସ୍ୱାଇଁ ସହ ହିସାବ ନିରୀକ୍ଷକ ଭାବେ ବିଶ୍ୱଜିତ୍ ରାଉତ ପ୍ରମୁଖଙ୍କୁ ମନୋନୟନ କରାଯାଇଛି । ଏହାଛଡ଼ା ଅଭିରାମ ସାହୁ, ଲକ୍ଷ୍ମଣ ଦାସ, ନରୋ□ମ ବାରିକ, କୈଳାସ ଚନ୍ଦ୍ର ସାହୁ, ସୁକାନ୍ତ ବେହେରା, କେଦାରଚନ୍ଦ୍ର ସାଥୁଆ ,ନଗେନ୍ଦ୍ର ବାରିକ, ସତ୍ୟଜିତ୍ ମହାପାତ୍ର, ଦିଲ୍ଲୀପ କୁମାର ସାହୁ, ବିଜୟ କୁମାର ସ୍ୱାଇଁ, ବିରେନ୍ଦ୍ର ପତି, ରଂଜନ କୁମାର ଦାସ, ସନ୍ତୋଷ କୁମାର ରାଉତ, ରବିନ୍ଦ୍ର କୁମାର ରାଉତ, ରମେଶ ଚନ୍ଦ୍ର ସାହୁ, ଅବଦୁଲ ରକିବ୍ ପ୍ରମୁଖଙ୍କୁ ମନୋନୀତ କରାଯାଇଛି । ଏହି ସଂଘରେ ମୁଖ୍ୟ ଉପଦେଷ୍ଟା ଭାବେ ଡ଼ଃ.ଦେବ୍ ମହାନ୍ତିଙ୍କୁ ରଖାଯାଇଥିଲା ବେଳେ ଅଶୋକ କୁମାର ଓଝା ଓ ସ୍ଥାନୀୟ ସରପ□ ମଧୁସ୍ମିତା ରାଉତ ଉପଦେଷ୍ଟା, ସହଯୋଗୀ ସଦସ୍ୟ ଭାବେ ମା' ବେଲେଶ୍ୱରୀ ଉନ୍ନୟନ କମିଟିର ଉପସପାପତି ନାଏବ ଭୋଇ, ବ୍ଲକ ଛକ ପୂଜା କମିଟି ସହ ସଂପାଦକ ହରେକୃଷ୍ଣ ରାଉତ, ମହାବୀର କ୍ଲବ ସଂପାଦକ ସନ୍ତୋଷ କୁମାର ଦାସ, ମହାବୀର ଡ୍ରାମାଟିକ୍ କ୍ଲବ ସଭାପତି କଳ୍ପତରୁ ସେଠୀ, ପୂର୍ବତନ ବ୍ୟବସାୟୀ ରଂଜନ କୁମାର ଜେନା ରହିଥିବା ସମ୍ପାଦକ ଜୀବନାନନ୍ଦ ଦାଶ ପ୍ରକାଶ କରିଛନ୍ତି । ବଜାର ବ୍ୟବସାୟୀ ସଂଘକୁ ମନୋନୟନ ହୋଇଥିବା ଉକ୍ତ କମିଟିର କର୍ମକର୍ତ୍ତା ମାନେ ବ୍ୟବସାୟୀମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ସହିତ ଗ୍ରାହକ ମାନଙ୍କୁ ଶୃଙ୍ଖଳିତ ଭାବେ ସେମାନଙ୍କ ବଜାର ସଉଦା କରିବାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ବଦ୍ଧ ପରିକର ବୋଲି ପ୍ରକାଶ କରିଛନ୍ତି ।

## ଉଦ୍ୟୋକ୍ତା ସଶକ୍ତିକରଣ ବିଷୟରେ ଜାତୀୟ କର୍ମଶାଳା

ବୁଗୁଡା ୨୦/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଓ ଦକ୍ଷିଣ ଓଡ଼ିଶା ଅର୍ଥନୀତି ସଙ୍ଗଠନ ସହଯୋଗରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଜାତୀୟ କର୍ମଶାଳାର ବିଷୟବସ୍ତୁ ଥିଲା :- ' ଉଦ୍ୟୋକ୍ତା ସଶକ୍ତିକରଣ : ପରିବର୍ତ୍ତନୀୟ ପରିସଂସ୍ଥାରେ ଶ୍ରମର ନୈପୁଣ୍ୟ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ନୂତନ ବ୍ୟବସାୟ' । ଉକ୍ତ ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ସୁଶାନ୍ତ କୁମାର ଦାଶ, ଦକ୍ଷିଣ ଓଡ଼ିଶା ଅର୍ଥନୀତି ସଙ୍ଗଠନର ସାଧାରଣ ସମ୍ପାଦିକା ଡକ୍ଟର ସନ୍ଧ୍ୟାରାଣୀ ଦାଶ ଓ ଅର୍ଥନୀତି ବିଭାଗ ଅଧ୍ୟାପିକା କ୍ଷେତ୍ରଶ୍ରୀ ପଣ୍ଡା, ମୁଖ୍ୟ ବକ୍ତା ଭାବେ କମ୍ପ୍ୟୁଟର ମାଧ୍ୟମରେ ଭାରତ ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସୁକାନ୍ତ କୁମାର ସାହୁ ଏବଂ ବକ୍ତାଭାବେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସହକାରୀ ନିର୍ଦ୍ଦେଶକ ବିଶେଷଜ୍ଞ ଜଗଦୀଶ ସାହୁ ଯୋଗଦେଇଥିଲେ । କଲେଜ ପରିଚାଳନା ପରିଷଦ ସଭାପତି ଡକ୍ଟର ସୁଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ କଲେଜର ପ୍ରିନ୍ସପାଲ ଭୂପତି ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଶତପଥୀ କର୍ମଶାଳାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କର୍ମଶାଳାରେ ମୁଖ୍ୟବକ୍ତା ଡକ୍ଟର ସାହୁ ଓ ବକ୍ତା ଶ୍ରୀ ସାହୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସରକାରୀ ଯୋଜନା ଓ ନୂତନ ଉଦ୍ୟୋଗ ଆରମ୍ଭ ପାଇଁ ତଥ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡକ୍ଟର ଜ୍ଞାନ ରଞ୍ଜନ ମହାନ୍ତି, ଭବାନୀପାଟଣା ଯାନ୍ତ୍ରିକ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଲକ୍ଷ୍ମୀ ପ୍ରସାଦ ପଣ୍ଡା ଏବଂ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟର ଡକ୍ଟର ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଯୋଗଦେଇଥିଲେ । କଲେଜର ଅର୍ଥନୀତି ବିଭାଗର ପୂର୍ବତନ ପ୍ରାଧ୍ୟାପିକା ଧନଲକ୍ଷ୍ମୀ ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ କରିଥିବା ବେଳେ ସଂଗଠନ ସମ୍ପାଦିକା ଅଧ୍ୟାପିକା କ୍ଷେତ୍ରଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଗୁଡା : ଗ୍ୟାସ ହାଣ୍ଡି ଫାଟି ଚିକେନ ଦୋକାନୀ ଗୁରୁତର

ବାଲିଗୁଡା ୨୦/୧୨ (ନି.ପ୍ର): ଚିକେନ ଦୋକାନ ଭିତରେ ଗ୍ୟାସ ହାଣ୍ଡି ଫାଟି ଜଣେ ଗୁରୁତର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ା ଗ୍ରାମରେ, ସୂଚନା ମୁତାବକ ପ୍ରତ୍ୟେକ ଦିନ ଭଳି ଆଜି ଗୁରୁବାର ଦିନ ମଧ୍ୟ ଚିକେନ୍ ଦୋକାନୀ ରତନ ଦିଗାଲ ଚିକେନ କରିବା ପାଇଁ ପାଣି ଗରମ କରୁଥିବା ବେଳେ ହଠାତ୍ ଗ୍ୟାସ ହାଣ୍ଡି ଫାଟି ଯାଇଥିଲା, କିଛି ବୁଝିବା ଆଗରୁ ଏତେ ବଡ଼ ଦୁର୍ଘଟଣା ଘଟିଛି । ଦୋକାନୀ ଜଣକ ଯଦି ଓ ଗୁରୁତର ଆହତ ହୋଇଛନ୍ତି, କିନ୍ତୁ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦୋକାନୀ ଜଣକ ବାଟାଗୁଡା ପଞ୍ଚାୟତ ପାଲୁମକିଆ ଗାଁର ରତନ ଦିଗାଲ ବୋଲି ଜଣାପଡିଛି । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଅଟୋ ଯୋଗେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଭର୍ତ୍ତୀ କରାଇ ଥିଲେ । ବର୍ତ୍ତମାନ ସେ ଚିକିତ୍ସିତ ଅବସ୍ଥାରେ ଥିବା ଜଣାପଡିଛି । ଖବର ପାଇ ବାଲିଗୁଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା । ବାଲିଗୁଡ଼ା ପୁଲିସ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି କିଭଳି ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରୁଥିବା ଜଣାପଡିଛି । ବର୍ତ୍ତମାନ ଏଭଳି ଦୁର୍ଘଟଣା ହେବା ପରେ ଅଞ୍ଚଳର ଭୟର ବାତାବରଣ ସୃଷ୍ଟି ହେଉଛି ।

## ଗୋରୁମହିଷାଣୀରେ ରଗବୀ କାର୍ଯ୍ୟକ୍ରମ

ମୟୂରଭଞ୍ଜ ୨୦/୧୨ (ନି.ପ୍ର): ରାଇରଙ୍ଗପୁର ବ୍ଲକର ଗୋରୁମାହିଷାଣି ଅଞ୍ଚଳରେ ରଗବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର ପାଇଁ ଗୋରୁମାହିଷାଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଛି। ସାତ ଦିନିଆ ତାଲିମ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ୍ ଆସୋସିଏସନ୍ ର ସଦସ୍ୟ, ଜାତୀୟ ଖେଳାଳି କାର୍ତ୍ତିକ କୁମାର ସିଂ ଏବଂ ଏମଡିଆର୍ଏଫ୍ଏ ର ମୁଖ୍ୟ ଉପଦେଷ୍ଟା ଶ୍ରୀ ବାବା ଡାଲାରାମ ହାନ୍ସଦା ଉପସ୍ଥିତ ଥିଲେ । ପେଟିଏମ୍ ସାର୍ ଶ୍ରୀ ରାମ ପାଣ୍ଡେଙ୍କ ଆଗ୍ରହ ତଥା ବିଦ୍ୟାଳୟର ସମ୍ମାନିତ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତି ସୁହାଗିନୀ ହେମ୍ବ୍ରାମଙ୍କ ସମର୍ଥନ ହେତୁ ଏହା ସମ୍ଭବ ହୋଇଥିଲା।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ସପ୍ତାହ ଉଦଘାଟିତ

ନିମାପଡା ୨୦/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଫିଟ ଇଣ୍ଡିଆ ସପ୍ତାହ ଉଦଘାଟନ ହୋଇଯାଇଛି କ୍ଷ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ବିନୋଦିନୀ ଦାଶ ଏହାକୁ ଉଦଘାଟନ କରି ଶାରୀରିକ ସୁସ୍ଥତା ଓ ଦୀର୍ଘ ଜୀବନ ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୯ ଅଗଷ୍ଟ ୨୦୧୯ ରୁ ପ୍ରାରମ୍ଭ କରିଥିବା ଏହି କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଭିହିତ କରିଥିଲେ । ଏହି ସପ୍ତାହ ପାଳନ ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଫିଟ ଇଣ୍ଡିଆ ସମ୍ବନ୍ଧୀୟ ତର୍କ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ଦୌଡ଼କୁଦ ପ୍ରତିଯୋଗିତା, ଲମ୍ବ ଡ଼ିଆଁ, ଶଟ୍ ଫୁଟ, ସଚେତନତା ରାଲି କରାଯାଇ ସମସ୍ତଙ୍କୁ ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉପରେ ସଚେତନତା କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

## କଳାପାଞ୍ଚଣ ପଞ୍ଚାୟତରେ ବିଜେପି ପକ୍ଷରୁ ଦଳିତ ବୈଠକ

ନିମାପଡା ୨୦/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ରେ ନିମାପଡା ବିଧାୟିକା ତଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ନିର୍ଦ୍ଦେଶ ରେ ପଞ୍ଚାୟତ ର ସଭାପତି ମନୋଜ କୁମାର ନାୟକ ଙ୍କ ଅଧକ୍ଷତାରେ ବିଜେପି ପକ୍ଷରୁ ଏକ ଦଳିତ ବୈଠକ ଅନୁଷ୍ଠିତ ହୋଇ ଥିଲା । ଏହି ବୈଠକରେ ପୂର୍ବତନ ୨୧ ନଂ ଜିଲ୍ଲାପରିଷଦ ସଭ୍ୟ ତଥା ଜଗତସିଂହପୁର ସାଂସଦ ଙ୍କ ନିମାପଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ,ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ,ଭକ୍ତବନ୍ଧୁ ବିଶ୍ୱାଳ ,କୃଷ୍ଣଚନ୍ଦ୍ର ନାୟକ , ପଞ୍ଚାୟତ ପ୍ରଭାରୀ ଧୁଳ ସାହୁ ,ମଣ୍ଡଳର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି ଯୋଗଦେଇଥିଲେ । ଏହି ଦଳିତ ବୈଠକରେ ନୂତନ ଡବଲ ଇଞ୍ଜିନ ବଜେପି ସରକାର ସମୟରେ ସରକାର ଙ୍କ ବିଭିନ୍ନ ପ୍ରକାର ଯୋଜନା ତଥା ସୁଭଦ୍ରା ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ,ବିଭିନ୍ନ ପ୍ରକାର ଭତ୍ତା ,ଆୟୁଷ୍ମାନ ଯୋଜନା ସ୍ୱାସ୍ଥ୍ୟ ବୀମା ପ୍ରମୁଖ ଯୋଜନା ପାଇବା ସହିତ କିଭଳି ଭାବେ ଡିଜିଟାଲ ମୋବାଇଲ ମାଧ୍ୟମରେ ଅନଲାଇନ ରେ ଆବେଦନ କରିବେ,ଏହି ଦଳିତ ବୈଠକରେ ଉପସ୍ଥିତ ଥିବା ନେତା ମାନେ ବୁଝାଇ କହିଥିଲେ । ଦଳିତ ମହିଳା ଓ ପୁରୁଷ ମାନଙ୍କ ର ଥିବା ବିଭିନ୍ନ ପ୍ରକାର ସମସ୍ୟା ଉପରେ ପଚାରି ବୁଝିଥିଲେ । ଏହି ଦଳିତ ବୈଠକରେ ଜ୍ୟୋତିରଞ୍ଜନ ପାତ୍ର ,ଭାଗିରଥି ମଲ୍ଲିକ , ଦେବନ୍ଦ୍ର ବାରିକ ,ବାବୁରାମ ପାତ୍ର ,ଧୁଶାସନ ପାତ୍ର ,ଗଣେଷ ନାୟକ , ମାଧବ କାଣ୍ଡି ,ନରିଆ ଲେଙ୍କା ,ଅକ୍ଷୟ ଭୋଇ ,ସଞ୍ଜୟ ଭୋଇ , ବିପିନ ଭୋଇ ,ବିନୋଦ ବେହେରା ,କାଶୀନାଥ ଚଇନୀ ,କୁମର ଭୋଇ ସହିତ ୫ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ ।

## ଉପଖଣ୍ଡ ସ୍ତରୀୟ ଚଇତି ' ଇଡିତାଲ' ନିମନ୍ତେ ମିନି ମାରାଥନ ଅନୁଷ୍ଠିତ



ଗୁଣପୁର ୨୦/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ପଡିଆ ଠାରେ ବଡ ଧୁମଧାମରେ ଉପଖଣ୍ଡ ସ୍ତରୀୟ ଚଇତି ' ଇଡିତାଲ' ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ସକାଳ ୮ ଟା ସମୟରେ ଏକ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଗୁଣପୁର ଓ ଆଖପାଖ ଅଞ୍ଚଳର ବହୁ ବାଳକ ବାଳିକା ଯୋଗଦେଇ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆ ପର୍ଯ୍ୟନ୍ତ ଦୌଡିଥିଲେ । ଏହି ପ୍ରତିଯୋଗିତାରେ ବାଳିକା ବିଭାଗରେ ରାନି ଶ୍ୱର ପ୍ରଥମ , ପୁଷ୍ପଲତା ପଲେଇ ଦ୍ୱିତୀୟ , ଦ୍ୱେଶ୍ରୀ ପାତ୍ର ତୃତୀୟ ସେହିପରି ବାଳକ ବିଭାଗରେ ବଂଶି ଶ୍ୱର ପ୍ରଥମ , ପିଣ୍ଟୁ ଶ୍ୱର ଦ୍ୱିତୀୟ , ମିଥୁନ ଶ୍ୱର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ମିନି ମାରାଥନ ସମୟରେ ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା , ଆବାହକ ଚନ୍ଦ୍ରଧ୍ୱଜ ପଣ୍ଡା ସ୍ୱୁଜ ପତାକା ଦେଖାଇ ଦୌଡର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଗୁଣପୁର ବିଡିଓ ଶୁଭ୍ରାଞ୍ଜଳୀ ପ୍ରଧାନ , ତହସିଲଦାର ଲୀଳାବତୀ ଆଚାର୍ଯ୍ୟ , ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା ,ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ , ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା , ଅନନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଇ ଆଇ ସି ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଶୁକ୍ରବାର ଦିନ ସକାଳ ୮ ଟା ସମୟରେ ଜଗନ୍ନାଥ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି କେନ୍ଦ୍ରୀୟ ବିଦ୍ୟାଳୟ ପଡିଆ ଠାରେ ପହଞ୍ଚିବ ଏଂ ସନ୍ଧ୍ୟା ୫ ଘଟିକା ସମୟରେ ପ୍ରଦର୍ଶନୀର ଶୁଭାରମ୍ଭ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଯୋଗ ଦେବେ ବ୍ୱୋଲି ସୂଚନା ମିଳିଛି । ବିଶେଷ ଆକର୍ଷଣ ଭାବେ ଓଡିଆ ଚଳଚ୍ଚିତ୍ର ତାରକା ସୁପ୍ରିୟା ନାୟକ , ଅନୁରାଧା ପାଣିଗ୍ରାହୀ ଯୋଗଦେବାର ଖବର ରହିଛି ।

## ଜୟପାଟଣା ସମିତି ସଭ୍ୟା ମଣ୍ଡି ପରିଦର୍ଶନ

ଜୟପାଟଣା ୨୦/୧୨ (ନି.ପ୍ର): ପଞ୍ଚାୟତ ସମିତି ସଭ୍ୟା ରଶ୍ମିତା ଦୁରିଆ ଓ ସମାଜ ସେବୀ ପ୍ରକାଶ ଦୁରୀଆ ଜୟପାଟଣା ଧାନ ମଣ୍ଡି କୁ ପରିଦର୍ଶନରେ ଯାଇ ଧାନ କ୍ରୟ ସମ୍ବନ୍ଧରେ ସେଠାରେ ଉପସ୍ଥିତ ଚାଷୀ ତଥା ଦାୟିତ୍ୱରେ ଥିବା କର୍ମଚାରୀ ଙ୍କ ସହିତ ଆଲୋଚନା କରି ଥିଲେ!୬ ଡିସେମ୍ବର ଠାରୁ ମଣ୍ଡି ଖୋଲି ବର୍ତ୍ତମାନ ପର୍ଯ୍ୟନ୍ତ ୫,୫୩୦,୫୧ କ୍ୟୁଣ୍ଟାଲ ଧାନ କ୍ରୟ କରାଯାଇଥିବାର ଜାଣି !ତ୍ରୁଟି ପୂର୍ଣ୍ଣ ଟୋକନ ବ୍ୟବସ୍ତା ଯୋଗୁଁ ବହୁପୂର୍ବରୁ ଧାନ ଅମଳ କରିଥିଲେ ସୁଦ୍ଧା ଧାନ ଚାଷୀ ବିକ୍ରୟ କରି ପାରି ନଥିବା ଯୋଗୁଁ କ୍ଷୋଭ ପ୍ରକାଶ କରିବା ସହ !ଚାଷୀଙ୍କ ସୁବିଧା ଦୃଷ୍ଟିରୁ କିଛି ପଦକ୍ଷେପ ଗ୍ରହଣ କରିବା ପାଇଁ କହିଥିଲେ । ଜୟପାଟଣା ମଣ୍ଡି ଅଧୀନ ରେ ବହୁତ୍ ଚାଷୀ ଓ ପ୍ରାୟ ୫୦ ହଜାର କ୍ୟୁଣ୍ଟାଲ ଧାନ ଥିବାରୁ ୩ ଦିନ ବଦଳରେ ୫ ଦିନ ମଣ୍ଡି ଖୋଲାଯାଉ ସରକାରୀ ନୀତି ନିୟମ ସହିତ ଚାଷୀଙ୍କ ସହମତିରେ ଧାନ କ୍ରୟ କରାଯାଉ,ସମ୍ପୃକ୍ତ ସମସ୍ତ ମିଲର ମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ବ୍ୟବସ୍ଥା ହେଉ,ସମସ୍ତ ଚାଷୀ ଙ୍କ ଧାନ ମଣ୍ଡି ରୁ ହିଁ ଉଠା ଯାଉ,ଧାନ କ୍ରୟ ରେ,ଏଥିସହ ଚାଷୀଙ୍କ ପାଇଁ ନୀତିଗତ ବ୍ୟବସ୍ତା ଥିବା ବିଶ୍ରାମ ଘର ଓ କେଣ୍ଟିନ ର ବ୍ୟବସ୍ତା କରାଯିବା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କହିବା ସହ ଚାଷୀଙ୍କ ହକ୍ ଓ ଅଧିକାରକୁ ଅଣଦେଖା କରି ମନମୁଖୀ କଲେ ଚାଷୀଙ୍କ ସହ ମିଶି ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ସମିତି ସଭ୍ୟା କହିଥିଲେ ।

# କ୍ଷିତିଜ୍ୟୋତିଃ ଆଶ୍ରମ ପକ୍ଷରୁ କମ୍ବଳ ବଣ୍ଟନ



ପାଟଣା ୨୦/୧୨ (ନି.ପ୍ର): ସାରା ରାଜ୍ୟରେ ଶୀତ ଲହରୀ ଲାଗି ରହିଛି । ବିଶେଷକରି ଜଙ୍ଗଲ ପାହାଡ଼ ଘେରା କେନ୍ଦୁଝର ଜିଲାରେ କେତେକ ଅଞ୍ଚଳରେ ତାପମାତ୍ରା ହ୍ରାସ ହେବା ସହିତ ପ୍ରବଳ ଥଣ୍ଡା ଅନୁଭୂତ ହେଉଅଛି । ତନ୍ମଧ୍ୟରେ ଅଟେଇ ଜଙ୍ଗଲ ପରିବେଷ୍ଟିତ ଘଟଗାଁ ଅନ୍ୟତମ । ଲୋକମାନେ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ନାନାଦି ଶୀତ ବସ୍ତ୍ରର ସାହାରା ନେବା ସହିତ ନିଆଁ ଜାଳି ଆରାମ କରିଥାନ୍ତି କିନ୍ତୁ ଦୀନ ଦୁଃଖୀ ରଙ୍କି, ଗରିବ, ଅସହାୟ ବୃଦ୍ଧବୃଦ୍ଧା, ଶାରୀରିକ ଭିନ୍ନକ୍ଷମ, ଅନାଥ ଓ ଭିକ୍ଷା ବୃତ୍ତି କରି ଚଳୁଥିବା ଲୋକମାନେ ହାଡଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ କେବଳ ନିଆଁକୁ ଭରସା କରି ସମୟ କାଟିଥାନ୍ତି । ଭାଗ୍ୟକୁ ନିନ୍ଦି ଓ ଭଗବାନଙ୍କୁ ଦ୍ୱାହିଦେଇ ବଂଚିବା ଛଡା ସେମାନଙ୍କ ପାଖରେ ଅନ୍ୟ ଚାରା ନାହିଁ ।ଏହି ପରିପ୍ରେକ୍ଷୀରେ ଘଟଗାଁସ୍ଥିତ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ଆନୁକୂଲ୍ୟରେ ମାତାରିଣୀ ମନ୍ଦିର ସମ୍ମୁଖରେ ଏକ କମ୍ବଳ ବଣ୍ଟନ ମେଳା କାର୍ଯ୍ୟକ୍ରମ କରାଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର କୁମାର ଯେନା ଓ ସମ୍ମାନିତ ଅତିଥି ରୂପେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନର ସଭାପତି ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଗଣେଶ୍ୱର ରାଉତ, ଉଠା ଦୋକାନୀ ସଂଘର ସଭାପତି ଗୋଲବାସ ଦେହୁରୀ,ସାମ୍ବାଦିକ ପ୍ରଫୁଲ୍ଲ ରାଉତ ଓ ଭୀମସେନ ବଳ ଯୋଗ ଦେଇ ମାତାରିଣୀ ମନ୍ଦିର ସମ୍ମୁଖରେ ଭିକ୍ଷା କରୁଥିବା ବୃଦ୍ଧବୃଦ୍ଧା, ଅସହାୟ ଦୁଃଖୀରଙ୍କି ଏବଂ ଭିନ୍ନକ୍ଷମ ମାନଙ୍କୁ କମ୍ବଳ ପ୍ରଦାନ କରିବା ସହିତ ସମୟୋପଯୋଗୀ ସେବା କାର୍ଯ୍ୟ କରୁଥିବାରୁ କ୍ଷିତିଜ୍ୟୋତିଃ ଆଶ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । କ୍ଷତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ବାବାଜୀ ଚରମାନନ୍ଦ ଦାସ ଓ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଶ୍ରମର ସଦସ୍ୟ ସଞ୍ଜୟ କୁମାର ପଲେଇ,ଦୀପକ କୁମାର ଦେହୁରୀ ଲକ୍ଷ୍ମୀଧର ପାତ୍ର,ଓ ଶକୁନ୍ତଳା ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଡୁମୁରିଆ ବି ଏସ ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡା ଉଦଯାପିତ

ପାଟଣା ୨୦/୧୨ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ସ୍ଥିତ ବଡେଇଶୁଣି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଓ ଗୁରୁବାର ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ଶିକ୍ଷୟତ୍ରୀ ଲତିକା ମଞ୍ଜରୀ ମହାନ୍ତଙ୍କ ସହ ସହକାରୀ ଶିକ୍ଷକ ଲାଲମୋହନ ମହାନ୍ତ, ଗୀତାଞ୍ଜଳି ମହାନ୍ତ, ବିଶ୍ୱପ୍ରଭା ନାୟକ, ଶ୍ୱେତାସ୍ମିତା ବେହେରା ଓ ମାମିନୀ ସୋରେନ ପ୍ରମୁଖ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ସୁଧାକର ପଣ୍ଡା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତା ରେ ଛାତ୍ରଛାତ୍ରୀ ମାନେ ୧ ଶହ ରୁ ୮ ଶହ ମିଟର ଦୌଡ, ଲମ୍ଫ ଓ ଉଚ୍ଚଡିଆଁ, ଡିସକସ ଥ୍ରୋ ଓ ସର୍ଟ ଫୁଟ ଆଦି ପ୍ରତିଯୋଗିତା ଅଂଶ ଗ୍ରହଣ କରିବା ସହ ଦଳଗତ ଭାବେ ଛାତ୍ରୀ ମାନେ କବାଡି ଓ ଛାତ୍ର ମାନେ କ୍ରିକେଟ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତା ର ଉଦଯାପନ ଉତ୍ସବରେ ପ୍ରଧାନଶିକ୍ଷକ ତ୍ରିନାଥ ନାୟକଙ୍କ ସଭାପତିତ୍ୱରେ ତଥା ବରିଷ୍ଠ ଶିକ୍ଷକ ସୁଧାକର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କାର୍ଯକ୍ରମ ରେ ମୁଖ୍ୟଅତିଥି ଭାବେ ସାହିତ୍ୟ ସଂସ୍କୃତି ସମ୍ମେଳନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରସନ୍ନ କୁମାର ପରିଡା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ପ୍ରତିଯୋଗିତାରେ ଛାତ୍ର ମାନଙ୍କ ମଧ୍ୟରେ ସନ୍ତୋଷ କୁମାର ବାଉଁଶୁଳିଆ ଓ ଛାତ୍ରୀ ମାନଙ୍କ ମଧ୍ୟରେ ସାଲ ମାଝୀ ଚମ୍ପିୟାନ ହୋଇଛନ୍ତି ।

## ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ୨୯ତମ ବାର୍ଷିକ କ୍ରୀଡ଼ା ଉଦଘାଟିତ



ପାଟଣା ୨୦/୧୨ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ର ୨୯ ତମ ବାର୍ଷିକ କ୍ରୀଡ଼ା ସମାରୋହ ଆଜି ପୂର୍ବାହ୍ନରେ ଉଦଘାଟିତ ହୋଇଛି ।କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ଥାନା ଏସ ଆଇ ଲକ୍ଷ୍ମଣ ମାଝୀ କ୍ରୀଡ଼ା ପତାକା କୁ ଉତ୍ତୋଳନ ସହ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ।ଅଧକ୍ଷ ବିରେନ୍ଦ୍ର କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ମାଝୀ ସହ ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଧିଷ୍ଠିର ମହାନ୍ତ, ମହାବିଦ୍ୟାଳୟ କ୍ରୀଡ଼ା ଉପସଭାପତି ପ୍ରାଧ୍ୟାପକ ଅଶ୍ୱିନୀ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ା କୁ ଜୀବନର ଏକ ଅଙ୍ଗ ଭାବେ ଗ୍ରହଣ କରିବାକୁ ମାର୍ଗ ଦର୍ଶନ ଦେଇଥିଲେ ।କ୍ରୀଡ଼ା ଶିକ୍ଷକ ତଥା ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଙ୍କ ଉପସ୍ଥିତି ରେ ଶରତ କୁମାର ମିଶ୍ର ସଭାର ସଂଯୋଜନା କରିଥିଲେ ।ଏଠାରେ ଛାତ୍ରଛାତ୍ରୀ ମାନେ ୧ଶହ ରୁ ୫ହଜାର ମିଟର ଦୌଡ଼, ଲମ୍ଫ ଓ ଉଚ୍ଚ ଡିଆଁ, ସର୍ଟପୁଟ,ଜାଭେଲିନ,ଡିସ୍କସ ଥ୍ରୋ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି ।ରଜତ କୁମାର ଦାଶ, ଡଃ ହୃଦାନନ୍ଦ ବିଶ୍ୱାଳ,ଅଧ୍ୟାପକ ରତ୍ନାକର ମହାକୁର,ଅଧ୍ୟାପକ ହଳଧର ସାହୁ,ଅଧ୍ୟାପିକା ସୁସ୍ମାତା ଶୋଭାଲିନ ମହାପାତ୍ର, ଶୁଚିସ୍ମିତା ଦାଶ, ଅଞ୍ଜନ କୁମାର ଦୋରା, ଡକ୍ଟର ମନ୍ଦାକିନି ନାଏକ,ସନ୍ତୋଷ ସାହୁ,ବଳରାମ ସାହୁ,ଦୀକ୍ଷା ରାଉତ, ମଧୁସ୍ମିତା ମହାନ୍ତ, ଶୁଭ୍ରାଂଶୁ ଶେଖର ଦାଶ,ଅମିତ କୁମାର ଦାଶ, ଏଲିନା ପରିଡ଼ା, ବିନୋଦିନୀ ମହାନ୍ତ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ମାନେ ବିଚାରକ ଭାବେ ବିଭିନ୍ନ ଖେଳ କୁ ପରିଚାଳନା କରୁଛନ୍ତି ।

## ସରକାରୀ ଚାକିରି କରାଇଦେବା ବାହାନାରେ ୨୧ ଲକ୍ଷ ଚଳୁ

ବ୍ରହ୍ମପୁର ୨୦/୧୨ (ନି.ପ୍ର): ସମ୍ପ୍ରତି ବେକାର ଥିବା ଶିକ୍ଷିତ ଯୁବତୀ ଯୁବକଙ୍କୁ ଚାକିରି ଦେବା ବାହାନାରେ ଠକ ଗ୍ୟାଙ୍ଗ ସେମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଚୁନା ଲଗାଉଛନ୍ତି । ଏହି ଧରାରରେ ସରକାରୀ ଚାକିରୀ କରାଇଦେବୀ ବୋଲି କହି ଜଣେ ଯୁବକଙ୍କ ଠାରୁ ୨୧ ଲକ୍ଷ ଟଙ୍କା ଠକେଇ ହୋଇଛି । ବ୍ରହ୍ମପୁର ସହରରେ ରହୁଥିବା ଜଣେ ବ୍ୟକ୍ତି ମିଥ୍ୟା ପ୍ରତିଶ୍ରୁତି ଦେଇ ଏଭଳି ଠକେଇ କରିଥିବା ବେଳେ ଟଙ୍କା ଫେରସ୍ତ ମାଗିଲେ ଧମକ ଦେଉଥିବା ଅଭିଯୋଗ ହୋଇଛି । ଏନେଇ ଠକାମୀର ଶିକାର ହୋଇଥିବା ଛତ୍ରପୁର ରେଲୱେ କଲୋନୀରେ ରହୁଥିବା ଆର. ରାଜେଶ କୁମାର ରେଡି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ୫୯୩/୨୪ ରେ ଏକ ମାମଲା ରୁଜୁ କରି ଘଟାଣର ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ, ରାଜେଶ ରେଡ୍ଡୀ ୨ ବର୍ଷ ତଳେ ଚାକିରି ସନ୍ଧାନରେ ରହୁଥିଲେ । ଏହି ସମୟରେ ବ୍ରହ୍ମପୁରରେ ରହୁଥିବା ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ହୋଇଥିଲା ।ସେହି ବ୍ୟକ୍ତି ଜଣଙ୍କ ସରକାରୀ ଚାକିରି କରାଇଦେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏଥିପାଇଁ ୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ବ୍ୟକ୍ତି ଜଣଙ୍କ କହିଥିଲେ । ସେହିକ୍ରମରେ ସରକାରୀ ଚାକିରି କରିବା ଲୋଭରେ ରାଜେଶ ସଂପୃକ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୨୧ ଲକ୍ଷ ଦେଇଥିଲେ । ହେଲେ ଅନେକ ଦିନ ଯାଏଁ ରାଜେଶଙ୍କୁ ସରକାରୀ ଚାକିରି ମିଳିନଥିଲା । ଫଳରେ ତାଙ୍କ ଟଙ୍କା ଫେରାଇ ଦେବାକୁ ରାଜେଶ କହିଥିଲେ । ହେଲେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଟଙ୍କା ଫେରାଇବା ବଦଳରେ ବିଭିନ୍ନ ପ୍ରକାର ତାଙ୍କୁ ଧମକ ଚମକ ଦେଇଥିଲେ । ଶେଷରେ ନିରାଶ ହୋଇ ରାଜେଶ ବୈଦ୍ୟନାଥପୁର ଥାନାରେ ଲିଖିତ ଏତଲା ଦେଇଥିଲେ ।

## ବିଦ୍ୟାଳୟ କାନ୍ଥ ରୁ ଖସୁଛି ପ୍ଲାଷ୍ଟର , ବାହାରେ ପଢୁଛନ୍ତି ଛାତ୍ର ଛାତ୍ରୀ



ପାଟଣା ୨୦/୧୨ (ନି.ପ୍ର): ସାହାରପଡା ବ୍ଲକ ଖୁଣ୍ଟାପଡା ପଂଚାୟତ ଅନ୍ତର୍ଗତ ଚାତରପାଣି ଗ୍ରାମର ବରବେଡା ସାହି ରେ ଥିବା ପ୍ରାଥମିକ ବିଦ୍ୟାଳୟ ଟି ୧୯୫୪ ମସିହା ରେ ନିର୍ମିତ ହୋଇଛି । ଦୀର୍ଘ ବର୍ଷ ରୁ ତିଆରି ହୋଇଥିବା ଉକ୍ତ ବିଦ୍ୟାଳୟ ଟି ଏକ ମାତ୍ର ଘର ରହିଛି । ପୂର୍ବରୁ ଥିବା ଟାଇଲ କୁ ବଦଳାଇ ଛାତ କରାଯାଇଛି । ଆଉ ଦ୍ୱିତୀୟ ଘର ନିର୍ମାଣ ହୋଇ ନାହିଁ । ଅନେକ ବିଦ୍ୟାଳୟ ରେ ଆବଶ୍ୟକତା ଠାରୁ ଅଧିକ ଘର ଥିଲେ ମଧ୍ୟ ଏଠାରେ କିନ୍ତୁ ସେହି ଏକମାତ୍ର ଘର କୁ ମଝିରେ ମଝିରେ ରଙ୍ଗ ଦିଆ ଯାଇ ବିଦ୍ୟାଳୟ ଚାଲୁଛି । ବର୍ଷା ଦିନେ ଛାତ ରୁ ପାଣି ପଡୁଛି । ଗତ ତିନି ଚାରି ଦିନ ତଳେ ଛାତ୍ର ଛାତ୍ରୀ ମାନେ ପାଠ ପଢୁ ଥିବା ସମୟରେ ହଟାତ ପଛ ପଟ କାନ୍ଥ ର କିଛି ଅଂଶ ଖସି ପଡ଼ିଥିଲା । ଛାତ୍ର ଛାତ୍ରୀ ଶିକ୍ଷକ ମାନେ ସଙ୍ଗେ ସଙ୍ଗେ ଶ୍ରେଣୀ ଗୃହ ରୁ ଦୌଡ଼ି ବାହାରକୁ ଚାଲି ଆସିଥିଲେ । ଉକ୍ତ ଘର ବିପଦ ସଙ୍କୁଳ ଥିବା ଜାଣି ସେବେଠୁ ବାହାରେ ଖୋଲା ପଡିଆରେ ପାଠ ପଢା ଚାଲିଛି । ବିକଳ୍ପ ଘର ନଥିବାରୁ ବାହାରେ ପାଠ ପଢାଇବାକୁ ବାଧ୍ୟ ହେଉଛୁ ବୋଲି ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ କହଛନ୍ତି । ବି ଡି ଓ ମହାଶୟ ଆସି ଉକ୍ତ ବିଦ୍ୟାଳୟ ପରିଦର୍ଶନ କରି ଯାଇଥିବା ମଧ୍ୟ ସେ କହିଛନ୍ତି । ଖୁବ ଶୀଘ୍ର ଉକ୍ତ ବିଦ୍ୟଳୟ କୁ ମରାମତି କରିବାକୁ ଗ୍ରାମବାସୀ ଦାବି ଜଣାଇ ଛନ୍ତି ।

## ଡାବୁଗାଁ ବ୍ଲକରେ କୃଷକ ସଚେତନତା ଶିବିର ଅନୁଷ୍ଠିତ




ନବରଙ୍ଗପୁର ୨୦/୧୨ (ନି.ପ୍ର): ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ପଞ୍ଚାୟତ ର ଜବାଗୁଡ଼ା ଓ ଧୁରକାଡଙ୍ଗରୀ ଗ୍ରାମରେ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ବିଭାଗ ତରଫରୁ କୃଷକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୃଷ୍ଟି ପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା (ଆର.ଏ.ଡି)- ୨୦୨୪-୨୫ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ବିଭାଗ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଉଦ୍ୟାନ ବିଭାଗ ର ମିଳିତ ଆନୁକୂଲ୍ୟ ରେ କୃଷକ ମାନଙ୍କୁ ସମସ୍ତ ବିଭାଗର ଯୋଜନା ଗୁଡିକ ଉପରେ ଚାଷୀ ମାନଙ୍କୁ ଉପସ୍ଥିତ ଅଧିକାରୀ ମାନେ ସରଳ ଭାବେ ବୁଝାଇଥିଲେ । ଏଥିରେ ନବରଙ୍ଗପୁର ମୃତ୍ତିକା ସଂରକ୍ଷଣ ବିଭାଗ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ବିଶ୍ୱାଳ, ଡାବୁଗାଁ ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଧିକାରୀ ଗୌତମ ସେଠୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ସହକାରୀ ଉଦ୍ୟାନ ଅଧିକାରୀ ରବି ଶଙ୍କର ପଣ୍ଡା, ପ୍ରାଣୀ ଚିକିତ୍ସକ ଏନ. ଲୋକ ନାଥ ରେଡ୍ଡୀ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ସ୍ଥାନୀୟ ୱାର୍ଡ ସଭ୍ୟ ଓ ଚାଷୀ ମାନେ ଉପସ୍ଥିତ ଥିଲେ ।

## ବ୍ଲକ କଳା ସଂସ୍କୃତି ସଙ୍ଘ କର୍ମକର୍ତ୍ତା ମନୋନୀତ

ପାଟଣା ୨୦/୧୨ (ନି.ପ୍ର): ପାଟଣା ବ୍ଲକ ସଭାଗୃହ ରେ ବ୍ଲକ ସ୍ତରୀୟ କଳା ସଂସ୍କୃତି ସଂଘର ନୂତନ ଉପସଭାପତି ଓ ୭ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନୀତ ହୋଇଛନ୍ତି ।ଉପସଭାପତି ଭାବେ ନୃପତି କେଶରୀ ମହାନ୍ତ ଓ କାର୍ଯ୍ୟକାରୀ ସମିତି ରେ ଅଭିରାମ ମୁଣ୍ଡା,ଭାସ୍କର ରଣା, ପ୍ରହ୍ଲାଦ ମହାନ୍ତ, ସୁରେଶ ଚନ୍ଦ୍ର ନାଏକ,ମଧୁସୂଦନ ବାରିକ, ଚମ୍ପାବତୀ ମହାନ୍ତ ଓ ସାବିତ୍ରୀ ବେହେରା ମନୋନୀତ ହୋଇଛନ୍ତି ।ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତଥା କଳା ସଂସ୍କୃତି ସଂଘ ର ସମ୍ପାଦକ ଅଭୟ ଚରଣ ଦେହୁରୀ, ପୂର୍ବତନ ଉପସଭାପତି ମଧୁସୂଦନ ବାରିକ, କନିଷ୍ଠ ସହାୟକ ଚନ୍ଦ୍ର ଶେଖର ମାନସିଂ ପ୍ରମୁଖଙ୍କ ଉପସ୍ଥିତି ରେ ଏହି ମନୋନୟନ ପର୍ବ ଅନୁଷ୍ଠିତ ହୋଇଥିଲା । ସଂଘ ର ସଦସ୍ୟା ଓ ସଦସ୍ୟା ମାନେ କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।

## ବିଦ୍ୟାଳୟ ବନ୍ଦ ଓ ଅନ୍ୟତ୍ର ମିଶ୍ରଣକୁ ନେଇ ଗ୍ରାମବାସୀଙ୍କ କ୍ଷୋଭ

# ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ

ନିଶ୍ଚିନ୍ତକୋଇଲି ୨୦/୧୨ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ଅନେକ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକୁ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ କମ ଥିବା କାରଣରୁ କଟକ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ କମ ଉପସ୍ଥାନ ଥିବା ବିଦ୍ୟାଳୟ ଗୁଡ଼ିକୁ ବନ୍ଦ କରିବା ସହ ବନ୍ଦ ହେବାକୁ ଥିବା ବିଦ୍ୟାଳୟର ପାଖ ବିଦ୍ୟାଳୟରେ ଉକ୍ତ ବିଦ୍ୟାଳୟକୁ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଅନୁସାରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କମ ଉପସ୍ଥାନ ଥିବା ବିଦ୍ୟାଳୟ ମାନଙ୍କରେ ନୂତନ ନାମ ଲେଖା ପ୍ରାୟ ୪ବର୍ଷ ହେବ ବନ୍ଦ କରିଦିଆଯାଇଥିଲା । ଫଳରେ ବର୍ଷକୁ ବର୍ଷ ବନ୍ଦ ହେବାକୁ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟା ହ୍ରାସ ପାଇଛି । କେଉଁ ଆଧାରରେ ବିଦ୍ୟାଳୟ ଗୁଡ଼ିକୁ ବନ୍ଦ କରି ଅନ୍ୟ ପାଖ ବିଦ୍ୟାଳୟରେ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଥିଲା । ସମଗ୍ର ଶିକ୍ଷା କଟକ ଜିଲ୍ଲା ପକ୍ଷରୁ କାର୍ଯ୍ୟାଳୟ କେଉଁ ତାରିଖ ଓ ପତ୍ର ସଂଖ୍ୟା କେତେରେ ଏହି ନିର୍ଦ୍ଦେଶ ଥିଲା ତାହା ମଣ୍ଡଳ ଶିକ୍ଷାଧିକାରିଣୀ ବନ୍ଦ ହେବାକୁ ଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ଉକ୍ତ ପତ୍ର ପ୍ରଦାନ କରିଛନ୍ତି ନାଁ ନାହିଁ , ନାଁ ମୌଖିକ ଭାବେ ନୂତନ ନାମଲେଖାକୁ ମଣ୍ଡଳ ଶିକ୍ଷାଧିକାରିଣୀ ବନ୍ଦ କରିଛନ୍ତି ତାହା ସନ୍ଦେହଘେରରେ । କେବଳ ବନ୍ଦ ହେବାକୁ ଥିବା ବିଦ୍ୟାଳୟ ଠାରୁ ମିଶ୍ରଣ ହେବାକୁ ଥିବା ବିଦ୍ୟାଳୟର ଦୂରତାକୁ ଦେଖି ଏଭଳି କରାଯାଇଛି । ହେଲେ ବନ୍ଦ ଓ ମିଶ୍ରଣ ଉଭୟ ବିଦ୍ୟାଳୟକୁ ଗମନାଗମନ ପାଇଁ ଭୌଗୋଳିକ ଅବସ୍ଥିତିକୁ ନଦେଖି ଏଭଳି ନିଷ୍ପ□ ନିଆଯାଇଥିବାରୁ ଛୋଟ ଛୋଟ କୋମଳମତୀ ଛାତ୍ର ଛାତ୍ରୀ ମାନେ ବନ୍ଦ ହେବାକୁଥିବା ବିଦ୍ୟାଳୟରୁ ମିଶ୍ରଣ ହେବାକୁ ଥିବା ବିଦ୍ୟାଳୟକୁ ଯିବା ଆସିବା କରିବା ପାଇଁ ସମ୍ଭବ ନୁହେଁ । କେଉଁଠି କେନାଲ ବନ୍ଧରେ ଯିବାକୁ ପଡ଼ିବ ତ ଅନ୍ୟ କେଉଁଠି ମୁଖ୍ୟ ସଡ଼କ ପଥରେ ଯିବାକୁ ପଡ଼ିବ । କେନାଲ ବନ୍ଧରେ ଗଲେ କେନାଲ ପାଣିରେ ଛାତ୍ର ଛାତ୍ରୀମାନେ କେତେବେଳେ ଯେ ପଡ଼ିନଯିବେ ବା ସଡ଼କପଥରେ ଗଲେ ଯାତାୟତ ସମୟରେ ସଡ଼କ ଦୁର୍ଘଟଣାର ଶୀକାର ନହେବେ ତାହା କହିହେବ ନାହିଁ । ଏହାସହ ଷଣ୍ଢ, ବିଲୁଆ, କୁକୁର ଓ ମାଙ୍କଡଙ୍କ ଭୟ ମଧ୍ୟ ରହିଛି । ଏଥିପାଇଁ ଅଭିଭାବକ ଓ ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏଭଳି ସ୍ଥିତି ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ରିସୋ ଓ କାଳିଆବୁଦା ସରକାରୀ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ । ଏଠାରେ ସୂଚନା ଥାଉ କି ଯଦି ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଉପସ୍ଥାନ କମ୍ ଥିବା ବିଦ୍ୟାଳୟକୁ ବନ୍ଦ୍ କରିବା କଥା ତାହାହେଲେ ସେହି ବନ୍ଦ୍ ହେବାକୁ ଥିବା ବିଦ୍ୟାଳୟରେ ଏବେ ନିକଟରେ କଟକ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ କିପରି ଭାବେ ବନ୍ଦ୍ ହେବାକୁ ଥିବା ବିଦ୍ୟାଳୟରେ ନୂତନ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କରାଯାଇଛି । ଏଥିରୁ ସ୍ପଷ୍ଟ ବାରିହେଉଛି କି ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଠିକ୍ ଢଙ୍ଗରେ ଓ ନୀତି ନିୟମାନୁସାରେ କାର୍ଯ୍ୟ କରୁନାହିଁ । ଏନେଇ ଉଭୟ ବିଦ୍ୟାଳୟର ଗ୍ରାମବାସୀ ମାନେ ଜିଲ୍ଲା ଶିକ୍ଷାଧିକାରୀ କଟକ,ମାନ୍ୟବର ମାହାଙ୍ଗା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ବାଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବନ୍ଦ ହେବାକୁ ଥିବା ବିଦ୍ୟାଳୟ ଗୁଡ଼ିକରେ ନୂତନ ନାମଲେଖା ପାଇଁ ଅନୁମତି ପ୍ରଦାନ କରିବା ସହ ବିଦ୍ୟାଳୟ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓଡ଼ିଶା ସରକାର ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି ।

## ଗଛ କୁ ପିଟିଲା ଅଟୋ ଦୁଇ ଗୁରୁତର

ପାଟଣା ୨୦/୧୨ (ନି.ପ୍ର): ପାଟଣା ଥାନା ଅଞ୍ଚଳ ପାଟଣା-କେନ୍ଦେଇପଶି ରାସ୍ତାର ମାଧପୁର ନିକଟରେ ଆଜି ପୂର୍ବାହ୍ନ ରେ ଭାରସାମ୍ୟ ହରାଇ ଏକ ଅଟୋ ରାସ୍ତାକଡ଼ରେ ଥିବା ଏକ ଆକାଶିଆ ଗଛକୁ ଧକ୍କା ଦେବା ଫଳରେ ଅଟୋରେ ଥିବା ଦୁଇ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ୨ ବ୍ୟକ୍ତି ହେଉଛନ୍ତି ଏହି ଥାନା ବାଦୁଡ଼ି ଘେରା ଗ୍ରାମର ଦିଲ୍ଲିପ ନାଏକ (୩୨) ଓ ସଦର ଥାନା କାଠବାରି ଗ୍ରାମର ହୀରାଲାଲ ନାଏକ(୧୮) । ଏକ ବାଇକ୍‌କୁ ସହ ଦୁର୍ଘଟଣା କୁ ଏଡାଇବାକୁ ଯାଇ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଗୁରୁତରଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଉଭୟଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଦୁନିଆରେ ମାଆର ସ୍ଥାନ କେହି ନେଇ ପାରିବେ ନାହିଁ - ମୁଖ୍ୟ ଅତିଥି

ମାହାଙ୍ଗା ୨୦/୧୨ (ନି.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଂଚାୟତସ୍ଥିତ ନାହାଙ୍ଗ ଗ୍ରାମର ଧର୍ମପରାୟଣା ମହିଳା ତଥା ନାହାଙ୍ଗ ପଂଚାୟତ ପ୍ରାଣୀ ଧନ ନିରୀକ୍ଷକ ରମାକାନ୍ତ ଭଦ୍ର(ଟୁଟୁ)ଙ୍କ ମାତୃ ଦେବୀ ସ୍ୱର୍ଗତା ଅହଲ୍ୟା ଭଦ୍ରଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ବିଶିଷ୍ଟ ସମାଜସେବୀ ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ପୂର୍ବତନ ବିଧାୟକ ରାଜ୍ୟ ବିଜେଡି ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଯୋଗଦେଇ ସ୍ୱର୍ଗତା ଭଦ୍ରଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତା ଭଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ୧ ମିନିଟ୍ ନୀରବ ପ୍ରାର୍ଥନା ସହ ଜ୍ୟୋତିରଂଜନ ମହାନ୍ତି ଗୀତାପାଠ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିବେଶବିତ ତଥା ଜନମଙ୍ଗଳ ସଭାପତି ପ୍ରମୋଦ କୁମାର ଦାଶ ଯୋଗଦେଇ ଦୁନିଆଁରେ ମାଆର ସ୍ଥାନ କେହି ନେଇ ପାରିବେ ନାହିଁ ବୋଲି କହିବା ସହ ନାରୀ ଯୁଗେ ଯୁଗେ ପୂଜନୀୟା ତଥା ସଦା ବନ୍ଦନୀୟା ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ବିବେକାନନ୍ଦ ଦାସ ଯୋଗଦେଇ ମାଆର ଋଣ ସାତ ଜନ୍ମରେ କେହି ପରିଶୋଧ କରିପାରିବେ ନାହିଁ ବୋଲି କହିବା ସହ ପିତାମାତା ଦିବ୍ୟ ସମ୍ପଦ ବୋଲି ମତ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ବର୍ଷିଆନ୍ କବି ପ୍ରଫୁଲ୍ଲ କୁମାର ସିଂ, ସମାଜସେବୀ ଭୁବନେଶ୍ୱର ବରାଳ, ଆଦର୍ଶ ମାହାଙ୍ଗାର ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ମହାନ୍ତି, ଡକ୍ଟର ରଶ୍ମିରଂଜନ ମିଶ୍ର, ଡକ୍ଟର ଲଳିତ ମୋହନ, ଜାନକୀ ନାୟକ, ଅଶ୍ୱିନୀ କୁମାର ତ୍ରିପାଠୀ, ପୁରୁଷୋ□ମ ଜେନା, ଅନିମେଶ ସ୍ୱାଇଁ, ପ୍ରମୋଦ କୁମାର ସାହୁ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଆଦିଶ୍ରୀ ଭଦ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଭଦ୍ରଙ୍କ ବହୁମୁଖୀ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକ ବିଜୟ କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାହାଙ୍ଗା ପଂଚାୟତ ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ଜଳଧର ନାୟକ, ନୀରୋଦ ସେଠୀ, ଅଜୟ ମହାନ୍ତି, ସୁଶାନ୍ତ ଦାସ, ଭାଗ୍ୟଧର ସାହୁ, ବସନ୍ତ ସାମଲ, ଜତୀନଜୟ କୁଅଁର, ତପନ ସିଂ, ବିଜୟ ସିଂ, ପ୍ରିୟବ୍ରତ ସିଂ, ସରପଂଚ କମଳାକାନ୍ତ ରାଉତ, ଗୁରୁଚରଣ ସ୍ୱାଇଁ, ବିଷ୍ଣୁ ପ୍ରସାଦ ସ୍ୱାଇଁ, ରଂଜନ କୁମାର ନାୟକ, କାହ୍ନୁ ଚରଣ ରାଉତ, ସରସ୍ୱତୀ ସ୍ୱାଇଁ, ଶାନ୍ତିଲତା ରାଉତ, ଜୟନ୍ତୀ ଭଦ୍ର, କରୁଣାକର ଭଦ୍ର, ରବିନ୍ଦ୍ର ଭଦ୍ର, ଅଲେଖ ଭଦ୍ର, କାମାକ୍ଷା ନାୟକ, ନିତୀଶ ଭଦ୍ର, ପ୍ରଦୀପ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## କେନ୍ଦୁପାଟଣା ଡାଏରୀ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେବାକୁ ନେଇ ଗୋଚାଷୀଙ୍କ ମଧ୍ୟରେ ଅସନ୍ତୋଷ



ନିଶ୍ଚିନ୍ତକୋଇଲି ୨୦/୧୨ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦୁଗ୍ଧ ଚାଷୀଙ୍କ ପାଇଁ ଶୀଳାନ୍ୟାସ ହୋଇଥିବା କେନ୍ଦୁପାଟଣା ଟାଏରୀର ଭବିଷ୍ୟତକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ୨୦୧୯ ରୁ ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ ସଂପୂର୍ଣ୍ଣ ହୋଇ ପାରୁନାହିଁ । ନିର୍ମାଣ କାର୍ଯ୍ୟ ଅଧାରୁ ଠିକାଦାର ଆଉ କାର୍ଯ୍ୟ କରୁନାହାଁନ୍ତି । ଏଠାରେ ଏହି ଡାଏରୀ କାର୍ଯ୍ୟକ୍ରମ ହୋଇଥିଲେ କଟକ ଓ କେନ୍ଦ୍ରାପଡା ଜିଲ୍ଲାର ବହୁ ଗୋଚାଷୀ ଉପକୃତ ହୋଇପାରିଥାଆନ୍ତେ । ଏହି ପ୍ରକଳ୍ପ ଏଠାରେ କାର୍ଯ୍ୟକାରୀ ହୋଇଥିଲେ ଏଠାରେ ୧୦୦ ଜଣରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀ ନିଯୁକ୍ତି ପାଇଥାଆନ୍ତେ । ୨୦୧୯ ଫେବୃୟାରୀ ୧୭ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁପାଟଣା ଡାଏରୀର ଶିଳାନ୍ୟାସ କରିଥିଲେ । କେନ୍ଦୁପାଟଣା କେନାଲ ବନ୍ଧ ରାସ୍ତାରେ ଆସିଲେ କେନ୍ଦୁପାଟଣା ପଂଚାୟତ ଚମ୍ପତି ପାଟଣାଠାରେ ୨୦ ହଜାର ଲିଟରକ୍ଷମତା ବିଶିଷ୍ଟ ଏହି ଡାଏରୀରେ ଦୁଗ୍ଧ ଶୀତଳୀ କରଣ ହେବା ସହ ବଟ୍‌ଲିଙ୍ଗ୍ ହୋଇ ଓଡିଶାର ବିଭିନ୍ନ ସ୍ଥାନକୁ ଶୁଦ୍ଧ ଓ ପ୍ରୋଟିନ୍ ଯୁକ୍ତ କ୍ଷୀର ଯୋଗାଇ ଦିଆଯାଇଥାଆନ୍ତା । ୧୨କୋଟି ବ୍ୟୟ ଅଟକଳରେ ଇ.ପି.ଆଇ.ସି. ନାମକ ଦିଲ୍ଲୀର ଏକ ଠିକାସଂସ୍ଥା ଟେଣ୍ଡର ଯୋଗେ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲେ । ହେଲେ ଠିକାଦାର କେବଳ ଗୃହ ଓ ପାଚେରୀ ନିର୍ମାଣ କରି କାର୍ଯ୍ୟ ବନ୍ଦ୍ କରି ପଳାଇଛନ୍ତି । ଇତି ମଧ୍ୟରେ ୫ ବର୍ଷ ବିତିଗଲାଣି । ଏହି ଡାଏରୀର ଭବିଷ୍ୟତ ଏବେ ନାଲି ଫିତା ତଳେ । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେଉନଥିବାରୁ ଗୋଚାଷୀ ଅଜୟ ଦାସ, କରୁଣାକର ପରିଡା, ଦିଲ୍ଲିପ ଘଡାଇ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି । ରାଜ୍ୟର ନବଗଠିତ ବିଜେପି ସରକାର ଗୋଚାଷୀଙ୍କୁ ପ୍ରୋତ୍ସାହନ ଓ ଛୋଟ ଡାଏରୀ ନିର୍ମାଣ ନିମନ୍ତେ ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରି କହିଥିଲେ । ପଶୁପାଳନକୁ ଯୁବ ପିଢୀ ଆସିଲେ ବୈପ୍ଳବିକ ପରିବ□ନ ହେବ । ସେଥିପାଇଁ ଯୁବ ପିଢୀଙ୍କ ନିମନ୍ତେ ବ□ମାନର ନୂଆ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପ୍ରଣୟନ କରିଛନ୍ତି । ସରକାର ଏହି କେନ୍ଦୁପାଟଣା ଡାଏରୀକୁ ତୁରନ୍ତ କାର୍ଯ୍ୟକ୍ଷମ ନକଲେ ସ୍ଥାନୀୟ ବାସିନ୍ଦା ପ୍ରଣତୀ ଦାସ, ଶିଶିର କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଗୋଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଅପରପକ୍ଷରେ ଓମ୍‌ଫେଡ଼ର ଡେପୁଟି ମ୍ୟାନେଜର ସୁଧାଂଶୁ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ନିର୍ମାଣାଧିନ ପ୍ରକଳ୍ପରେ ଅତ୍ୟାଧୁନିକ ଯନ୍ତ୍ରପାତୀ ବ୍ୟବହାର ପାଇଁ ଏଷ୍ଟିମେ□ ବଦଳା ଯାଇଛି । ନେସନାଲ ଡାଏରୀ ଡେଭଲପମେ□ ବୋର୍ଡର ଅନୁମୋଦନ ଆସିଲେ ୧୨ କୋଟିର ଏହି ପ୍ରକଳ୍ପ ୨୩ କୋଟି ବ୍ୟୟ ବରାଦରେ ସ୍ୱୟଂ ଚାଳିତ ଯନ୍ତ୍ରପାତୀ ଜରୀଆରେ କାର୍ଯ୍ୟକ୍ଷମ ହୋଇ ପାରିବ ବୋଲି ମତ ରଖିଥିଲେ । ତେବେ ଦେଖିବାକୁ ବାକି ରହିଲା କେବେ ନିର୍ମାଣ କାର୍ଯ୍ୟ ସରୁଛି ଓ କାର୍ଯ୍ୟକ୍ଷମ ହେଉଛି କେନ୍ଦୁପାଟଣା ଡାଏରୀ ।

## ୧୦୮ ଲିଟରର ଚୋରା ମଦ ଜବତ,ତିନି ଗିରଫ

ବାଲୁଗାଁ ୨୦/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀ ଓ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଓ ଟାଙ୍ଗୀ ଅବକାରୀ ଅଧିକାରୀ ଅମରେନ୍ଦ୍ର ଶତପଥିଙ୍କ ନେତୃତ୍ୱରେ ବାଲୁଗାଁ,ବାଣପୁର,ନାଚୁଣି ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା ।ଚଢ଼ାଉ ବେଳେ ଗମ୍ଭାରୀମୁଣ୍ଡା ଗ୍ରାମର ସ୍ୱସ୍ତିକ ରଞ୍ଜନ ପ୍ରଧାନଙ୍କ(୪୩) ନିକଟରୁ ୭୫ ବୋତଲ ଆସ୍କା-୪୦ ଓ ୨୯ ବୋତଲ ବିଦେଶୀ ମଦ (୨୦.୨୨୦ ଲିଟର),ନାଚୁଣି ଥାନା ଅନ୍ତର୍ଗତ ଲୋକିପୁର ଗ୍ରାମର ରାମ ବେହେରାଙ୍କ(୬୦) ନିକଟରୁ ୨୮ ଲିଟର ଦେଶୀମଦ ଏବଂ କନ୍ଧଆମ୍ବଝର ଟାଙ୍ଗୀ ସାହିର ସୁକାନ୍ତ ମଲ୍ଲଙ୍କ(୫୩) ନିକଟରୁ ୬୦ ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ସମସ୍ତ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି ।ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ମୁଦୁଲି ସୂଚନା ଦେଇଛନ୍ତି ।ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଏଏସଆଇ ସଞ୍ଜୟ କୁମାର ମୁଦୁଲି,କନେଷ୍ଟବଳ ଅଶେଷ କୁମାର ପ୍ରଧାନ,ଚିନ୍ମୟୀ ଦାଶ,ତୁଷାରକାନ୍ତ ଚମ୍ପତି,ଗଣେଷ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ଗର୍ଭବତୀ ମହିଳାଙ୍କୁ ଗୁଳି ମାରି ହତ୍ୟା ଘଟଣାର ପର୍ଦ୍ଦାଫାଶ କଲା ପୋଲିସ

## ହାତ ଧରି ଥିବା ସାତଜନ୍ମର ସାଥି ହେଲା ମୁଖ୍ୟ ଆସାମୀ ଓ ତାଙ୍କ ଭିଶୋଇ, ଘରୁ ଫିସ୍ତଲ ସହିତ ସହିତ ଜୀବନ୍ତ ଗୁଳି ଜବତ



ବଣାଇ, ୨୦/୧୨ (ନି.ପ୍ର): ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଥିବା ବଣାଇଁ ଉପଖଣ୍ଡ ଟିକାୟତପାଲୀ ଥାନା ଅନ୍ତର୍ଗତ ଝିର୍ଡାପାଲୀରେ ହୋଇଥିବା ଗର୍ଭବତୀ ମହିଳାଙ୍କ ହତ୍ୟା ମାମଲା ଦୁଇ ଦିନ ନ ପୁରଣୁ ପର୍ଦ୍ଦାଫାଶ କଲା ପୋଲିସ। ଗତକାଲି ବିଭିନ୍ନ ବୟାନ କୁ ନେଇ ସନ୍ଦେହ ଘେରରେ ଥିବା ସ୍ୱାମୀ ଦେବେନ ବେହେରା କୁ ଥାନା କୁ ଆଣି ପଚରା ଉଚୁରା କରିବାରୁ ଘଟଣା ର ପର୍ଦ୍ଦାଫାଶ ହେଇଥିଲାଥିଲା। ଘଟଣା ଅନୁଯାୟୀ ନିଜେ ସ୍ୱାମୀ ରଚି ଥିଲା ହତ୍ୟାକାଣ୍ଡର ଚକ୍ରବ୍ୟୁହ। ପରକ୍ରିୟା ପ୍ରୀତି ଗୋଗୁ ବର୍ବର୍ତାର ସୀମା ଲଂଘି ନିଜ ସ୍ତ୍ରୀ ପେଟରେ ଥିବା ସାତ ମାସର ଛୁଆ ସମେତ ଦୁଇ ଦୁଇ ଟି ନିରୀହ ଜୀବନ କୁ ହତ୍ୟା କରିଥିଲା ସ୍ୱାମୀ। ପୋଲିସ ତଦନ୍ତ ଆଗରେ ହାର ମାନି ସବୁ ସତ କଥା ଉଗାଳି ଦେଲା ଅଭିଯୁକ୍ତ ଦେବେନ। ପୂର୍ବ ଯୋଜନା ଅନୁଯାୟୀ ଦେବେନ ଘର ର ଲାଇଟ ପୂର୍ବରୁ ବନ୍ଦ କରି ରାତ୍ର ର ଅନ୍ଧକାର ରେ ଛୁପି ରହି ଅପେକ୍ଷା କରି ରହିଥିଲା। ଯେମିତି ରାତିରେ ପରିସ୍ରା କରିବାକୁ ସ୍ତ୍ରୀ ବାହାରକୁ ବାହାରି କବାଟ ଖୋଲି ଛନ୍ତି, ସେତେ ବେଳେ ପୂର୍ବରୁ ଛକି ରହିଥିବା ସ୍ୱାମୀ ହଠାତ ତାଙ୍କ ବାମ ଛାତିକୁ ଗୁଳି କରିବା ପରେ ଲୁଟ ଘଟଣା ର ମିଛ ଆଭିନୟ କରି ସମସ୍ତଙ୍କୁ ବିଭ୍ରାନ୍ତ କରିଥିଲା। ପୋଲିସ ତା ବୟାନ କୁ ଆଧାର କରି ସେହି ଘରେ କେମିତି ହତ୍ୟା କରିଥିଲା ତାର ସିନ କ୍ରିୟେଟ କରିବା ସହ ଭାତ ହାଣ୍ଡିରେ ଲୁଚାଇ ଥିବା ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରିବା ସହ ତାକୁ ସହଯୋଗ କରିଥିବା ଭେଣେଇ ସତ୍ୟ ନାରାୟଣ ବେହେରା ଙ୍କୁ ଗିରଫ କରିବା ସହ ବ୍ୟବହୃତ ହେଇଥିବା ସ୍କର୍ପିଓ ଗାଡ଼ିକୁ ଜବତ କରିଛି ପୋଲିସ। ପରିବାର ଲୋକଙ୍କ କହିବା ଅନୁଯାୟୀ ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କ ଶୀଘ୍ର ଗିରଫ କରିବା ପାଇଁ ଦାବି କରିଛନ୍ତି।

# ବରଗଛରୁ ଯୁବକର ମୃତ ଦେହ ଠାବ, ହତ୍ୟା ସନ୍ଦେହ



ଭବାନୀପାଟଣା,୨୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧିନସ୍ଥ ଦଶପୁର ବଜାର ପଡିଆର ବରଗଛରୁ ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଛି । ଏହା ଏକ ହତ୍ୟା ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ କରାଯାଉଛି । ମୃତ ଯୁବକ ହେଉଛନ୍ତି ନୂଆପଡ଼ା ଜିଲ୍ଲା ଖରିଆର ଥାନା କୁର୍ଲୁଭଟା ଗାଁର ଝଜ ସା ( ୩୫) ବୋଲି ଜଣା ପଡିଛି । ସେ ଦଶପୁର ଫାଣ୍ଡି କଲୋନୀପଡା ର କନ୍ଦର୍ପ ସା ଙ୍କ ଝିଅ ଅପୁଛା ସା କୁ ବିବାହ କରିଥିଲେ । ପୂର୍ବରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଛାଡ ପତ୍ର ହୋଇଥିବା ବେଳେ ନିଜ ପୂର୍ବ ସ୍ତ୍ରୀ ଅପୁଛା ରହୁଥିବା ବାପ ଘରକୁ ନିଜ ଦୁଇ ଗୋଟି ଝିଅ କୁ ଦେଖିବାକୁ ଆସିଥିଲେ । ମଧ୍ୟ ରାତ୍ରିରେ ଲକ୍ଷ୍ମୀ ପୂଜା ଅବସରରେ ସେହି ସ୍ଥାନରେ ଏକ ନାଟକ ପରିବେଷଣ ହେଉଥିଲା। ନାଟ୍ୟ କଳାକାର ମାନେ ନୂଆପଡା ଜିଲ୍ଲା ଖରିଆର ଥାନା ବାଦୀ ଅଞ୍ଚଳର ହେବା ହେତୁ ତାଙ୍କ ଚିହ୍ନା ପରିଚୟ । ତେଣୁ ନାଟକ ଦେଖି ସକାଳୁ ତାଙ୍କ ସାଙ୍ଗରେ ଘରକୁ ଯିବା ପାଇଁ ସେ ନାଟ୍ୟ କଳାକାର ମାନଙ୍କ ସହ ରହିଥିଲେ। ହେଲେ ସକାଳୁ ସ୍ଥାନୀୟ ଲୋକେ ଏକ ବରଗଛ ରେ ଏକ ଗାମୁଛା ସାହାଯ୍ୟରେ ଝୁଲନ୍ତା ମୃତ ଦେହ ଦେଖି ସ୍ଥାନୀୟ ପୁଲିସ କୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ଦଶପୁର ପୁଲିସ ପହଞ୍ଚି ତଦନ୍ତ ଜାରୀ ରଖିଛି । ଅନ୍ୟପଟେ ମୃତକ ଙ୍କ ପରିବାର ଲୋକେ ସୁକଳ୍ପିତ ହତ୍ୟାକାଣ୍ଡ ଅଭିଯୋଗ ରେ ଦଶପୁର ଫାଣ୍ଡି ରେ ଶଶୁର ଘର ଲୋକ ଓ ନାଟ୍ୟ କଳାକାର ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିବା ପାଇଁ ଜିଦ ଧରି ବସିଥିଲେ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ଘଟଣାସ୍ଥଳକୁ ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ବେହେରା ପହଁଚି ଲୋକଙ୍କୁ ବୁଝାସୁଝା କରିବା ପରେ ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇଥିବା ଜଣାପଡିଛି। ଅଭିଯୋଗ କୁ ଆଧାର କରି ଦଶପୁର ଫାଣ୍ଡି ରେ କେସ ନମ୍ବର ୨୧୫/୨୪ ରେ ଏକ ମାମଲା ରୁଜୁ ହୋଇଛି ତଦନ୍ତ ପରେ ଏହା ହତ୍ୟା ନା କଣ ସ୍ପଷ୍ଟ ଜଣା ପଡ଼ିବ ଓ ଦୋଷୀ କୁ ଧରା ହେବ ବୋଲି ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

# ଜିଲ୍ଲା ଦୌରା ଜର୍ଜଙ୍କ କୋଟପାଡ଼ ଗସ୍ତ,ବିଭିନ୍ନ ପ୍ରସଙ୍ଗରେ ଓକିଲ ସଂଘ ସହ ଆଲୋଚନା



କୋଟପାଡ଼, ୨୦/୧୨ (ନି.ପ୍ର): ଆଜି କୋଟପାଡ଼ କୋର୍ଟ କୁ ଜିଲ୍ଲା ଦୌରା ଜର୍ଜ ଶ୍ରୀଯୁକ୍ତ ପ୍ରଦୀପ କୁମାର ମହନ୍ତ ପରିଦର୍ଶନ ରେ ଆସିଥିଲେ । ନୂତନଭାବେ ନିର୍ମାଣ ହେବାକୁ ଥିବା ବାର ବୁଇଲଡିଂର ସରଜମିନ ନିରୀକ୍ଷଣ ଓ ନୂତନ ଭାବେ ନିର୍ମାଣ ଚାଲିଥିବା ଟ୍ରାଞ୍ଜିଟ ହାଉସ କାର୍ଯ୍ୟକୁ ନିରୀକ୍ଷଣ କରିଥିଲେ । କୋଟପାଡ଼ କୋର୍ଟକୁ ଜିଲ୍ଲା ଦୌରା ଜର୍ଜ ଙ୍କ ଏହା ପ୍ରଥମ ଗସ୍ତ ହୋଇ ଥିବା କାରଣରୁ ସମସ୍ତ ବିଷୟ ରେ ଅନୁଧ୍ୟାନ କରି ମାଜିଷ୍ଟ୍ରେଟ,ସମସ୍ତ କର୍ମଚାରୀ ଓ ଓକିଲ ସଂଘ ସହ ବିସ୍ତୃତ ଆଲୋଚନା କରିଥିଲେ । ଅତି ଶୀଘ୍ର ବାର ବୁଇଲଡିଂ ର ଭିତ୍ତି ପ୍ରସ୍ତର ସ୍ଥାପନ ଉଚ୍ଚ ନ୍ୟାୟାଳୟ ର ଅନୁମତି ପରେ କରାଯିବ ବୋଲି କହିବା ସହ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କ ରେ ପଚାରି ବୁଝି ଥିଲେ । କୋଟପାଡ଼ ଠାରେ ପ୍ରସ୍ତାବିତ ସବ ଜର୍ଜ କୋର୍ଟ ର ତୁରନ୍ତ ପ୍ରତିଷ୍ଠା ପାଇଁ ଓକିଲ ସଂଘ ତରଫରୁ ଜିଲ୍ଲା ଦୌରା ଜର୍ଜ ଙ୍କୁ ଅନୁରୋଧ କରାଯାଇଥିଲା । ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅପେକ୍ଷା କରାଯାଇଛି ବୋଲି ଓକିଲ ସଂଘକୁ କହିଥିଲେ । ଏହା ପରେ କୋଟପାଡ଼ ଠାରେ ଥିବା ଜେଲକୁ ପରିଦର୍ଶନରେ ଯାଇଥିଲେ । ଜିଲ୍ଲା ଦୌରା ଜର୍ଜ ଙ୍କ ସହ ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା, ତ୍ରିବିକ୍ରମ ମିଶ୍ର ପରିଦର୍ଶନରେ ଆସି ଥିଲେ । ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ତ୍ରିଜୀବ କୁମାର ନନ୍ଦ ସ୍ୱାଗତ କରିଥିଲେ । ଓକିଲ ସଂଘ ତରଫରୁ ସଭାପତି ପଙ୍କଜ କୁମାର ପାତ୍ର ସ୍ୱାଗତ କରିଥିବାବେଳେ ଆଲୋଚନା ରେ ଉପ ସଭାପତି ପ୍ରଦୀପ ବକ୍ସି,ସମ୍ପାଦକ ଶଙ୍କର ପ୍ରସାଦ ପଣ୍ଡା,ଯୁଗ୍ମ ସମ୍ପାଦକ ମୁକ୍ତେଶ୍ୱର ନାୟକ,ପୂର୍ବତନ ସଭାପତି ମଣି ପ୍ରସାଦ ପଟନାୟକ,ଖଗପତି ପାତ୍ର, ଗୁପ୍ତ ବେହେରା,ସରକାରୀ ଓକିଲ କିଶୋର ଚନ୍ଦ୍ର ମିଶ୍ର, ଅଜିତ ପାତ୍ର,ଚିନ୍ମୟ ଷଡ଼ଙ୍ଗୀ, ସଂଗ୍ରାମ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଫୁଟବଲ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ ସମାରୋହ

ବାରିପଦା,୨୦/୧୨ (ନି.ପ୍ର): ବହୁ ବର୍ଷର ଅନ୍ତ ପରେ ଫୁଟବଲର ଗୌରବମୟ ଐତିହ୍ୟକୁ ଫେରାଇ ଆଣିବା ପାଇଁ ଏମକେସି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଡିସେମ୍ବର ୧୭ ଓ ୧୮ ତାରିଖ ଦିନ ବାରିପଦା ଷ୍ଟାଡିୟମରେ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଭା ସମ୍ପନ୍ନ ଛାତ୍ରଙ୍କୁ ନେଇ ଆନ୍ତଃ କ୍ଲାସ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବାକୁ ଥିବା ବେଳେ, ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରହିତ୍ୟରେ ଓ ପୁରାତନ ଫୁଟବଲ ଖେଳାଳୀ ପ୍ରଦୀପ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଫୁଟବଲ ଖେଳାଳୀ ଛାତ୍ର ମାନଙ୍କ ଦ୍ୱାରା ଜର୍ସି ଉନ୍ମୋଚନ ସମାରୋହ ସ୍କୁଲ କେମ୍ପସରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ, ଉପସଭାପତି ଡ. ଅକ୍ଷୟ ଅଗ୍ରୱାଲ, ଉପଦେଷ୍ଟା ମାନସ ଷଡ଼ଙ୍ଗୀ, ସହ ସମ୍ପାଦକ ରବୀନ୍ଦ୍ର ସାହୁ, ବରିଷ୍ଠ ପୁରାତନ ଛାତ୍ର ଅମୂଲ୍ୟ ମିଶ୍ର, ହରିଶ ଷଡ଼ଙ୍ଗୀ, ଅନନ୍ତ ଦାଶ, ଅନ୍ତର୍ଯ୍ୟାମୀ ସାହୁ, ଅଶ୍ୱିନୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିବା ବେଳେ ଯୁବ ଶିକ୍ଷକ ଶାନ୍ତନୁ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଥିବା ଆନ୍ତଃ କ୍ଲାସ ଅମଲେନ୍ଦୁ ଦାସ ଓ ବିନୟ ବାନାର୍ଜୀ ମେମୋରିଆଲ ଶିଲ୍ଡ ଫୁଟବଲ ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ବାରିପଦାର ଖେଳ ପ୍ରେମୀ ମାନଙ୍କ ସହଯୋଗ କାମନା କରା ଯାଇଛି ।



# ନୃତ୍ୟ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ

## ଓଡିଶୀ ନୃତ୍ୟକୁ ଛାଡି ଓଡିଆ ଅସ୍ମିତା କଥା ପରିକଳ୍ପନା କରାଯାଇ ପାରେନା



ଭୁବନେଶ୍ୱର,୨୦/୧୨ (ନି.ପ୍ର): ଓଡିଶାର ଅଗ୍ରଣୀ ନୃତ୍ୟ ଭିତ୍ତିକ ଅନୁଷ୍ଠାନ ନୃତ୍ୟ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଜାଭିୟର ଛକ ସ୍ଥିତ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ ମନ୍ଦିରର ପ୍ରତିଷ୍ଠାତା ଗୁରୁଶ୍ରୀ ଦେବବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚଳଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଯୋଗଦେଇ କହିଥିଲେ ଓଡିଶୀ ନୃତ୍ୟ ଆମ ଜଗନ୍ନାଥ ସଂସ୍କୃତିର ଗୌରବ ବହନ କରେ। ଏହି ନୃତ୍ୟ ଦ୍ୱାରା ଆମ ଓଡିଶା ସାରା ପୃଥିବୀରେ ପ୍ରସିଦ୍ଧ ଲାଭ କରିଛି । ଦେଶ ବିଦେଶରେ ଓଡିଶୀ ନୃତ୍ୟ ଓଡିଆ ଜାତିକୁ ପରିଚିତ କରିଛି। ଆଜି ଯେଉଁ ଓଡିଆ ଅସ୍ମିତା କଥା ଉଠୁଛି ଓଡିଶୀ ନୃତ୍ୟକୁ ଛାଡି ଓଡିଆ ଅସ୍ମିତା କଥା ପରିକଳ୍ପନା କରାଯାଇ ପାରେନା। ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡିଶୀ ନୃତ୍ୟଶିଳ୍ପୀ ତଥା ଅଭିନେତ୍ରୀ ପ୍ରିୟମ୍ବଦା ରାୟ, ଅଧ୍ୟାପକ ଡ. ମୀନକେତନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କହିଥିଲେ ସାଧନା, ଧୈର୍ଯ୍ୟ ଓ ନିଷ୍ଠା ରଖିଲେ ଜଣେ ଭଲ କଳାକାର ହୋଇ ପାରିବ। ଆଜି ଯେଉଁମାନେ ପ୍ରସିଦ୍ଧ ଲାଭ କରିଛଁ ତାହା କେବଳ ବିଶିଷ୍ଟ ଗୁରୁ ଓ ଅନୁଷ୍ଠାନ ପାଇଁ ସମ୍ଭବ ହୋଇପାରିଛି ବୋଲି କହିବା ସହିତ ନୃତ୍ୟ ମନ୍ଦିରର ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୁରୁ ଆଶିଷ କୁମାର ଦାସଙ୍କୁ ପଦ୍ମଶ୍ରୀ ମିନତି ମିଶ୍ର ପ୍ରତିଭା ସମ୍ମାନ, ଗୁରୁ ଡ. ମନୋଜ କୁମାର ବେହେରାଙ୍କୁ ଡଃ ବିଦ୍ୟୁତ କୁମାରୀ ଚୌଧୁରୀ ପ୍ରତିଭା ସମ୍ମାନ, ଗୁରୁ ବିକାଶ ଶୁକ୍ଲାଙ୍କୁ ଗୁରୁ ଘନଶ୍ୟାମ ପଣ୍ଡା ପ୍ରତିଭା ସମ୍ମାନ, ଭାଗିରଥି ପଣ୍ଡାଙ୍କୁ ଗୋବିନ୍ଦ ଚନ୍ଦ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ନୃତ୍ୟ ମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ଓ ଏକକ ସଙ୍ଗୀତ ପରିବେଶଣ କରାଯାଇଥିଲା। ଜ୍ଞାନାନନ୍ଦ ସାଗର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦଶମ ଜାତୀୟସ୍ତରୀୟ ଟୋଙ୍ଗ- ଇଲ୍- ମୁଁ -ଡୁ ଚମ୍ପିଅନସିପରେ ଓଡିଶାରୁ ୩୦ ଜଣଙ୍କ ଅଂଶଗ୍ରହଣ



ଭୁବନେଶ୍ୱର, ଟୋଙ୍ଗ-ଇଲ୍-ମୁଁ-ଡୁ ଫେଡେରେସନ ପକ୍ଷରୁ ଦଶମ ଜାତୀୟ ସ୍ତରୀୟ ଟୋଙ୍ଗ-ଇଲ୍-ମୁଁ-ଡୁ ଚମ୍ପିଅନସିପ ଫାୟାର ଫକ୍ସ ଷ୍ଟାଡିୟମ ହାଇଦ୍ରାବାଦ, ତେଲେଙ୍ଗାନା ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଚମ୍ପିଅନସିପ ୧୩ ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବ। ଏଥିରେ ଓଡିଶାରୁ ୩୦ ଜଣ ପ୍ରତିଯୋଗୀ ଏବଂ ରେ'ରୀ ଅଂଶଗ୍ରହଣ କରିବେ। ଆଜି ସକାଳୁ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଏହି ୩୦ ଜଣ ପ୍ରତିଯୋଗୀଙ୍କ ସହିତ ରେଫରୀ ଜନ୍ମେଜୟ ରଥ, ସାଲିନୀ ସିଂ, ଅନୁରାଗ ନନ୍ଦ. ଦେବାଶିଷ ପ୍ରଧାନ, କୋଚ୍ ବଳରାମ ନାୟକ ଓ ମ୍ୟାନେଜର ଲଲାଟ କୁମାର ପରିଡା ପ୍ରମୁଖ ଗସ୍ତ କରିଛନ୍ତି। ଏହି ଅବସରରେ ଫେଡେରେସନର ସଭାପତି ବୀର କିଶୋର ଦେବ, ଚେୟାରମ୍ୟାନ ରବି ନାରାୟଣ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରତିଯୋଗିତାରେ କୃତିତ୍ୱ ହାସଲ ନିମନ୍ତେ କାମନା କରିଛନ୍ତି।

# ତାଲା ଭାଙ୍ଗି ଚା ଦୋକାନରୁ ସାମଗ୍ରୀ ଚୋରି, ଥାନାରେ ଏତଲା

ଦଶମନ୍ତପୁର, ୨୦/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ା ଗଡ଼ ସଦର ପଞ୍ଚାୟତ ସ୍ଥିତ ହାଟ ପଦା ଠାରେ ଥିବା ଏକ ଚା ଦୋକାନ ରୁ ଗତକାଲି ତଥା ଗୁରୁବାର ଦିନ ବିଳମ୍ବିତ ରାତିରେ ତାଲା ଭାଙ୍ଗି ପାଖାପାଖି ୨୦ ହଜାର ଟଙ୍କା ର ସାମଗ୍ରୀ ଚୋରୀ ହୋଇଥିବା ନେଇ କୋରାପୁଟ ସଦର ଥାନା ରେ ଏତଲା ଦେଇ ଥିବା ଅଭିଯୋଗ ହୋଇଛି ।ଚୋରୀ ହୋଇଥିବା ସେହି ଚା ଦୋକାନୀ ମାଲିକ ହେଲେ , ଗୁପ୍ତ ବିଶୋଇ । କହିବାନୁସାରେ ସେ ଗତକାଲି ସନ୍ଧ୍ୟା ସମୟ ରେ ଚା ବ୍ୟବସାୟୀ ସାରି ନିଜ ଘର 'ବିଲାନ ସିଲ' କୁ ଚାଲି ଯାଇଥିଲେ। ହେଲେ ଏହାର ସୁଯୋଗ ନେଇ, କେହି ଦୁର୍ବୃର୍ତ୍ତ ମାନେ ଗ୍ୟାସ ସିଲିଣ୍ଡର,ଚୂଲି ସହିତ, ବିଭିନ୍ନ ହାଣ୍ଡି ତେଲ,କରଇ ଭଳି ଅନେକ ସାମ୍ଗ୍ରୀ ଚୋରି ନେଇ ଥିବା ଦେଖିବାକୁ ମିଳିଛି। ସୂଚନା ରୁ ଜଣାପଡିଛି ଯେ, ଗୁପ୍ତ ଭୋର ସକାଳୁ ଆସି ଦୋକାନ ଖୋଲିବା ବେଳକୁ ଦୋକାନ ରୁ ତାଲା ଭାଙ୍ଗି ଚୋରି ହୋଇ ଥିବା ଦେଖି,ତାଜୁବ ହୋଇ ଥିଲେ। ଏବଂ ଘଟଣାକୁ ନେଇ କୋରାପୁଟ ସଦର ଥାନାରେ ଏତଲା ଦେଇଥିବା ସେ ପ୍ରକାଶ କରିଛନ୍ତି। ଏଥିରେ ଏତଲା କୁ ଭିତ୍ତି କରି ତଦନ୍ତ କରା ଯିବ ବୋଲି, କୋରାପୁଟ ସଦର ପୋଲିସ କହିଥିବା କୁହାଯାଇଛି ।ସେ କହିବା ଅନୁସାରେ, ଗୁପ୍ତ ଙ୍କ ପରିବାର ଅତି ଗରିବ। ଚା ବ୍ୟବସାୟୀ କରି, ସେଥିରେ ଯାହା ରୋଜଗାର ହେଲେ, ପରିବାର ର ଭରଣ ପୋଷଣ କରିଥାନ୍ତି ବୋଲି, ଦୁଃଖର ସହ ପ୍ରକାଶ କରିଛନ୍ତି।

# ରାଇକିଆ ତହସିଲଦାର ଙ୍କ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

## ୨୩୨ ଜଣ ଆଦିବାସୀ ହିତାଧିକାରୀଙ୍କୁ ମିଳିଲା ଜଙ୍ଗଲ ଜମିପଟ୍ଟା

ରାଇକିଆ ତା,୨୦/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ସ୍ଥିତ ତହସିଲଦାର ଙ୍କ କାର୍ଯ୍ୟାଳୟ ତରଫରୁ ରାଇକିଆ ତହସିଲଦାର ତଥା ତହସିଲ ସ୍ତରୀୟ ମନିଟରିଙ୍ଗ କମିଟିର ଅଧକ୍ଷା ସୁଶ୍ରୀ ସୁଭଦ୍ରା ମୁଣ୍ଡିକାଙ୍କ ଅଧକ୍ଷତାରେ ମାଣିକେଶ୍ୱର ଓ ରାଇକିଆ ପଞ୍ଚାୟତର ଆଦିବାସୀ ମାନଙ୍କୁ ଜଙ୍ଗଲ ଜମି ଦାବିଦାର ଭାବେ ଆଜି ପଟ୍ଟା ବଣ୍ଟନ କରାଯାଇଛି। ୨୦୦୮ ମସିହାରେ ଦାବି କରିଥିବା ଆଦିବାସୀମାନଙ୍କ ଦଖଲରେ ଥିବା ଜଙ୍ଗଲ ଜମିର ରେକର୍ଡ ଅଫ୍ ରାଇଟସ୍ (ଜଙଜ) ଗୁଡ଼ିକ ପ୍ରଶାସନ ତରଫରୁ ପ୍ରଦାନ କରାଯାଇଛି। ଏଥିରେ ରାଇକିଆ ଓ ମାଣିକେଶ୍ୱର ପଞ୍ଚାୟତର ୨୩୨ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି ।ଆଦିବାସୀଙ୍କ ଜୀବନ ଜୀବିକା ଓ ଖାଦ୍ୟ ନିରାପତ୍ତା ପାଇଁ ଜଙ୍ଗଲ ଅଧିକାର ଆଇନ ୨୦୦୬ ସଂଶୋଧିତ ନିୟମ ୨୦୧୨ ଅନୁଯାୟୀ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ନିଜର ଦଖଲରେ ଥିବା ଏହି ସମସ୍ତ ଜଙ୍ଗଲ ଜମିର ରେକର୍ଡ ଅଫ୍ ରାଇଟସ୍ (ROR) ପାଇବା ପାଇଁ ଅଧିକାର ଦିଆଯାଇଛି। ଆଦିବାସୀମାନଙ୍କର ଆର୍ଥିକ ଅଭିବୃଦ୍ଧି, ଜୀବନ ଜୀବିକା ଓ ଖାଦ୍ୟ ନିରାପତ୍ତାରେ ସୁଦୃଢ କରିବା ପାଇଁ ଜଙ୍ଗଲ ଜମିରେ ବିଭିନ୍ନ ଚାଷ କରିବା, ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ଭଳି ବିପଦ ସମୟରେ ବିଭିନ୍ନ ପଦକ୍ଷେପମାନ ଉପରେ ଅବଗତ କରାଯାଇଛି। ଦୀର୍ଘ ବର୍ଷ ପରେ ସମସ୍ତେ ଦାବିଦାରମାନେ ନିଜର ରେକର୍ଡ ଅଫ୍ ରାଇଟସ୍ (ROR) ପାଇବା ପରେ ନିଜର ଖୁସି ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଉର୍ମିଳା ପ୍ରଧାନ, ରାଇକିଆ ସରପଞ୍ଚ ଶ୍ରୀମତୀ ଗୀତାଞ୍ଜଳି ନାୟକ, ନାଏବ ସରପଞ୍ଚ ନିଥିଏଲ୍ ନାୟକ, ରାଜସ୍ୱ ନୀରିକ୍ଷକ ସୁପ୍ରିୟା ସ୍ନିଗ୍ଧା ବେହେରା, ରାଜସ୍ୱ ସୁପର ଭାଇଜର ଗୋଲକ ବିହାରୀ ସାମନ୍ତ ସିଂହାର କର, ମାଣିକେଶ୍ୱର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଲୋକନାଥ ପଟ୍ଟନାୟକ, ଏଫ୍ ଆର୍ ସେଲ୍ ସଂଯୋଜକ ଗଣେଶ ପ୍ରଧାନ, ବସୁନ୍ଧରା ସଂଯୋଜକ ହୃଷିକେଶ ପ୍ରଧାନ ଉପସ୍ଥିତ ଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ